RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -188 | ସଂଖ୍ୟା-୧୮୮
ଭୁବନେଶ୍ୱର, ଶନିବାର ୧୦ ଅକ୍ଟୋବର ୨୦୨୬
Bhubaneswar, Satuday 10 October, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ଭିଜିଲାନସ ଜାଲରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ

ଭୁବନେଶ୍ୱର, ୯।୧୦(ନି.ପ୍ର): ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ସୁନ୍ଦରଗଡ଼ର ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ୱାଟରସେଡ୍ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ରଙ୍କ ସହ ସମ୍ପୃକ୍ତ ୮ଟି ଠିକଣାରେ ଏକକାଳୀନ ଚଢ଼ାଉ ଆରମ୍ଭ କରାଯାଇଛି। ଭୁବନେଶ୍ୱର, ସୁନ୍ଦରଗଡ଼ ଓ କଟକ ଜିଲ୍ଲାରେ ଏହି ଚଢ଼ାଉ ଚାଲିଛି।

ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଜାରି ଔପଚାରିକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଏହି ଚଢ଼ାଉ ପାଇଁ ଜଣେ ଅତିରିକ୍ତ ଏସ୍‌ପି, ଚାରି ଜଣ ଡିଏସ୍‌ପି, ୧୩ ଜଣ ଇନ୍ସପେକ୍ଟର, ପାଞ୍ଚ ଜଣ ଏଏସ୍‌ଆଇ ଏବଂ ଅନ୍ୟ ସହଯୋଗୀ କର୍ମଚାରୀଙ୍କୁ ନେଇ ବିଭିନ୍ନ ଟିମ୍ ଗଠନ କରାଯାଇଛି। ସୁନ୍ଦରଗଡ଼ର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି ତଲାସି ଅଭିଯାନ ଚାଲିଛି। ଭିଜିଲାନ୍ସ ଟିମ୍ ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ଶ୍ରାବଣୀ ରେସିଡେନ୍ସିର ଦ୍ୱିତୀୟ ମହଲାରେ ଥିବା ଫ୍ଲାଟ୍ ନମ୍ବର-୮ରେ ତଲାସି କରୁଛନ୍ତି। ଏହା ସହିତ ମଞ୍ଜୁନାଥ ଭିଲାର ଫେଜ୍-୨ରେ ଥିବା ଏମ୍-୧୦୫, ଏମ୍-୧୧୦ ଏବଂ ଏମ୍-୧୧୫ ନମ୍ବର ବିଶିଷ୍ଟ ତିନୋଟି ଦୁଇ ମହଲା ବିଶିଷ୍ଟ ଆବାସିକ ଘରର ମଧ୍ୟ ଯାଞ୍ଚ କରାଯାଉଛି।

ଭୁବନେଶ୍ୱରର ବାଲିଅନ୍ତାସ୍ଥିତ ପାତ୍ରଙ୍କ ଅନ୍ୟ ଏକ ଆବାସିକ ଘରେ ମଧ୍ୟ ଚଢ଼ାଉ ଜାରି ରହିଛି। ଏଥିସହ ସୁନ୍ଦରଗଡ଼ସ୍ଥିତ ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ୱାଟରସେଡ୍ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କକ୍ଷ ଏବଂ ସୁନ୍ଦରଗଡ଼ ସହରରେ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସରକାରୀ ବାସଭବନରେ ମଧ୍ୟ ତଲାସି ଚାଲିଛି।

ଏହି ଚଢ଼ାଉ ପରିସରରେ କଟକ ଜିଲ୍ଲାର ବାଙ୍କୀ ଥାନା ଅନ୍ତର୍ଗତ ଚର୍ଚ୍ଚିକା ଗ୍ରାମରେ ଥିବା ତାଙ୍କ ଶ୍ୱଶୁର ଘର ପକ୍ଷର ଏକ ଆବାସିକ ଘର ମଧ୍ୟ ସାମିଲ ରହିଛି।

## ଗୋପବନ୍ଧୁ ଥିଲେ ଓଡ଼ିଆ ଅସ୍ମିତାର ଜୀବନ୍ତ ଆଲେଖ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୧୦(ନି.ପ୍ର); ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ଆମର ଯୁବ ସମାଜ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଜି ଜୟଦେବ ଭବନଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମୁଖ୍ୟମନ୍ତ୍ରୀ,ତାଙ୍କର ତ୍ୟାଗ, ସେବା, ଦେଶପ୍ରେମ ଓ ସାରସ୍ୱତ ସାଧନାର ସ୍ମୃତିଚାରଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୋପବନ୍ଧୁ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ମହାନ୍? ଅନୁଷ୍ଠାନ, ଜାତୀୟ ଚେତନା ଓ ଓଡ଼ିଆ ଅସ୍ମିତାର ଜୀବନ୍ତ ଆଲେଖ୍ୟ। ଆଜିର ଯୁବପିଢ଼ି ଗୋପବନ୍ଧୁଙ୍କ ସେବା ମନୋଭାବକୁ ଆପଣାଇ ରାଷ୍ଟ୍ରଗଠନରେ ସକ୍ରିୟ ଯୋଗଦାନ ଦେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଯୁବପିଢ଼ୀଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ, ଆପଣମାନେ କେବଳ ନିଜ ବ୍ୟକ୍ତିଗତ ସଫଳତା ପାଇଁ ନୁହେଁ, ବରଂ ସମାଜ ପ୍ରତି ଆପଣଙ୍କର ଦାୟିତ୍ୱକୁ ବୁଝନ୍ତୁ। କେବଳ ନିଜ ପାଇଁ ବଞ୍ଚିବା ପ୍ରକୃତ ଜୀବନ ନୁହେଁ, ବରଂ ପଣ୍ଡିତ ଗୋପବନ୍ଧୁଙ୍କ ପରି ଅନ୍ୟର ମୁହଁରେ ହସ ଫୁଟାଇବାରେ ଏବଂ ରାଜ୍ୟର ସେବାରେ ନିଜକୁ ନିୟୋଜିତ କରିବାରେ ହିଁ ଜୀବନର ସାର୍ଥକତା ରହିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ପାଇଁ ନିରନ୍ତର ପ୍ରେରଣାର ଉତ୍ସ। ସମାଜର ଦରିଦ୍ର, ଅବହେଳିତ ଲୋକଙ୍କର ସେବା କରିବା ଏବଂ ଅପହଞ୍ଚ ଇଲାକାରେ ସମାଜରେ ଶେଷ ଧାଡ଼ିରେ ଥିବା ଲୋକଙ୍କ କଲ୍ୟାଣ ପାଇଁ କାମ କରିବା ଥିଲା ଗୋପବନ୍ଧୁଙ୍କ ଆଦର୍ଶ। ଗୋପବନ୍ଧୁଙ୍କ ସେହି ଆଦର୍ଶକୁ ଅନୁସରଣ କରି ଆମ ସରକାର ସମାଜର ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେ କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ଲକ୍ଷ୍ୟ ନେଇ



ଆମ ସରକାର କେଜି ରୁ ପିଜି ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା, 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା', 'ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା', ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ବିନା ମୂଲ୍ୟରେ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ ଆଦି ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମଧୁବାବୁ ପେନସନ୍ ଯୋଜନାରେ ମଧ୍ୟ ସାଚୁରେସନ୍ ଆଣି ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପେନସନ୍ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ଗୋପବନ୍ଧୁଙ୍କ ପ୍ରେରଣାରେ ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତାର ସୁରକ୍ଷା ପାଇଁ 'ଓଡ଼ିଆ ଅସ୍ମିତା ଭବନ' ପ୍ରତିଷ୍ଠା, ସତ୍ୟବାଦୀସ୍ଥିତ 'ଓଡ଼ିଆ ବିଶ୍ୱବିଦ୍ୟାଳୟ'ର ଉନ୍ନତିକରଣ, ୯୦ କୋଟି ଟଙ୍କା ବ୍ୟୟରେ ବକୁଳ ବନର ପୁନର୍ବିକାଶ ଏବଂ ଗୋପବନ୍ଧୁଙ୍କ ଜନ୍ମମାଟି ସତ୍ୟବାଦୀ ଅଞ୍ଚଳର ବିକାଶ ପାଇଁ ପ୍ରାୟ ୫୦୦ କୋଟି ଟଙ୍କାର ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଆଜିର ଯୁବପିଢ଼ିକୁ ଉତ୍କଳମଣି ଗୋପବନ୍ଧୁଙ୍କ ପଥକୁ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ଏକ ସମୃଦ୍ଧ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ଗୋପବନ୍ଧୁଙ୍କ ଚିନ୍ତାଧାରା ଓ ଆଦର୍ଶ ଅତ୍ୟନ୍ତ ପ୍ରାସଙ୍ଗିକ। ଏହି ଅବସରରେ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର କହିଥିଲେ ଯେ, ଆଜିର ଆଧୁନିକ ସମୟରେ ମଧ୍ୟ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଚିନ୍ତାଧାରା ଓ ଆଦର୍ଶ ପ୍ରାସଙ୍ଗିକ ଅଟେ। ଏହି ଅବସରରେ ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍ ପ୍ରକାଶ ମିଶ୍ର କହିଥିଲେ ଯେ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପବିତ୍ର ପୁଣ୍ୟଭୂମିରେ ଜନ୍ମଗ୍ରହଣ କରିବା ମୋ ପାଇଁ କେବଳ ଗର୍ବର ବିଷୟ ନୁହେଁ, ବରଂ ଏହା ମୋର ବି ଅହଙ୍କାର। ଜନ୍ମ ନୁହେଁ, ବରଂ ମଣିଷର କର୍ମ ଓ ମୃତ୍ୟୁ ହିଁ ତା'ର ପରିଚୟ ସୃଷ୍ଟି କରିଥାଏ। ଏହି ଅବସରରେ ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ ଗୋପବନ୍ଧୁଙ୍କ ନିଷ୍କାମ ସେବା ମନୋଭାବକୁ ମନେ ପକାଇ କହିଛନ୍ତି ଯେ, ସମାଜର ଗରୀବ, ଅସହାୟ ଓ ନିଷ୍ପ ?ସିତ ଲୋକଙ୍କ ସେବାରେ ଗୋପବନ୍ଧୁ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଦେଇଥିଲେ। ଏହି ଅବସରରେ ଖଲ୍ଲିକୋଟ ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ, ପୁଣ୍ୟାତ୍ମା ଗୋପବନ୍ଧୁ ଦାସ କେବଳ ପୁରୀ ଜିଲ୍ଲାର ନୁହନ୍ତି, ବରଂ ସମଗ୍ର ମାନବ ସମାଜ ଓ ଓଡ଼ିଶାର ଗର୍ବ। ଏହି ଅବସରରେ ବହୁ ଅତିଥି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ ମହିଳା କଲେଜ ଓ ତୁଳସୀ ମହିଳା ମହାବିଦ୍ୟାଳୟରେ ସାଇନ-ଏ-ଡାଏ ଘୋଷଣା

ଭୁବନେଶ୍ୱର,୯।୧୦(ନି.ପ୍ର); ଭଦ୍ରକ ମହିଳା କଲେଜକୁ ଆସନ୍ତାକାଲିଠାରୁ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ କଲେଜରେ ପାଠପଢ଼ା ସହିତ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିବ। ଶୁକ୍ରବାର କଲେଜ ଅଧକ୍ଷଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି।



ଗତକାଲି ଭଦ୍ରକ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ସଂସଦ ନିର୍ବାଚନକୁ ବାତିଲ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ଆଜି ଛାତ୍ରୀମାନଙ୍କର ବିଭିନ୍ନ ଗୋଷ୍ଠୀ ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ କଲେଜ ପରିସରରେ ଉତ୍ତ ?ଜନା ପ୍ରକାଶ ପାଇଥିଲା। ଏହା କଲେଜର ଶାନ୍ତ ଶୈକ୍ଷିକ ବାତାବରଣକୁ ନଷ୍ଟ କରିଥିବା କାରଣରୁ ଅଧକ୍ଷ ଆସନ୍ତାକାଲିଠାରୁ ସାଇନ-ଏ-ଡାଏ ଘୋଷଣା କରିଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଓ କିଛି ଅନିର୍ବାର୍ଯ୍ୟ କାରଣ ଯୋଗୁ ଗତକାଲି ଭଦ୍ରକ ମହିଳା କଲେଜରେ ନିର୍ବାଚନକୁ ବାତିଲ କରାଯାଇଥିଲା।

ସେହିପରି କେନ୍ଦ୍ରାପଡାରେ ଥିବା ତୁଳସୀ ମହିଳା ମହାବିଦ୍ୟାଳୟରେ ନିର୍ବାଚନକୁ ବାତିଲ କରାଯିବା ପରେ ଉତ୍ତେଜନା ଦେଖାଦେବାରୁ ସେଠାରେ ମଧ୍ୟ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ତୁଳସୀ ମହିଳା ମହାବିଦ୍ୟାଳୟରେ ଆଜି ନାମାଙ୍କନ ପତ୍ର ଦାଖଲକୁ ନେଇ ଦୁଇ ଗୋଷ୍ଠୀ ଛାତ୍ରୀଙ୍କ ମଧ୍ୟରେ ତୁମୁଳକାଣ୍ଡ ହୋଇଥିଲା। କିଛି ଛାତ୍ରୀ ଜାଣିଶୁଣି କଲେଜ ପରିସରରେ ବାଧା ଉପୁଜାଇବା ସହିତ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ପ୍ରାକ୍ ନିର୍ବାଚନୀ ହିଂସା, ସୃଷ୍ଟି ହୋଇଥିବା ବିଶୃଙ୍ଖଳା ଏବଂ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଲେଜରେ ଛାତ୍ରୀ ସଂସଦ ନିର୍ବାଚନକୁ ବାତିଲ କରାଯାଇଥିଲା। ଏହାକୁ ନେଇ ଉତ୍ତ ?ଜନା ପ୍ରକାଶ ପାଇବା ପରେ ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସାଇନ-ଏ-ଡାଏ ଘୋଷଣା କରାଯାଇଛି।

## ରାଷ୍ଟ୍ରପତିଙ୍କୁ ଭେଟିଲେ ରାହୁଲ

**ନୂଆଦିଲ୍ଲୀ,୯।୧୦(ନି.ପ୍ର):** ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି କ୍ରମରେ 'ଇଣ୍ଡିଆ' ମେଣ୍ଟର ଏମ୍‌ପିମାନେ ସଂସଦ ଭବନର ସେଣ୍ଟ୍ରାଲ ହଲରୁ ବିଜୟ ଚୌକ ପର୍ଯ୍ୟନ୍ତ ଏକ ପଦଯାତ୍ରା କରିଥିଲେ। ଏହାପରେ ବିରୋଧୀ ଦଳଗୁଡ଼ିକର ଏକ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।



କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଏହି ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତିଙ୍କୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ଦାବିପତ୍ର ଦେଇଛନ୍ତି। ରାଷ୍ଟ୍ରପତିଙ୍କୁ ଭେଟିବା ପରେ ରାହୁଲ ଗାନ୍ଧୀ କହିଛନ୍ତି ଯେ, "ରାଷ୍ଟ୍ରପତିଙ୍କ ସହ ଆମର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଯେତେବେଳେ ଆମେ ରାଷ୍ଟ୍ରପତିଙ୍କୁ 'ଭୋଟ ଚୋରି' ବିଷୟରେ ଜଣାଇଲୁ, ସେ ଏହାକୁ ମନା କରି ନ ଥିଲେ। ବରଂ ସେ ଆମକୁ ଏହାର ପ୍ରମାଣ ଉପସ୍ଥାପନ କରିବାକୁ କହିଛନ୍ତି।" ଏହାସହ ସେ ରାଷ୍ଟ୍ରପତିଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

ଅନ୍ୟପଟେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ ନିର୍ବାଚନରେ ପୁନର୍ବାର ବାଲଟ ପେପର ବ୍ୟବସ୍ଥା ଲାଗୁ କରିବାକୁ ଦାବି କରାଯାଇଛି ଏବଂ ରାଷ୍ଟ୍ରପତି ମାଗିଥିବା ସମସ୍ତ ପ୍ରମାଣ ଖୁବଶୀଘ୍ର ହସ୍ତାନ୍ତର କରାଯିବ। ତୃଣମୂଳ କଂଗ୍ରେସ ପ୍ରମୁଖ ମମତା ବାନାର୍ଜୀ କହିଛନ୍ତି ଯେ ବିରୋଧୀ ମେଣ୍ଟ ସମ୍ପୂର୍ଣ୍ଣ ଏକଜୁଟ ଏବଂ ଶକ୍ତିଶାଳୀ ଅଛି, ଯିଏ ଦେଶର ୬୦ ପ୍ରତିଶତରୁ ଅଧିକ ଜନସାଧାରଣଙ୍କ ପ୍ରତିନିଧିତ୍ୱ କରୁଛି।

ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ମମତା ବାନାର୍ଜୀ, ଅଭିଷେକ ବାନାର୍ଜୀ ଏବଂ ଡି.କେ. ଶିବକୁମାରଙ୍କ ସମେତ ଅନେକ ବିରୋଧୀ ସାଂସଦ ବିଜୟ ଚୌକରେ ଧାରଣାରେ ବସି ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ନାରାବାଜି କରିଥିଲେ।

ଏହାପୂର୍ବରୁ ସମ୍ବିଧାନ ସଦନର କେନ୍ଦ୍ରୀୟ କକ୍ଷରେ ବିରୋଧୀ ନେତାମାନେ ଏକାଠି ହୋଇ 'ଭୋଟ ଚୋରି' ବିରୋଧରେ ଆନ୍ଦୋଳନକୁ ଆଗକୁ ନେବା ଏବଂ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ସେଣ୍ଟ୍ରାଲ ହଲରେ ଏମ୍‌ପିମାନଙ୍କୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଥିଲେ ଯେ ଦେଶର ନାଗରିକଙ୍କ ଅଧିକାର ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଗୁଜରାଟ, ହରିୟାଣା ଏବଂ ମହାରାଷ୍ଟ୍ର ନିର୍ବାଚନ ଫଳାଫଳକୁ ନେଇ ପ୍ରଶ୍ନ ଉଠାଇବା ସହ ସେ କହିଥିଲେ ଯେ ଏହା କେବଳ ଜ୍ଞାନେଶ କୁମାରଙ୍କ କଥା ନୁହେଁ, ବରଂ ବର୍ତ୍ତମାନ ସରକାରଙ୍କୁ ବରଖାସ୍ତ କରିବାକୁ ପଡ଼ିବ। ଏହି ବୈଠକରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ, ଏନସିପି ନେତ୍ରୀ ସୁପ୍ରିୟା ସୁଲେ, ସିପିଆଇ(ଏମ୍) ନେତା ଏମ୍.ଏ. ବେବି, ସିପିଆଇ ନେତା ଡି. ରାଜା, ସମାଜବାଦୀ ପାର୍ଟି ଏମ୍‌ପି ରାଜୀବ ରାୟ, ସ୍ୱାଧୀନ ଏମ୍?ପି କପିଲ ସିବଲଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

## ଶିଶୁ ଓ ଗର୍ଭବତୀ ମା'ଙ୍କ ଯତ୍ନ ନେବା ଆମର ସାମାଜିକ ଦାୟିତ୍ୱ : ଧର୍ମେନ୍ଦ୍ର

**କୁଚିଣ୍ଡା/ସମ୍ବଲପୁର/ଭୁବନେଶ୍ୱର,୯।୧୦(ନି.ପ୍ର):** ନବଜାତ ଶିଶୁ ଓ ଗର୍ଭବତୀ ମା'ଙ୍କ ସୁସ୍ଥ ଶରୀର ପାଇଁ ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ ସାମାଜିକ ଦାୟିତ୍ୱ ବୋଲି ଶୁକ୍ରବାର ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କୁଚିଣ୍ଡା ଗସ୍ତ ଅବସରରେ 'ସେବା ସଂକଳ୍ପ ଅଭିଯାନ' ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଆଜି କୁଚିଣ୍ଡା ଠାରେ ନବନିର୍ମିତ 'ଅଡିଟୋରିୟମ୍ ଏବଂ ସାଂସ୍କୃତିକ କେନ୍ଦ୍ର' ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କେନ୍ଦ୍ର ସହ ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ଜନହିତକର ପ୍ରକଳ୍ପଗୁଡ଼ିକ କୁଚିଣ୍ଡାକୁ ଏକ ନୂତନ ପରିଚୟ ପ୍ରଦାନ କରିବ ବୋଲି ସେ ପ୍ରକାଶ କରିଥିଲେ। ଏହାପରେ ସାଂସଦ ଶ୍ରୀ ପ୍ରଧାନ କୁଚିଣ୍ଡା ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କ ଗହଣରେ କିଛି ସମୟ ଅତିବାହିତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କରେ ପଚାରି ବୁଝିଥିଲେ। 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ 'ଆଙ୍ଗନ ମିଳନ' ଉତ୍ସବରେ ଅଙ୍ଗନବାଡ଼ି, ଆଶା କର୍ମୀ, ସ୍ଥାନୀୟ ମା'ମାନେ ଓ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସହ ସେ ସିଧାସଳଖ ଭାବ ବିନିମୟ କରିଥିଲେ। ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ସହ ସେମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ଆମର ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କ ନିଷ୍ଠାପର ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ। ଆୟୋଜିତ ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଥିଲେ ଯେ, ପୋଷଣ ମାଧ୍ୟମରେ ସୁସ୍ଥ ପରିବାର, ସ୍ୱଚ୍ଛତା ମାଧ୍ୟମରେ ସୁସ୍ଥ ପରିବେଶ ଏବଂ ନିଶାମୁକ୍ତ ସମାଜ ମାଧ୍ୟମରେ ସୁରକ୍ଷିତ ଭବିଷ୍ୟତ, ଏହି ତିନୋଟି ସଂକଳ୍ପକୁ ଆମକୁ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଜାଗ୍ରତ କରିବାକୁ ହେବ। ଏହି ସଂକଳ୍ପଗୁଡ଼ିକୁ ଏକ ବିଶାଳ ଜନଆନ୍ଦୋଳନରେ ପରିଣତ କଲେ ହିଁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ପୂରଣ ହୋଇପାରିବ। କୁଚିଣ୍ଡାରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଏବଂ ଉତ୍ତମ ରାସ୍ତାଘାଟ ନିର୍ମାଣ କରି କୁଚିଣ୍ଡାର ସର୍ବାଙ୍ଗୀନ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ପଦକ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୯।୧୦(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ତାଙ୍କ ସରକାରୀ ବାସଭବନ, ସାତ ଲୋକ କଲ୍ୟାଣ ମାର୍ଗରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ୨୦୨୬ ରେ ଭାରତର ପ୍ରତିନିଧିତ୍ୱ କରୁଥିବା ପଦକ ବିଜେତାଙ୍କୁ ଭେଟିଛନ୍ତି ଏବଂ ଆନ୍ତର୍ଜାତୀୟ ସ୍ତରରେ ସେମାନଙ୍କର ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଯୁବ ପ୍ରତିଭାଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ସେମାନଙ୍କ ସଫଳତା ଉପରେ ଆଲୋକପାତ କରି ସେମାନଙ୍କ ସଫଳତାକୁ ପ୍ରଶଂସା କରିଥିଲେ। ଏହି ବୈଠକର ଫଟୋ ସୋସିଆଲ ମିଡିଆରେ ସେୟାର କରି ପ୍ରଧାନମନ୍ତ୍ରୀ ଏହି ଯୁବ ପ୍ରତିଭାର ସଫଳତାକୁ ପ୍ରଶଂସା କରିଥିଲେ। ଫଟୋରେ ପ୍ରଧାନମନ୍ତ୍ରୀ ପଦକ ବିଜେତାଙ୍କ ସହ କଥାବାର୍ତ୍ତା କରୁଥିବା ଏବଂ ସେମାନଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥିଲା। ଏହି ଗସ୍ତ ଦକ୍ଷତା ବିକାଶ ମାଧ୍ୟମରେ ଯୁବପିଢ଼ିଙ୍କୁ ବିଶ୍ୱସ୍ତରରେ ଉତ୍କର୍ଷ ହାସଲ କରିବା ଲାଗି ପ୍ରୋତ୍ସାହିତ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ପ୍ରୟାସକୁ ପ୍ରତିଫଳିତ କରୁଛି ଏବଂ ଧନ୍ଦାମୂଳକ ଦକ୍ଷତାର ଗୁରୁତ୍ୱକୁ ରେଖାଙ୍କିତ କରୁଛି।

## ଭୋଟ୍ ଚୋରି ଅଭିଯୋଗକୁ ନେଇ ବିରୋଧୀଙ୍କ ଉପରେ ବର୍ଷିଲେ ମନମୋହନ ସାମଲ

ଭୁବନେଶ୍ୱର, ୯।୧୦(ନି.ପ୍ର): ଆଜି ବିରୋଧୀ ଦଳର ନେତାମାନେ ରାଷ୍ଟ୍ରପତିଙ୍କୁ ଭେଟିବା ପ୍ରସଙ୍ଗରେ ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ଭୋଟ୍ ଚୋରି ଅଭିଯୋଗକୁ ନେଇ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ। ଏହି ଅଭିଯୋଗ ତଥ୍ୟହୀନ ଏବଂ ଏହାକୁ ନେଇ ରାଜନୀତି କରାଯାଉଛି। ପଶ୍ଚିମବଙ୍ଗରେ ନିର୍ବାଚନ ହାରିବା ହେଉ କିମ୍ବା ତାମିଲନାଡୁ, ହିମାଚଳ ପ୍ରଦେଶ ଓ କର୍ଣ୍ଣାଟକରେ ବିଜୟ ହେଉ, ପ୍ରତ୍ୟେକ ନିର୍ବାଚନର ଫଳାଫଳକୁ ନେଇ ଭୋଟ୍ ଚୋରି ଅଭିଯୋଗ କରିବା ଠିକ୍ ନୁହେଁ। ଲୋକେ ଭୋଟ୍ ନଦେବାରୁ ବିରୋଧୀ ଦଳଗୁଡ଼ିକ ପରାଜିତ ହେଉଛନ୍ତି। ଦୀର୍ଘ ୫୬ ବର୍ଷ ଧରି କ୍ଷମତାରେ ରହି କ୍ଷମତାର ଅପବ୍ୟବହାର କରିଥିବାରୁ ଲୋକେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଗର୍ବ ଓ ଅହଂକାର କଂଗ୍ରେସ, ସିପିଏମ୍, ତୃଣମୂଳ କଂଗ୍ରେସ ଏବଂ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସ୍ଥିତିକୁ କ୍ଷତି ପହଞ୍ଚାଇଛି। କ୍ଷମତାର ଅପବ୍ୟବହାର ଓ ଅହଂକାରକୁ ଲୋକେ କେବେ ବି ବରଦାସ୍ତ କରିବେ ନାହିଁ ବୋଲି ସେ କହିଛନ୍ତି।

## 'ନିରନ୍ତର ଡିଜିଟାଲ ସୂଚନା ଓ ସଞ୍ଚାର ବ୍ୟବସ୍ଥା' ବିକଶିତ କରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୯।୧୦(ନି.ପ୍ର): ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ସୂଚନା ଓ ସଂଚାର ପାଇଁ ଏକ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି ପ୍ରଣୟନ କରାଯିବ। ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥା ଗଠନ କରାଯିବ ଏବଂ ଡିଜିଟାଲ୍ ମାଧ୍ୟମରେ ମିଥ୍ୟା ତଥ୍ୟ ତଥା ଗୁଜବର ମୁକାବିଲା ପାଇଁ ଏକ କଡ଼ାକଡ଼ି ତଥ୍ୟ ଯାଂଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନ କନଭେନସନ୍ ସେଂଟର ଠାରେ ସୂଚନା ସେବା ଅଧିକାରୀଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସାମାଜିକ ଗଣମାଧ୍ୟମର ଉଦୀୟମାନ ଧାରା' ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଆଜିର ଯୁବ ବର୍ଗ ପାରମ୍ପରିକ ଗଣମାଧ୍ୟମଠାରୁ ବହୁ ଆଗରେ ରହି ସାମାଜିକ ଗଣମାଧ୍ୟମ ଏବଂ କୃତ୍ରିମ ବୁଦ୍ଧିମତା ପ୍ଲାଟଫର୍ମର ବ୍ୟାପକ ବ୍ୟବହାର କରୁଛନ୍ତି। ତେଣୁ ସରକାରୀ ସଂଚାର ବା ଯୋଗାଯୋଗ ପାଇଁ ଆମକୁ ମଧ୍ୟ ସାମ୍ପ୍ରତିକ ସମୟର ଏହି ଅତ୍ୟାଧୁନିକ ଟ୍ରେଣ୍ଡ୍‌ଗୁଡ଼ିକୁ ଆପଣାଇବାକୁ ପଡ଼ିବ ବୋଲି ସୂଚନାସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସାମାଜିକ ଗଣମାଧ୍ୟମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଛନ୍ତି ଯେ ବର୍ତ୍ତମାନର ସମୟ କେବଳ ପାରମ୍ପରିକ ପ୍ରିଂଟ ବା ଇଲେକ୍ଟ୍ରୋନିକ୍ସ ମିଡିଆର ସମୟ ନୁହେଁ, ବରଂ ସୋସିଆଲ ମିଡିଆ ଏବଂ କ୍ରିଏଟର ଇକୋନୋମିର ଯୁଗ। ପ୍ରତ୍ୟେକ ନାଗରିକଙ୍କ ହାତରେ ଥିବା ମୋବାଇଲ୍ ଫୋନ୍ ଆଜି ଏକାଧାରରେ ଖବରକାଗଜ, ଟେଲିଭିଜନ, ରେଡିଓ ଏବଂ ଏକାଧିକ ଯୋଗାଯୋଗର ମାଧ୍ୟମ ପାଲଟିଛି। ତେଣୁ ସରକାରୀ ଅଧିକାରୀମାନଙ୍କୁ କେବଳ ପ୍ରେସ୍ ରିଲିଜ୍ ଜାରି କରିବାରେ ସୀମିତ ନ ରହି ଜଣେ ଦକ୍ଷ କମ୍ୟୁନିକେସନ ପ୍ରଫେସନାଲ୍ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ। ସୋସିଆଲ ମିଡିଆ ମନିଟରିଂ ଏବଂ ସୋସିଆଲ ଲିଆସନିଙ୍ଗ୍ ଜରିଆରେ ଜନସାଧାରଣଙ୍କ ମତାମତ ଓ ସମସ୍ୟାଗୁଡ଼ିକୁ ତ୍ୱରିତ ଭାବେ ଗ୍ରହଣ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

ଖବର ପରିବେଷଣ ଏବଂ ସରକାରୀ ଯୋଗାଯୋଗର ମୂଳସ୍ତମ୍ଭ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଯୋଗାଯୋଗ ଶୈଳୀ ସବୁବେଳେ ତିନୋଟି ପ୍ରମୁଖ ନୀତି ଉପରେ ପର୍ଯ୍ୟବେସିତ ହେବା



ଉଚିତ୍-ସେଗୁଡ଼ିକ ହେଲା ତଥ୍ୟଗତ ସଠିକତା, ସମୟୋପଯୋଗୀ ଦ୍ରୁତତା ଏବଂ ସରଳତା। ସରକାରୀ ତଥ୍ୟ କିମ୍ବା ପରିସଂଖ୍ୟାନରେ କୌଣସି ଭୁଲ୍ ଗ୍ରହଣୀୟ ନୁହେଁ। ଡିଜିଟାଲ ଯୁଗରେ ସୂଚନା ପ୍ରଦାନରେ ବିଳମ୍ବ ହେଲେ ଏକ ସୂଚନା ଶୂନ୍ୟତା ସୃଷ୍ଟି ହୁଏ, ଯାହାର ସୁଯୋଗ ନେଇ ଅନେକ ସମୟରେ କିଛି ଲୋକ ଭୁଲ୍ ଓ ବିଭ୍ରାନ୍ତିକର ସୂଚନା ପ୍ରଦାନ କରିଥାନ୍ତି। ତେଣୁ ସଠିକ୍ ସୂଚନାକୁ ଦ୍ରୁତ ଗତିରେ ଏବଂ ସାଧାରଣ ଲୋକ ବୁଝିପାରିବା ଭଳି ସରଳ ଭାଷାରେ ଲୋକଙ୍କ ନିକଟରେ ପହଂଚାଇବାକୁ ହେବ।

ଏହି ସନ୍ଦର୍ଭରେ ମୁଖ୍ୟମନ୍ତ୍ରୀ କାହାଣୀ କହିବା ଶୈଳୀ ବା ଷ୍ଟୋରିଟେଲିଂ ଉପରେ ବିଶେଷ ଜୋର୍ ଦେଇଛନ୍ତି। କେବଳ ଶୁଷ୍କ ପରିସଂଖ୍ୟାନ ବା ତଥ୍ୟ ଦେବା ପରିବର୍ତ୍ତେ ସରକାରୀ ଯୋଜନାଗୁଡ଼ିକ କିପରି ଜଣେ ସାଧାରଣ ନାଗରିକଙ୍କ ଜୀବନରେ ପରିବର୍ତ୍ତନ ଆଣୁଛି, ତାହାର ମାନବୀୟ କାହାଣୀ ଲୋକଙ୍କ ସାମ୍ନାକୁ ଆଣିପାରିଲେ ଏହା ପ୍ରଭାବଶାଳୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ହିତାଧିକାରୀଙ୍କ କାହାଣୀକୁ ଲୋକଙ୍କ ସାମ୍ନାକୁ ଆଣନ୍ତୁ। କାରଣ ହିତାଧିକାରୀମାନଙ୍କ ମନ୍ତବ୍ୟ ହିଁ ସରକାରୀ ସେବା ପ୍ରଦାନର ପ୍ରକୃତ ପ୍ରମାଣ।

ଆଜିର ଏହି କୃତ୍ରିମ ବୁଦ୍ଧିମତା ଯୁଗରେ ଡିପ୍-ଫେକ୍, କ୍ଲୋନ୍ ହୋଇଥିବା ସ୍ୱର ଏବଂ କୃତ୍ରିମ ଭିଡିଓଗୁଡ଼ିକ ସମାଜରେ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ ସତ୍ୟ ସାମ୍ନାକୁ ଆସିବା ପୂର୍ବରୁ ଭୁଲ୍ ଖବର ଶୀଘ୍ର ବ୍ୟାପିଥାଏ। ତେଣୁ ଯେକୌଣସି ତଥ୍ୟ ସେୟାର କରିବା ପୂର୍ବରୁ ଏହାର ସତ୍ୟତା ଯାଂଚ କରିବା ଅତ୍ୟନ୍ତ ଜରୁରୀ। ସରକାରୀ ଅଧିକାରୀମାନେ ଆଜୀବନ ଶିକ୍ଷାର୍ଥୀ ହୋଇ ଡିଜିଟାଲ୍ ମିଡିଆ, ଫ୍ୟାକ୍ଟ-ଚେକିଂ, ଏବଂ ଭିଡିଓ କଂଟେଂଟ୍ କ୍ରିଏସନ୍ ରେ ଦକ୍ଷତା ହାସଲ କରିବା ଆବଶ୍ୟକ। ସୂଚନା ଅଧିକାରୀମାନେ କେବଳ ପ୍ରେସ ରିଲିଜରେ ସୀମିତ ନ ରହି ଆଧୁନିକ ସଞ୍ଚାର ବ୍ୟବସ୍ଥାର ପରିଚାଳକ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ସରକାରଙ୍କ ପକ୍ଷରୁ ସୂଚନା ସେବା ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଜିଲ୍ଲାଠାରୁ ମୁଖ୍ୟାଳୟ ପର୍ଯ୍ୟନ୍ତ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ବିସ୍ତୃତ ପ୍ରସ୍ତାବ ଦେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିଶେଷରେ, ସମସ୍ତ ଅଧିକାରୀମାନେ ନିଷ୍ଠା ଓ ବୃତିଗତ ଦକ୍ଷତାର ସହିତ କାମ କରି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ଡିଜିଟାଲ ଯୁଗର ଏହି ପରିବର୍ତ୍ତନଶୀଳ ପରିବେଶରେ ଅଧିକାରୀମାନେ କେବଳ ସୂଚନା ପ୍ରସାର କରିବାରେ ସୀମିତ ନ ରହି, ସରକାରଙ୍କ ପ୍ରତ୍ୟେକଟି ଜନକଲ୍ୟାଣକାରୀ କାର୍ଯ୍ୟକୁ ସଚ୍ଚୋଟତା ଓ ପ୍ରତିବଦ୍ଧତାର ସହ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଚିତ୍। ସଠିକ୍ ତଥ୍ୟର ପ୍ରଚାର ଓ ପ୍ରସାର ଦ୍ୱାରା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱସନୀୟତା ଆହୁରି ଦୃଢ଼ ହୋଇପାରିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

ସରକାରୀ ଯୋଜନା ଓ ସଫଳତାର ପ୍ରକୃତ ତଥ୍ୟକୁ ସଠିକ୍ ଭାବେ ଲୋକଙ୍କ ପାଖରେ ପହଂଚାଇବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ, ଏବଂ ଜଣେ ଓଡ଼ିଶା ସୂଚନା ସେବା ଅଧିକାରୀଙ୍କ ସକରାତ୍ମକ ମନୋଭାବ ତଥା କାର୍ଯ୍ୟଶୈଳୀ ନିଶ୍ଚିତ ଭାବରେ ଜନସାଧାରଣଙ୍କ ମଧ୍ୟରେ ସରକାରଙ୍କ ଲୋକପ୍ରିୟତାକୁ ଆହୁରି ବୃଦ୍ଧି କରିବ ବୋଲି ମୁଖ୍ୟ ଶାସନ ସଚିବ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉଦ୍ୟମ ଓ ପ୍ରେରଣା ଫଳରେ ହିଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ଭବ ହୋଇପାରିଛି।



# ୭୨ ତମ ବନ୍ୟ ପ୍ରାଣୀ ସପ୍ତାହ ପାଳନ

କୁକୁଡାଖଣ୍ଡି,୯।୧୦ :(ମନ୍ଥନ)ଗଞ୍ଜାମ ଜିଲ୍ଲା ଜିଲ୍ଲା କୁକୁଡାଖଣ୍ଡି ବ୍ଲକ ରୋହି ଗାଁ ପଞ୍ଚାୟତ ପାଣ୍ଡିଆଝୋଲି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ବିଶ୍ୱ ବନ୍ୟ ପ୍ରାଣୀ ଦିବସ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମ ରେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବିଧୁ ଭୂଷଣ ରାଉତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମଣିଷ ସମାଜ ବନ୍ୟପ୍ରାଣୀ ଙ୍କୁ ସୁରକ୍ଷା ଦେବା ସହ ନିଜର କର୍ତ୍ତବ୍ୟ ପାଳନ ପାଇଁ ଛାତ୍ର ଛାତ୍ରୀ ଙ୍କୁ ଆହ୍ୱାନ ଦେଇଥିଲେ । ପରିଷଦର ସଭାପତି ସାଗର କୁମାର ପାତ୍ର ଓ କୋଷାଧକ୍ଷ ଧର୍ମରାଜ ପାତ୍ର ସ୍ଥାନୀୟ ଅଞ୍ଚଳରେ ଦେଖା ଯାଉଥିବା କୃଷ୍ଣସାର ମୃଗର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବନ୍ୟ ପ୍ରାଣୀ ସୁରକ୍ଷା ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ରେ ବନ ରକ୍ଷୀ ପିଙ୍କି ସାହୁ, ସମ୍ପାଦକ ବିଜେନ୍ଦ୍ର ମାଝୀ, ବିଦ୍ୟାଳୟ ପରିଚାଳନା ସଭାପତି ରବୀନ୍ଦ୍ର ବିଷୋୟୀ,ସହକାରୀ ଶିକ୍ଷୟିତ୍ରୀ କ୍ଷୀରାବ୍ଧି ତନୟା ପାତ୍ର, ପ୍ରବୀଣା ଶତପଥୀ, ସିମାଞ୍ଚଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ କଳିଙ୍ଗନଗରରେ 'ବିଶ୍ୱ ଦୃଷ୍ଟି ଦିବସ' ପାଳିତ

କଳିଙ୍ଗନଗର,୯।୧୦ :(ମନ୍ଥନ) ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସଏଫ୍) ପକ୍ଷରୁ ଏହାର 'ଦୃଷ୍ଟି' ପ୍ରକଳ୍ପ ଅଧୀନରେ କଳିଙ୍ଗନଗର ଅଞ୍ଚଳରେ ବିଶ୍ୱ ଦୃଷ୍ଟି ଦିବସ-୨୦୨୬ ପାଳିତ ହୋଇଯାଇଛି। ସ୍ଥାନୀୟ ଜନସାଧାରଣ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ତମ ଦୃଷ୍ଟିଶକ୍ତି ବଜାୟ ରଖିବା ଏବଂ ନିୟମିତ ଚକ୍ଷୁ ପରୀକ୍ଷାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଫାଉଣ୍ଡେସନ ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ଅଭିଯାନର ଏକ ଅଂଶ ଭାବରେ, ଟିଏସଏଫ୍‌ର ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ 'ଦିଶା' ଟିମ୍ ସହଯୋଗରେ ଗୋବରଘାଟି, ଶାଳିଜଙ୍ଗା, ସଂସାଇଲୋ ଏବଂ ତ୍ରିଜଙ୍ଗା ଗ୍ରାମର ୧୨୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ମହିଳା ସଦସ୍ୟାଙ୍କ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ନିୟମିତ ଚକ୍ଷୁ ପରୀକ୍ଷାର ଗୁରୁତ୍ୱ, ପ୍ରାଥମିକ ଚକ୍ଷୁ ଯତ୍ନ, ଦୃଷ୍ଟି ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ଚିହ୍ନଟ ଏବଂ




ଉପଯୁକ୍ତ ସମୟରେ ଉନ୍ନତ ଚିକିତ୍ସା ସେବା ଗ୍ରହଣ କରିବା ଉପରେ ଆଲୋଚନା କରାଯାଇଥିଲା।ସେହିପରି ଦ୍ୱିତୀୟ କାର୍ଯ୍ୟକ୍ରମଟି ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଫୁଲଝର ଗ୍ରାମର ଫୁଲଝର ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପିଲାମାନଙ୍କୁ ଚକ୍ଷୁର ସୁରକ୍ଷା, ସ୍ୱାସ୍ଥ୍ୟକର ଅଭ୍ୟାସ ଗ୍ରହଣ ଏବଂ ସାମୟିକ ଚକ୍ଷୁ ପରୀକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ତଥା ଶିକ୍ଷଣୀୟ ପରିବେଶ ସୃଷ୍ଟି କରିବା ପାଇଁ ଚକ୍ଷୁ ସ୍ୱାସ୍ଥ୍ୟ ବିଷୟବସ୍ତୁ ଉପରେ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।ସୂଚନାଯୋଗ୍ୟ ଯେ, 'ଦୃଷ୍ଟି' ହେଉଛି ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏକ ବ୍ୟାପକ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ନିରାକରଣ, ରୋଗ ଚିହ୍ନଟ ଏବଂ ଉପଯୁକ୍ତ ପରିଚାଳନା ଦିଗରେ କାର୍ଯ୍ୟ କରୁଛି। ସଚେତନତା, ସ୍କ୍ରିନିଂ, ରେଫରାଲ୍ ଏବଂ ଚିକିତ୍ସା ସହାୟତା ମାଧ୍ୟମରେ ଏହି ପ୍ରକଳ୍ପ ସମାଜରେ ଉନ୍ନତ ଦୃଷ୍ଟିଶକ୍ତି ଓ ଉତ୍ତମ ଜୀବନଶୈଳୀ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି।ଏହି ସମସ୍ତ ପଦକ୍ଷେପ ମାଧ୍ୟମରେ ସମୟୋଚିତ ସ୍କ୍ରିନିଂ ଏବଂ ଚିକିତ୍ସା ଜରିଆରେ ନିବାରଣଯୋଗ୍ୟ ଅନ୍ଧତ୍ୱକୁ ରୋକିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ନିଜର ପ୍ରତିବଦ୍ଧତା ବଜାୟ ରଖିଛି । ଚକ୍ଷୁ ସମ୍ପର୍କିତ ଯେକୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରୀ ପରାମର୍ଶ ନେବାକୁ ସ୍ଥାନୀୟ ବାସିନ୍ଦା ଓ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ସଫେଇ କରିବା ନିମନ୍ତେ ଦାବି

ଖଣ୍ଡପଡା,୯।୧୦ :(ମନ୍ଥନ) ଖଣ୍ଡପଡା ସହରାଞ୍ଚଳ ଅଧୀନ ସୁନାମୁହିଁ ମାଳବନ୍ଧ ଏବେ ଜଙ୍ଗଲିଆଅଞ୍ଚଳର ଭ୍ରମ ସୃଷ୍ଟି କରିଥିବା ବେଳେ ସଫେଇ କରିବା ନେଇ ଦାବି ହୋଇଛି। ମିଳିଥିବା ସୂଚନାଅନୁସାରେ ଖଣ୍ଡପଡା ସହରାଞ୍ଚଳ ଉପକଣ୍ଠରେ ଥିବା ସୁନାମୁହିଁ ପରିବେଶ ପର୍ଯ୍ୟଟନ ସ୍ଥଳୀରବିକାଶକୁ ନେଇ ବର୍ଷ ବର୍ଷ ଧରି ଦାବି ହୋଇଆସୁଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ସ୍ଥାନର ଦୃଶ୍ୟକୁ ଉପଭୋଗ କରିବାକୁ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବିଶେଷକରିଅଗଷ୍ଟ ଠାରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଡ୍ୟାମରେ ଭରପୁର ଥିବା ଜଳଭଣ୍ଡାର ପ୍ରକୃତିପ୍ରେମୀଙ୍କୁ ଆକର୍ଷିତ କରିଥାଏ। ତେବେ ସୁନାମୁହିଁ ପାର୍କରୁ ଡ୍ୟାମକୁ ସଂଯୋଗ କରୁଥିବା ରାସ୍ତା ଏବେ ଜଙ୍ଗଲିଆଅଞ୍ଚଳର ଭ୍ରମ ସୃଷ୍ଟି କରୁଛି। ଡ୍ୟାମକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଉକ୍ତ ରାସ୍ତା ଦେଇ ଯିବାକୁସୁରକ୍ଷିତ ମଣୁନଥିବା ଅଭିଯୋଗ ହୋଇଛି। ରାସ୍ତା ସାରା ଅନାବନା ଗଛଲତା ମାଡିଥିବା ବେଳେ ୭୦୦ମିଟର ସଂପୂର୍ଣ୍ଣ ରାସ୍ତାକୁ ଆଚ୍ଛାଦିତ କରି ରଖିଛି। ବର୍ଷ ବର୍ଷ ଧରି ଉକ୍ତ ରାସ୍ତା ସଫା କରାଯାଉନଥିବା ଯୋଗୁଁ ଚଳିତ ବର୍ଷାଋତୁରେ ସ୍ଥିତି ସଙ୍ଗୀତ ହୋଇଛି। ବିଶେଷକରି ରାସ୍ତାରେ ସରୀସୃପ ମାନେଅବାଧରେ ବିଚରଣ କରୁଥିବାରୁ ପର୍ଯ୍ୟଟକ ଡ୍ୟାମ ଅଞ୍ଚଳ ବୁଲିବାକୁ ନାକ ଟେକୁଛନ୍ତି। କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ ଡ୍ୟାମର ମରାମତି ଓ ପୁନରୁଦ୍ଧାର ନିମନ୍ତେ ଅର୍ଥରାଶି ଆସୁଥିଲେ ମଧ୍ୟମାଳବନ୍ଧ ସଫେଇ କରିବାକୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉନଥିବା ସ୍ଥାନୀୟ ବାସିନ୍ଦା କୁହନ୍ତି।ତେବେ ମାଳବନ୍ଧ ରାସ୍ତା ସଫେଇ ସହ ସୌନ୍ଦର୍ଯ୍ୟକରଣ ନିମନ୍ତେ ସହରାଞ୍ଚଳ ବାସିନ୍ଦା ଦାବି କରିଛନ୍ତି।

# ଇଣ୍ଡିଆ ମେଣ୍ଟ ପକ୍ଷରୁ କାକଟପୁରରେ ବନ୍ଦ ସଫଳ

କାକଟପୁର, ୯।୧୦ :(ମନ୍ଥନ)ଇଣ୍ଡିଆ ମେଣ୍ଟ ପକ୍ଷରୁ ଏମଏମଡ଼ିଆର ବିଲ କୁ ବିରୋଧ, ଜ୍ଞାନେସ କୁମାରଙ୍କ ଇସ୍ତଫା ଦାବୀ ଏବଂ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବୀରେ ଆହୂତ ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ପୁରୀଜିଲ୍ଲା କାକଟପୁର ଅଞ୍ଚଳରେ ପରିଲକ୍ଷିତ ହୋଇଛି। ବନ୍ଦକୁ ସଫଳ କରିବା ପାଇଁ ଇଣ୍ଡିଆ ମେଣ୍ଟର ସ୍ଥାନୀୟ ନେତା ଓ କର୍ମୀମାନେ ସକାଳୁ ବିଭିନ୍ନ ସ୍ଥାନରେ ପିକେଟିଂ କରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଯାନବାହନ ଚଳାଚଳ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ବନ୍ଦ ଯୋଗୁଁ କାକଟପୁର ବଜାର ସମେତ ବିଭିନ୍ନ ଅଞ୍ଚଳରେ ସମସ୍ତ ଦୋକାନବଜାର ବନ୍ଦ ରହିଥିବାବେଳେ ଯାତାୟାତ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥିଲା। କାକଟପୁର କଲେଜ ଛକ, ବ୍ଲକ ଛକ, ମେଡିକାଲ ଛକ,ମୂଳାଗଡ଼ ଛକ, ଆନନ୍ଦ




ବଜାର, କୁଣ୍ଡେଇ ହାଟ ଛକ ଆଦି ସ୍ଥାନରେ ଦଳୀୟ କର୍ମୀମାନେ ରାସ୍ତାରେ ବସି ପ୍ରତିବାଦ ଜଣାଇଥିଲେ। ଫଳରେ ନୈନ୍ଦିନ ଜୀବନଯାପନ ପ୍ରଭାବିତ ହୋଇଥିଲା। ବନ୍ଦ ସମୟରେ ଜରୁରୀକାଳୀନ ସେବା, ଚିକିତ୍ସା ଓ ଅନ୍ୟାନ୍ୟ ଆବଶ୍ୟକ ସେବାକୁ ବନ୍ଦରୁ ବାଦ ଦିଆଯାଇଥିବା ଜଣାପଡ଼ିଛି। କାକଟପୁର ପୁଲିସ ପକ୍ଷରୁ ମଧ୍ୟ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଟ୍ରୋଲିଂ ଓ ନଜରଦାରି କରାଯାଇଥିଲା। ପିସିସି ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ,ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ,କାକଟପୁର ବ୍ଲକ ସଭାପତି ଅବଧୂତ ସ୍ୱାଇଁ,ପୁରୀଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଲୁଲୁ ଖୁଣ୍ଟିଆ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ କୁମାର ମହାନ୍ତି, ଜିଲ୍ଲା କଂଗ୍ରେସ ଉପସଭାପତି ଯଶୋବନ୍ତ ମହାନ୍ତି, କଂଗ୍ରେସ ସଂଖ୍ୟାଲଘୁ ସେଲ ସମ୍ପାଦକ ଶେଖ ଲିୟାକତ, କାକଟପୁର ପଞ୍ଚାୟତ ସଭାପତି ନଳିନୀକାନ୍ତ ଦୀକ୍ଷିତ, ପ୍ରିତମ ନାୟକ ପ୍ରମୁଖ ବିଭିନ୍ନ ଛକଜାଗା ମାନଙ୍କରେ ଉପସ୍ଥିତ ରହି ସରକାରୀ ବିରୋଧୀ ନାରା ଦେବାସହିତ ଏହି ବନ୍ଦକୁ ସଫଳ କରିଥିବାରୁ ଦଳୀୟ କର୍ମୀ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଧନ୍ୟବାଦ ଜଣାଇଥିଲେ।

# 'ସେବା ସେତୁ' - ଶୁଳିଆପଦାରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଜନଶୁଣାଣି

ମୋରଡ଼ା,୯।୧୦ :(ମନ୍ଥନ)ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ୨୫ ବର୍ଷର ସାର୍ବଜନୀନ ଜୀବନର ଜନସେବା, ତ୍ୟାଗ ଓ ରାଷ୍ଟ୍ର ନିର୍ମାଣ ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଚାଲିଛି 'ସେବା ସଂକଳ୍ପ ଅଭିଯାନ'। ଏହି ଅଭିଯାନ ଅନ୍ତର୍ଗତ 'ସେବା ସେତୁ ଅଭିଯାନ' ଆଜି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ବ୍ଲକର ୧୬ଟି ପଞ୍ଚାୟତରୁ ଆସିଥିବା ହଜାର ଜନସାଧାରଣଙ୍କୁ ସିଧା ଭେଟି ସେମାନଙ୍କର ବିଭିନ୍ନ ସମସ୍ୟା ଧୈର୍ଯ୍ୟର ସହ ଶୁଣିଥିଲେ। ରାସ୍ତା, ପାଣି, ଆବାସ, ଭତ୍ତା, ଜମି ସମସ୍ୟା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ଶିକ୍ଷା ପର୍ଯ୍ୟନ୍ତ ସବୁ ସମସ୍ୟା ଲୋକେ ମନ୍ତ୍ରୀଙ୍କ ଆଗରେ




ରଖିଥିଲେ। ମନ୍ତ୍ରୀ ତୁରନ୍ତ ସେହିଠାରେ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ଅନେକ ସମସ୍ୟାର ସ୍ଥାନୀୟ ସ୍ତରରେ ସମାଧାନ କରିଥିଲେ ଏବଂ ବାକି ସମସ୍ୟା ଗୁଡିକୁ ଅତି ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ବ୍ୟାଟେରୀ ଚାଳିତ ଗାଡି ଓ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ସରକାର ସବୁବେଳେ ଗରିବ ଓ ଅସହାୟଙ୍କ ସାଥିରେ ଅଛି ବୋଲି ମନ୍ତ୍ରୀ କହିଥିଲେ।'ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ସେବା ହିଁ ସଙ୍ଗଠନ ମନ୍ତ୍ରରେ ଅନୁପ୍ରାଣିତ ହୋଇ ଆମେ ଲୋକଙ୍କ ପାଖକୁ ଯାଉଛୁ' ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସାଏ,ଏଡିଏମ ଈଶ୍ୱର ନାଏକ, ଡିଆଇବି ଏଡିଶୋନାଲ ଏସପି,ବାରିପଦା ଏସଡିପିଓ ,ବିଡିଓ ଲକ୍ଷ୍ମୀ ସାଗର ମାଝୀ,ତହସିଲଦାର ନାରାୟଣ ହେମ୍ବ୍ରମ,ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ, ଜନପ୍ରତିନିଧି ଓ ବହୁ ସଂଖ୍ୟାରେ ସାଧାରଣ ଜନତା ଉପସ୍ଥିତ ଥିଲେ। ଏଥିରେ ୪୧୪ ଜଣ ବିଭିନ୍ନ ବିଭାଗରେ ପଞ୍ଜିକରଣ କରିଥଲେ।

# ଡେଲାଙ୍ଗରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ପକ୍ଷରୁ ଓଡିଶା ବନ୍ଦ ପାଳନ

ଡେଲାଙ୍ଗ,୯।୧୦ :(ମନ୍ଥନ)କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ଏହି ଅବସରରେ ଡେଲାଙ୍ଗରେ କଂଗ୍ରେସ ଓ ସିପିଆଇଏମଏଲ ପକ୍ଷରୁ ବନ୍ଦ ପାଳନ କରାଯାଇଛି । ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ପ୍ରିୟବ୍ରତ ସାମନ୍ତରାୟ ଓ ସିପିଆଇଏମଏଲ ନେତା ଅଶୋକ ପ୍ରଧାନ ଙ୍କ ନେତୃତ୍ୱ ରେ ଏହି ବନ୍ଦ ପାଳନ ହୋଇଥିଲା। ଡେଲାଙ୍ଗ ର ବିଭିନ୍ନ ଛକ ଯଥା ଡେଲାଙ୍ଗ ଷ୍ଟେସନ ବଜାର , ହାଟ ଡେଲାଙ୍ଗ, କଲ୍ୟାଣପୁର, ଇନ୍ଦିପୁର, ଘୋରଡିଆ ଏବଂ ହରିରାଜପୁର ବଜାର ଛକରେ କଂଗ୍ରେସ ଦଳ ଓ ସିପିଆଇଏମଏଲ ର କର୍ମୀ ମାନେ ମୁଖ୍ୟ ରାସ୍ତାକୁ ଅବରୋଧ କରି ୪ଦଫା ଦାବୀ ନେଇ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ବିରୋଧରେ ନାରାବାଜି ଦେଇ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରିଥିଲେ। ଇଣ୍ଡିଆ ମେଣ୍ଟ ପକ୍ଷରୁ ୪ଟି ପ୍ରମୁଖ ଦାବିକୁ ନେଇ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଥିଲା ସେଗୁଡିକ ହେଲା ଏମ୍ଏମ୍ଡିଆର ସଂଶୋଧନ ଆଇନ ୨୦୨୬ ପ୍ରତ୍ୟାହାର । ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗ ଅଭିଯୋଗ କରି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା। ଓଡିଶା ରେ ବନ୍ୟା ପୀଡିତ ଅଂଚଳ କୁ ଠିକ ଭାବେ ରିଲିଫ ପ୍ରଦାନ ନକରିବା ଆଦିରେ ଏହି ବନ୍ଦ ଡାକରା ଦିଆ ଯାଇଥିଲା। ଏଥିରେ ଡେଲାଙ୍ଗ ବ୍ଲକ କଂଗ୍ରେସ ସଭାପତି ନିର୍ମଳ ପରିଡା, ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡା, ଜାନକୀ ହରିଚନ୍ଦନ, କ୍ଷେତ୍ର ମୋହନ ସାହୁ, ସନ୍ତୋଷ ପଣ୍ଡା, ପ୍ରମୋଦ ସ୍ୱାଇଁ, ସୁବାସ ପ୍ରଧାନ, ଗୁନ ଖଟେଇ, ରବୀନ୍ଦ୍ର ପ୍ରଧାନ, ଅଜୟ ଗୁମାନ୍ତସିଂହ, ପୁଷ୍ପକାନ୍ତି ପ୍ରଧାନ ପ୍ରମୁଖ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସେହିପରି ଡେଲାଙ୍ଗ ଷ୍ଟେସନ ବଜାର ଠାରେ ନିଶିକାନ୍ତ ମିଶ୍ର ଙ୍କ ସମର୍ଥକ ମାନେ ରାସ୍ତା ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ବିରୋଧରେ ନାରାବାଜି ଦେଇ ଏହି ବନ୍ଦରେ ସାମିଲ ହୋଇଥିଲେ।

# ଖଣ୍ଡପଡାରେ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଆଂଶିକ ସଫଳ

ଖଣ୍ଡପଡା, ୯।୧୦ :(ମନ୍ଥନ)ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ସହ ଲୋକଙ୍କ ସ୍ୱାର୍ଥସମ୍ପର୍କିତ ବିଭିନ୍ନ ଦାବି ନେଇ ଆଜି କଂଗ୍ରେସ ଓ ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ଖଣ୍ଡପଡାରେଆନ୍ଦୋଳନ କରାଯାଇଥିଲା। ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ'ଗଣତନ୍ତ୍ର ବଞ୍ଚାଅ ସପ୍ତାହ' ପାଳନ କରାଯାଉଛି। ଦଳ ପକ୍ଷରୁ 'ଭୋଟ୍ ବଞ୍ଚାଅ, ସମ୍ବିଧାନବଞ୍ଚାଅ, ଦେଶ ବଞ୍ଚାଅ' ବାର୍ତ୍ତା ନେଇ 'ଓଡ଼ିଶା ବନ୍ଦ'କୁ ସମର୍ଥନ ଦିଆଯିବା ସହିତ କେନ୍ଦ୍ରସରକାରଙ୍କ ଜନବିରୋଧି ନିତୀ, ଏମଏମଡିଆର୍ ଆଇନ ୨୦୨୬ ରଦ୍ଦ କରିବା, ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବରଖାସ୍ତ କରିବା, ଓଡ଼ିଶାର ଗଣଶିକ୍ଷାମନ୍ତ୍ରୀନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଇଣ୍ଡିଆ ମେଣ୍ଟ ଆହ୍ୱାନରେ ଖଣ୍ଡପଡା ବ୍ଲକରେ ଓଡ଼ିଶାବନ୍ଦ ପାଳନ କରାଯାଇଥିଲାକ୍ଷ ବନ୍ଦ ଡାକରାରେ ସହରର ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ତହସିଲ,କୋର୍ଟ ଆଦି ବନ୍ଦ ରହିଥିଲା। କଂଗ୍ରେସ ନେତା ଓ କର୍ମୀ ସହରର ମୁଖ୍ୟ ଛକ ମାନଙ୍କରେ ଶାନ୍ତିଶୃଙ୍ଖଳା ସହିତ ଆନ୍ଦୋଳନ କରିଥିଲେ। ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କସଂଯୋଜନାରେ ଆୟୋଜିତ ଏହି ବନ୍ଦ କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା କଂଗ୍ରେସ ସଭାପତିବୈଜୟନ୍ତୀମାଳା ମହାନ୍ତି, ଭାପୁର ବ୍ଲକ ସଭାପତି ବାଙ୍କବିହାରୀ ଧଳ, ଜିଲ୍ଲା ସାଧାରଣ ସମ୍ପାଦକପ୍ରଦୀପ କୁମାର ପ୍ରଧାନ, ଗଗନ ଦଳବେହେରା, ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ଏକାଧିକକଂଗ୍ରେସ କର୍ମୀ ସାମିଲ ହୋଇଥିଲେ।ସୁନାମୁହିଁ ମାଳବନ୍ଧରେ ମାଡିଗଲାଣି ଗଛଲତା

# କାଶତଣ୍ଡୀର ଶୁଭ୍ର ଆଭାରେ- ମା' ଦୁର୍ଗାଙ୍କ ଆଗମନୀ ବାର୍ତ୍ତା

କୋଇଡା,୯।୧୦ :(ମନ୍ଥନ)ନୀଳ ନିର୍ମଳ ଆକାଶରେ ଖଣ୍ଡ ଖଣ୍ଡ ଧଳା ବାଦଲର ଭେଳା, ଶାନ୍ତ ସକାଳର ଶିଶିର ବିନ୍ଦୁ ଏବଂ ପବନରେ ଦୋହଲୁଥିବା ଶୁଭ୍ର କାଶତଣ୍ଡୀର ଲହରୀ— ଏହି ସବୁକିଛି ସୂଚାଇ ଦେଉଛି ଯେ ଧରାପୃଷ୍ଠରେ ଶରତ ଋତୁ ପାଦ ଥାପିଛି। ବର୍ଷାର ବିଦାୟ ପରେ ପ୍ରକୃତି ଏବେ ଏକ ନୂଆ ରୂପ ଧାରଣ କରିଛି। ଗାଁର ନଦୀକୂଳ, ପୋଖରୀ ଠାରୁ ଆରମ୍ଭ କରି ସହରର ରାସ୍ତାକଡ଼ ପର୍ଯ୍ୟନ୍ତ ଚାରିଆଡ଼େ ଏବେ ଫୁଟି ଉଠିଛି ଧଳା କାଶତଣ୍ଡୀ ଘାସ, ଯାହା ପ୍ରତ୍ୟେକଟି ମଣିଷର ହୃଦୟକୁ ଆନନ୍ଦ ଓ ଉଲ୍ଲାସରେ ଭରି ଦେଇଥାଏ ।ପ୍ରାଚୀନ କାଳରୁ ଶରତ ଋତୁ ଏବଂ କାଶତଣ୍ଡୀ ମଧ୍ୟରେ ଏକ ଅବିଚ୍ଛେଦ୍ୟ ସମ୍ପର୍କ ରହିଆସିଛି।ଓଡ଼ିଶା, ପଶ୍ଚିମବଙ୍ଗ ତଥା ସମଗ୍ର ପୂର୍ବ ଭାରତରେ କାଶତଣ୍ଡୀ ଫୁଲ କେବଳ ଏକ ପ୍ରାକୃତିକ ସୌନ୍ଦର୍ଯ୍ୟ ନୁହେଁ, ବରଂ ଏହା ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆଗମନର ସବୁଠାରୁ ବଡ଼ ପ୍ରତୀକ। ପୂଜା ମଣ୍ଡପରେ ଢାକର ତାଳ



ବାଜିବା ପୂର୍ବରୁ କିମ୍ବା ସହରସାରା ଆଲୋକର ଝଲକ ଦେଖାଯିବା ଆଗରୁ, ପ୍ରକୃତି ନିଜେ ଧଳା ଚାଦର ବିଛାଇ ମା'ଙ୍କୁ ସ୍ୱାଗତ ଜଣାଇଥାଏ। ଏହି ଶୁଭ୍ର କାଶତଣ୍ଡୀ ଫୁଲ ଫୁଟିବା ମାତ୍ରେ ଲୋକଙ୍କ ମନରେ ସୃଷ୍ଟି ହୁଏ ଅପୂର୍ବ ଉନ୍ମାଦନା। ସମସ୍ତଙ୍କ ମୁହଁରେ କେବଳ ଗୋଟିଏ କଥା ଶୁଣିବାକୁ ମିଳେ— 'ମା' ଆସୁଛନ୍ତି'।ପୂଜାର ବହୁ ଦିନ ପୂର୍ବରୁ ହିଁ ଏହି ଫୁଲ ଜନମାନସରେ ପାର୍ବଣର ପରିବେଶ ସୃଷ୍ଟି କରିଦିଏ। ଏହା ଲୋକମାନଙ୍କୁ ମନେ ପକାଇଦିଏ ଯେ ଅଧର୍ମ ଉପରେ ଧର୍ମର ବିଜୟ ପାଇଁ ମା' ଦୁର୍ଗା ପୁଣି ଥରେ ତାଙ୍କ ବାପଘରକୁ ଓହ୍ଲାଇ ଆସୁଛନ୍ତି। ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ, ସମସ୍ତେ ଏହି ଧଳା ଫୁଲର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଆଗାମୀ ଉତ୍ସବର ପ୍ରସ୍ତୁତିରେ ମାତି ଉଠନ୍ତି।ଡାକି ଆଣୁଛି ଖୁସି, ଶାନ୍ତି ଏବଂ ଭକ୍ତିର ଅନନ୍ୟ ପର୍ବ— ଶାରଦୀୟ ଦୁର୍ଗାପୂଜା।

# ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ବନ୍ଦ ପାଳିତ

ବଲାଙ୍ଗୀର,୯।୧୦ :(ମନ୍ଥନ) ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏବଂ ପ୍ରଦେଶ କଂଗ୍ରେସ କମିଟିର ଡାକରାରେ ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ଆଜି ବନ୍ଦ ପାଳନ କରାଯାଇଛି। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ସହରର ବିଭିନ୍ନ ଦୋକାନ, ବଜାର ଓ ଯାନବାହନ ଚଳାଚଳ ବନ୍ଦ ରହିଥିଲା।ବୁଲୁ ଦାନୀଙ୍କ ନେତୃତ୍ୱରେ ଡେଲି ମାର୍କେଟରୁ ପିକେଟିଂ ଆରମ୍ଭ ହୋଇଥିଲା। ପିକେଟିଂ ଦଳ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ବନ୍ଦକୁ ସଫଳ କରିବା ପାଇଁ ଦୋକାନୀ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ସଭାରେ ରାଜ୍ୟ



କଂଗ୍ରେସ ସାଧାରଣ ସମ୍ପାଦକ ଅମରେନ୍ଦ୍ର ମିଶ୍ର, ଜିଲ୍ଲା କଂଗ୍ରେସ କମିଟି ସଭାପତି ଅନିଲ ମେହେର, ମନୀଷ ମିଶ୍ର, ଅସିତ ମିଶ୍ର ଓ ସାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ଦଳ ପକ୍ଷରୁ ଉପସ୍ଥାପିତ ଚାରି ଦଫା ଦାବି ସମ୍ପର୍କରେ ନିଜ ମତବ୍ୟକ୍ତ କରିଥିଲେ। ବକ୍ତାମାନେ ବିଜେପି ସରକାରର ବିଭିନ୍ନ ନୀତିକୁ ସମାଲୋଚନା କରିବା ସହ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ।ଏହି ବନ୍ଦ କାର୍ଯ୍ୟକ୍ରମରେ ଓମ୍ କୁମ୍ଭାର, କୈଳାଶ ମିଶ୍ର, କିରଣ ସେଠ, ହିମାଂଶୁ ନାୟକ, ସୀତାରାମ କୁମ୍ଭାରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ।

# ବ୍ୟାସନଗର ପ୍ରେସ ଫୋରମର ଦ୍ୱିବାର୍ଷିକ କର୍ମକର୍ତ୍ତା ଚୟନ

ବ୍ୟାସନଗର,୯।୧୦ :(ମନ୍ଥନ) ବ୍ୟାସନଗର ପ୍ରେସ ଫୋରମର ଦ୍ୱିବାର୍ଷିକ କର୍ମକର୍ତ୍ତା ଚୟନ ଦଳାସ୍ଥିତ ଗ୍ଲୋରିଅସ୍ ଇଂଲିଶ ମିଡିୟମ ସ୍କୁଲ (ଜେମ୍ସ) ପରିସରରେ ଥିବା ଫୋରମ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସାମ୍ବାଦିକ ଡକ୍ଟର ଅଭୟ ପତିଙ୍କୁ ପୁନର୍ବାର ସଭାପତି ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିବା ବେଳେ ମଳୟ କୁମାର ମଲ୍ଲିକଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି।ବରିଷ୍ଠ ସାମ୍ବାଦିକ ଉଦୟନାଥ ଖଣ୍ଡାଇଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ଚୟନ ପ୍ରକ୍ରିୟାରେ ଫୋରମର ବିଭିନ୍ନ ପଦବି ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉଦୟନାଥ ଖଣ୍ଡାଇ ମୁଖ୍ୟ ଉପଦେଷ୍ଟା ଭାବେ ମନୋନୀତ ହୋଇଥିବା ବେଳେ ଦୟାନିଧି ନାୟକ ଓ ଜ୍ଞାନରଞ୍ଜନ ଓଝା ଉପସଭାପତି ଭାବେ ଚୟନ ହୋଇଛନ୍ତି। ସେହିପରି ଆଶୁତୋଷ ମହାନ୍ତି ଓ ମାନସ ଆଇଚ ସହସମ୍ପାଦକ, ଅଜୟ କୁମାର ସାହୁ କୋଷାଧ୍ୟକ୍ଷ ଏବଂ ବାଇଧର ମାଝୀ କାର୍ଯ୍ୟାଳୟ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି।କାର୍ଯ୍ୟକାରୀ ସଦସ୍ୟ ଭାବେ



ଆଶୁତୋଷ ମିଶ୍ର, ଅଶିତାନନ୍ଦ ବିଶ୍ୱାଳ, କୁଞ୍ଜବିହାରୀ ମହାନ୍ତି, ଚିତ୍ତରଞ୍ଜନ ବୋଇତାଇ, ପ୍ରହଲ୍ଲାଦ ଦେଓ, ଦୀପକ ଦାଶ ଓ ସୁଶାନ୍ତ କୁମାର ଭୂୟାଁଙ୍କୁ ଚୟନ କରାଯାଇଛି। ଏଥିସହ ନାରାୟଣ ରାଉତରାୟ, ପ୍ରମୋଦ କୁମାର ପାତ୍ର, ସଞ୍ଜୟ ସରକାର, ଆଶିଷ କୁମାର ରାଉତ, ଜିତେନ୍ଦ୍ର କୁମାର ରାଉତ, ପ୍ରକାଶ କୁମାର ସାହୁ, ପ୍ରଶାନ୍ତ କୁମାର ଗେଡ଼ି, ଚନ୍ଦ୍ରକାନ୍ତ ପତି ଓ ସୌରଭ ଖୁଣ୍ଟିଆ ପରିଚାଳନା ପରିଷଦର ସଦସ୍ୟ ଭାବେ ରହିଛନ୍ତି।ଏହି ଅବସରରେ ଓଡ଼ିଶା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ ? (ଓୟୁଜେ)ର ରାଜ୍ୟ ଟ୍ରିବୁନାଲ କମିଟିର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ଫୋରମର ସଭାପତି ଡକ୍ଟର ଅଭୟ ପତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।ନୂତନ କର୍ମକର୍ତ୍ତାମାନେ ଆଗାମୀ ଦୁଇବର୍ଷ ପାଇଁ ଦାୟିତ୍ୱ ତୁଲାଇବେ। ଏହି ଅବସରରେ ସେମାନେ ବ୍ୟକ୍ତିଗତ ସ୍ୱାର୍ଥକୁ ପଛରେ ପକାଇ ସାମୂହିକ ହିତ ଓ ଅନୁଷ୍ଠାନର ଉନ୍ନତି ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ଫୋରମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ସଦସ୍ୟମାନଙ୍କ ଆଲୋଚନା ଆଧାରରେ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଶେଷରେ ସଭାପତି ଡକ୍ଟର ଅଭୟ ପତି ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ।

# କଂଗ୍ରେସ ଏନଡିଏ ମେଣ୍ଟ ପକ୍ଷରୁ ଓଡିଶା ବନ୍ଦ ସଫଳ

ଧାମନଗର,୯।୧୦ :(ମନ୍ଥନ)କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମନମୁଖୀ ଶାସନ,ମହିଳାକୁ ନିର୍ଯାତନା,ଭୋଟ ଚୋରି, ପିଲାଙ୍କ ଭବିଷ୍ୟତ ସହିତ ଖେଳିବା,ଦରଦାମ ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗ ଓ ଦାବି ପୂରଣ ନେଇ କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧୀ ଙ୍କ ନିର୍ଦ୍ଦେଶ ଏବଂ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ କଂଗ୍ରେସ ଏନଡିଏ ମେଣ୍ଟ ପକ୍ଷରୁ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ଧାମନଗର ଅଞ୍ଚଳରେ ଶାନ୍ତିଶ ଶୃଙ୍ଖଳାରେ ସଫଳ ହୋଇଛି। ଏହି ଅବସରରେ ଗୁରୁବାର ସକାଳୁ ଧାମନଗର ବ୍ଲକ ତହସିଲ,ସ୍କୁଲ କଲେଜ,ଦୋକାନ ବଜାର ଯାନବାହନ ଚଳାଚଳ ବନ୍ଦ ସହ ଅଫିସ ଦପ୍ତର ସବୁ କାର୍ଯ୍ୟ ଠପ୍। ତେବେ ବନ୍ଦ ଡାକିଲେ ନେତା ହେଲେ ହନ୍ତସନ୍ତ ସାଧାରଣ ଜନତା,ଜରୁରୀ କାମରେ ଯାଉଥିବା ଲୋକଙ୍କ ଅସୁବିଧା ଓ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ତେବେ କଂଗ୍ରେସ ଏନଡିଏ ମେଣ୍ଟ ତଥା ଧାମନଗର ବ୍ଲକ କଂଗ୍ରେସ,ସିପିଏମ ଓ ଅନ୍ୟ ଦଳର ନେତୃ ମଣ୍ଡଳୀ କଂଗ୍ରେସ ନଗର ସଭାପତି ପ୍ରମୋଦ କୁମାର ସ୍ୱାଇଁ ଏବଂ ସିପିଏମ ନେତା ଏମଡି ଜୟନୁଲ ଆବେଦିନଙ୍କ ନେତୃତ୍ୱରେ କଂଗ୍ରେସ ନେତା ସଞ୍ଜୟ କୁମାର ମିଶ୍ର,ରମଣୀ ରଞ୍ଜନ ଦାଶ,ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ,କୃଷ୍ଣ ଚନ୍ଦ୍ର ଦାଶ,ଶିଶିର କୁମାର ଦେବତା,ରବୀନ୍ଦ୍ର ଜେନା,ଚିନ୍ତାମଣି ବାରିକ,ପ୍ରଭାତ ପଣ୍ଡା,ପ୍ରସନ୍ନ କୁମାର ଧଳ,ମାନସ ମହାପାତ୍ର,ରଘୁନାଥ ଦାସ, ରମେଶ ସେଠୀ ସେକ ତାରିଖ ଅନୁଓର,ସେକ ଜୋନେଦ,ବିପ୍ଳବ ଜେନା,ସେକ ଆଲାଉଦ୍ଦିନ ଖାଁ,ସେକ ଆଜାଦ ପ୍ରମୁଖ ଦଳୀୟ ପତାକା ଧରି ଶାନ୍ତି ଶୃଙ୍ଖଳା ରକ୍ଷା କରି ବନ୍ଦ କରିଥିଲେ।ବିଭିନ୍ନ ଛକ ନିକଟରେ ପୋଲିସ ମୁତୟନ ସହ ପେଟ୍ରୋଲିଙ୍ଗ କରାଯାଇଥିଲା।



# ବାଲି ମାଫିଆଙ୍କ ଉପରେ ମୋରଡ଼ା ପୋଲିସର ବଜ୍ର ପ୍ରହାର

ମୋରଡ଼ା,୯।୧୦ :(ମନ୍ଥନ)ଜମ୍ବୀରା ନଦୀରୁ ବାଲି ଚୋରା ଚାଲାଣ ଖବର ସାମ୍ନାକୁ ଆସିବା ପରେ ଆକ୍ସନ ମୋଡ଼ରେ ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ପୋଲିସ। ବାଲି ମାଫିଆଙ୍କ ଉପରେ ପୋଲିସର ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ। ବେଆଇନ ବାଲି ଚୋରା ଚାଲାଣ ଉପରେ ବଜ୍ର ପ୍ରହାର କରିଛି ମୋରଡ଼ା ପୋଲିସ। ଦୁଇଟି ଚୋରା ବାଲି ବୋଝେଇ ଟିପରକୁ ଜବତ କରିବା ସହ ଦୁଇ ଡ୍ରାଇଭରଙ୍କୁ ଗିରଫ କରିଛି ପୋଲିସ। ଏହି ଘଟଣାକୁ ନେଇ ବାଲି ଚୋରା ଚାଲାଣକାରୀଙ୍କ ମଧ୍ୟରେ ଛନକା ପଶିଛି। ସୂଚନା ଅନୁସାରେ କାଦୁଆଣୀ ବାଲି ଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ସୂଚନା ପାଇଥିଲା



ମୋରଡ଼ା ପୋଲିସ। ଖବର ପାଇବା ପରେ ମୋରଡ଼ା ଥାନା ଅଧିକାରୀ ସୁମିତ ସୋରେନ ନିଜ ଟିମ୍? ସହ ବାଉଁସକଣ୍ଠିଆ ଅଞ୍ଚଳରେ ଚଢ଼ାଉ କରିଥିଲେ। ଏହି ସମୟରେ ବାଲି ବୋଝେଇ ଦୁଇଟି ଟିପରକୁ ପୋଲିସ ଅଟକାଇ ଜବତ କରିଥିଲା। ଏହି ଘଟଣାରେ ଦୁଇ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଡ୍ରାଇଭର ହେଲେ ଶୁଳିଆପଦା ଥାନା ଅଞ୍ଚଳର ସମୀର ସିଂ ଏବଂ ବଡ଼ସାହି ଅଞ୍ଚଳର ବନମାଳୀ ବାରିକ। ଏବାବଦରେ ମୋରଡ଼ା ଥାନରେ କେଶ ନମ୍ବର ୩୯୫/୨୬ ରେ ଏକ ମାମଲା ରୁଜୁ ହୋଇ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି। ବେଆଇନ ବାଲି ଚୋରା ଚାଲାଣ ବିରୋଧରେ ମୋରଡ଼ା ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ପୋଲିସର ଏହି ଚଢାଉ ପରେ ଅଞ୍ଚଳର ବାଲି ମାଫିଆ ମାନେ ଛାନିଆ ହୋଇ ପଡିଛନ୍ତି। ଆଗକୁ ଏଭଳି ଚଢାଉ ଜାରି ରହିବ ବୋଲି ଥାନା ଅଧିକାରୀ ସୁମିତ ସୋରେ ସୂଚନା ଦେଇଛନ୍ତି।

# ନବରଙ୍ଗପୁରର ମୁଣ୍ଡେଇ ପଡ଼ିଆ ପାଇବ ନୂଆ ରୂପ



ନବରଙ୍ଗପୁର,୯।୧୦ :(ମନ୍ଥନ) ନବରଙ୍ଗପୁରର ମଣ୍ଡେଇ ପଡ଼ିଆ ପାଇବ ନୂଆ ରୂପ । ମଣ୍ଡେଇ ଉତ୍ସବକୁ ଜାତୀୟସ୍ତରରେ ନୂଆ ପରିଚୟ ଦେବା ସହ ଆଗାମୀ ଦିନରେ ବିଭିନ୍ନ ସରକାରୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପଡ଼ିଆର ନବୀକରଣ ଓ ନୂଆ ନିର୍ମାଣ କାମ ଜୋରସୋରରେ ଚାଲିଛି ।ମଣ୍ଡେଇ ପଡ଼ିଆର ରିନୋଭେସନ୍ ଓ ନୂଆ କନଷ୍ଟ୍ରକ୍ସନ୍ ପାଇଁ ପ୍ରାୟ ୪ କୋଟି ୮୧ ଲକ୍ଷ ୩୩ ହଜାର ଟଙ୍କାର ଏଗ୍ରିମେଣ୍ଟ ହୋଇଥିବା ବେଳେ, ୨୦୨୫ ଜୁନ୍ ୬ ତାରିଖରୁ କାମ ଆରମ୍ଭ ହୋଇଛି ଏବଂ ୨୦୨୬ ମାର୍ଚ୍ଚ ୧୧ ସୁଦ୍ଧା କାମ ଶେଷ କରିବାର ଲକ୍ଷ୍ୟ ରହିଥିଲା । ତେବେ ବର୍ତ୍ତମାନ ଅଧିକାଂଶ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସାମ୍ନାରେ ନିର୍ମାଣ ହେଉଥିବା ତିନୋଟି ମୁଖ୍ୟ ଗେଟ୍ ଫିନିଶିଂ ଷ୍ଟେଜରେ ଥିବା ବେଳେ, ପଛପଟେ ଆଉ ଏକ ଗେଟ୍ ଏବଂ ପାର୍କିଂ ପାଇଁ ଏମର୍ଜନ୍ସି ଗେଟ୍ ବ୍ୟବସ୍ଥା କରାଯାଉଛି । ଏହାସହ ପଡ଼ିଆର ଚାରିପଟେ ପ୍ରାୟ ୯୫୦ ମିଟର ପାଥୱେ ନିର୍ମାଣ କାମ ମଧ୍ୟ ଆରମ୍ଭ ହୋଇଛି । ନଭେମ୍ବର ଶେଷ ସୁଦ୍ଧା ସମସ୍ତ କାମ ଶେଷ କରିବାକୁ ଲକ୍ଷ୍ୟ ରହିଛି । ପୂର୍ବରୁ ସୀମିତ ଥିବା ମଣ୍ଡେଇ ପଡ଼ିଆକୁ ପଛପଟ ଓ ପାର୍ଶ୍ୱ ଅଞ୍ଚଳରେ ବିସ୍ତାର କରାଯାଇ ପ୍ରାୟ ୧୩ ଏକର କରାଯାଇଛି । ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୫ କୋଟି ଟଙ୍କା ଅନୁଦାନ ଦିଆଯାଇଥିବା କୁହାଯାଉଛି । ମୁଖ୍ୟ ଗେଟ୍ ସହ ଦୁଇ ପାର୍ଶ୍ୱରେ ଗେଟ୍, ପଛପଟେ ଗେଟ୍, VIP ପ୍ରବେଶ ପାଇଁ ବ୍ୟବସ୍ଥା, ଠଓଚ ରୁମ୍, ଚେଞ୍ଜିଂ ରୁମ୍, କେଫେ ଓ ଅନ୍ୟାନ୍ୟ ସୁବିଧା ନିର୍ମାଣ କରାଯାଉଛି । ମଣ୍ଡେଇ ସମୟରେ ଆସୁଥିବା କଳାକାର, ନୃତ୍ୟଦଳ, ବ୍ୟବସାୟୀ, ଅତିଥି ଓ ଦର୍ଶକଙ୍କ ସୁବିଧାକୁ ମଧ୍ୟ ନିର୍ମାଣ କାମରେ ଗୁରୁତ୍ୱ ଦିଆଯାଇଛି । ମଣ୍ଡେଇ ପଡ଼ିଆର ଏହି ନବୀକରଣ ଓ ବିସ୍ତାର କାମ ସମ୍ପୂର୍ଣ୍ଣ ହେଲେ ଆଗାମୀ ମଣ୍ଡେଇ ଉତ୍ସବର ରୂପରେ ବଡ଼ ପରିବର୍ତ୍ତନ ଆସିବା ସହ ନବରଙ୍ଗପୁରର ଏହି ଐତିହାସିକ ଉତ୍ସବକୁ ଆହୁରି ଭବ୍ୟ ଭାବେ ଆୟୋଜନ କରିବାର ସୁଯୋଗ ମିଳିବ ।

# ବିଦେଶୀ ମଦ ଦୋକାନର ଦାଦାଗିରି

କୋରାପୁଟ,୯।୧୦ :(ମନ୍ଥନ)ସେମିଳିଗୁଡ ୨ ନମ୍ବର ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ଗ୍ରାହକମାନଙ୍କ ପ୍ରତି ଦାଦାଗିରି ଦେଖାଇ ଅତିରିକ୍ତ ଅର୍ଥ ଆଦାୟ କରୁଥିବା ନେଇ ଚାଞ୍ଚଲ୍ୟ କରିଛି ଓ ପ୍ରତି ବୋତଲ ମଦ ପାଇଁ ଧାର୍ଯ୍ୟ ମୂଲ୍ୟ ଠାରୁ ଅତିରିକ୍ତ ୧୦ ଟଙ୍କା ଆଦାୟ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ, ସେମାନେ ସମ୍ପୃକ୍ତ ଅବକାରୀ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।କୋରାପୁଟ ଜିଲ୍ଲା ସେମିଳିଗୁଡା ଗାଙ୍ଗା ମା ମନ୍ଦିର ପାର୍ଶ୍ୱରେ ଥିବା ଠିପି ଖୋଲା ବିଦେଶି ମଦ ଦୋକାନରେ ବୋତଲ ଖୁଲମ ଖୋଲା ଅଧିକ ମୂଲ୍ୟ ନେଉଥିବା ନେଇ ଅଭିଯୋଗ ହୋଇଛି ,ଗ୍ରାହକଙ୍କ ଅଭିଯୋଗ ଅନୁଯାୟୀ, ପ୍ରତ୍ୟେକ ବୋତଲ ପାଇଁ ଅତିରିକ୍ତ ୧୦ ଟଙ୍କା ଦେବାକୁ କୁହାଯାଉଛି। ନିର୍ଦ୍ଧାରିତ ବିକ୍ରୟ ମୂଲ୍ୟ ଠାରୁ ଅଧିକ ଟଙ୍କା କାହିଁକି ଦିଆଯିବ ଏବଂ ଦୋକାନଟି ମଦ ବିକ୍ରୟ ସମ୍ବନ୍ଧୀୟ ନିୟମାବଳୀ ପାଳନ କରୁଛି କି ନାହିଁ, ସେ ନେଇ ଗ୍ରାହକମାନେ ପ୍ରଶ୍ନ ଉଠାଇଛନ୍ତି।ଏହି ଘଟଣାକୁ ନେଇ ଦୋକାନର ସରକାରୀ ଯାଞ୍ଚ, ବିକ୍ରୟ ମୂଲ୍ୟର ଯାଞ୍ଚ ତଥା ବିଲ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ରେକର୍ଡର ପରୀକ୍ଷଣ ପାଇଁ ଦାବି କରାଯାଇଛି। ଯଦି କୌଣସି ନିୟମ ଉଲ୍ଲଂଘନ ହୋଇଥିବାର ପ୍ରମାଣ ମିଳେ, ତେବେ ଅବକାରୀ ବିଭାଗ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାହକମାନେ ଅନୁରୋଧ କରିଛନ୍ତି। ସାଧାରଣ ଜନତା ମଧ୍ୟ ମଦ ବିକ୍ରୟ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଆଣିବାକୁ ଦାବି କରିଛନ୍ତି ଏବଂ ଗ୍ରାହକଙ୍କ ଠାରୁ କେବଳ ଆଇନଗତ ଭାବେ ଅନୁମୋଦିତ ମୂଲ୍ୟ ହିଁ ଆଦାୟ କରାଯିବା ନିଶ୍ଚିତ କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ମଦ ଦୋକାନିମାନେ ଗ୍ରାହକମାନଙ୍କ ସ୍ଥିତିକୁ ନେଇ ବୋତଲ ପିଛା ଅଧିକା ମୂଲ୍ୟ ନେଉଛନ୍ତି , ଯାହାକୁ ନେଇ ସ୍ଥାନୀୟ ଅବକାରି ବିଭାଗକୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁଅନୁରୋଧ ହେଉଛି । ଅପର ପକ୍ଷରେ ବାହ୍ୟ ରାଜ୍ୟରୁ ମଦ ବ୍ୟବସାୟିମାନେ ଆସି ସ୍ଥାନୀୟ ନୀରିହ ସଧାରଣ ଲୋକଙ୍କୁ ମଦ ବଦଳରେ ଅର୍ଥ ଜୋର୍ ଜବରଦସ୍ତ ଆଦାୟ କରି ମାଲାମାଲ୍ ହେଉଛନ୍ତି । ଏମିତିକି ଦୋକାନ ମାଲିକ ନିଜେ ନିଜର ଭାବମୂର୍ତ୍ତି ସ୍ୱଚ୍ଛ କହି ଲୁଟ କରିବାରେ ସାହାଯ୍ୟ କରୁଥିବା ସ୍ଥାନୀୟ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା

ଯାଜପୁର,୯।୧୦ :(ମନ୍ଥନ)ସରିଲା ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା। ଯାଜପୁର ର ସ୍ୱ ପୁରାତନ ନରସିଂହ ଚୌଧୁରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରେ ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଏଥିପାଇଁ ମହାବିଦ୍ୟାଳୟର ପରିବେଶ ବେଶ ସରଗରମ ଦେଖିବାକୁ ମିଳିଥିଲା। ମହାବିଦ୍ୟାଳୟ ରେ ନିର୍ବାଚନ ପାଇଁ ବିଜୁ ଛାତ୍ର ଜନତା ଦଳ, ଏବିଭିପି ସମେତ ବିଭିନ୍ନ ଦଳ ସମର୍ଥିତ ପାର୍ଥୀ ଓ ପ୍ରାର୍ଥୀନୀ ମାନେ ବିରାଟ ଶୋଭାଯାତ୍ରା ରେ ମହାବିଦ୍ୟାଳୟ ପରିସରକୁ ନାମାଙ୍କନ ପାଇଁ ଆସି ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରାର୍ଥୀ ମାନେ ପଟୁଆରରେ ଆସି ନିଜ ସମର୍ଥକ ଓ ପ୍ରସ୍ତାବକଙ୍କ ସହିତ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ନାମାଙ୍କନ ପ୍ରକ୍ରିୟାରେ ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

# ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କେନ୍ଦ୍ରାପଡ଼ା ବନ୍ଦ

କେନ୍ଦ୍ରାପଡ଼ା,୯।୧୦ :(ମନ୍ଥନ)ଜ୍ଞାନେଶ କୁମାର ଇସ୍ତଫା ଓ ଏମ୍‌ଏମ୍‌ଡିଆର ଆଇନ ରଦ୍ଦ ଦାବିରେ ଇଣ୍ଡିଆ ବ୍ଲକ ଆହ୍ୱାନରେ କେନ୍ଦ୍ରାପଡା ଜିଲ୍ଲାରେ ବନ୍ଦ ଡାକରା ଦିଆଯାଇଥିବା ବେଳେ ତାହା ସଫଳ ହୋଇଛି ବୋଲି ମେଣ୍ଟକୁ ସମର୍ଥନ କରୁଥିବା ରାଜନୈତିକ ଦଳଗୁଡିକ ଦାବି କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରବେଶ ପଥ ତିନିମୁହାଣୀ ନିକଟରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ଆନ୍ଦୋଳନରେ ସାମିଲ ହୋଇ ବନ୍ଦର ନେତୃତ୍ୱ ନେଇଥିବା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା କେନ୍ଦ୍ରାପଡ଼ାର ବରିଷ୍ଠ କଂଗ୍ରେସ ନେତା ହଳଧର ସେଠୀ କହିଥିଲେ ଏସଆଇଆର ଆଳରେ ଦେଶରେ ୧୩ କୋଟି ଏବଂ ଓଡ଼ିଶାରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ବୈଧ ଭୋଟରଙ୍କୁ ବାଦ ଦିଆଯାଇଛି। ଏହାଦ୍ୱାରା ପରୋକ୍ଷରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। କାରଣ ଭୋଟଦେବା ଅଧିକାର ହେଉଛି ଏକ ରାଜନୈତିକ ଅଧିକାର। ଭାରତୀୟ ସମ୍ବିଧାନର ପାର୍ଟ-୩ରେ ଏହା ମୌଳିକ ଅଧିକାର ଭାବେ ଲିପିବଦ୍ଧ ହୋଇଛି। ଯଦି କୌଣସି ବ୍ୟକ୍ତି ବା ଶକ୍ତି ଭାରତୀୟ ନାଗରିକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ କରିବାକୁ ଉଦ୍ୟମ କରିବ ତାହା ହେଲେ ସଂପୃକ୍ତ ବ୍ୟକ୍ତି କିମ୍ବା ଶକ୍ତି ବିରୋଧରେ ଜଣେ ଭାରତୀୟ ନାଗରିକ ଭାବେ ସମ୍ବିଧାନର ଧାରା ୩୨ ବଳରେ ସୁପ୍ରିମ୍‌କୋର୍ଟରେ ଓ ଧାରା ୨୨୬ ବଳରେ ହାଇକୋର୍ଟରେ ମକଦ୍ଦମା ରୁଜୁ କରିପାରିବ। ଏ ନେଇ ସୁପ୍ରିମ୍‌କୋର୍ଟ ଓ ବିଭିନ୍ନ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। କିନ୍ତୁ ଏହାକୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭୟ କରୁନାହାଁନ୍ତି। କାରଣ ତାଙ୍କ ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ ପ୍ରଚ୍ଛନ୍ନ ହାତ ରହିଛି। ପ୍ରଧାନମନ୍ତ୍ରୀଙ୍କ ଇସାରାରେ ଜ୍ଞାନେଶ କୁମାର ଏସଆଇଆର ଆଳରେ ଦେଶର କୋଟି କୋଟି ବୈଧ ଭୋଟରଙ୍କ ନାମ କାଟି ଦେଇଛନ୍ତି। ଏହାଦ୍ୱାରା ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ସେହିପରି ଭୋଟ ଚୋରି କରାଯାଇ କେନ୍ଦ୍ରରେ ମୋଦି ଓ ରାଜ୍ୟରେ ମୋହନ ସରକାର ଗଠନ କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ କହିଲେ ଏଭଳି କାର୍ଯ୍ୟର ମାଷ୍ଟରମାଇଣ୍ଡ ହେଉଛନ୍ତି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର। ତେଣୁ ତାଙ୍କ ଇସ୍ତଫା ପାଇଁ କୋଟି କୋଟି ଭାରତୀୟ ଦାବି କରିଛନ୍ତି।

# ବନ୍ୟା ପାଣି ଓହରିଗଲା, ହେଲେ ଲୋକଙ୍କ ମନରୁ ଓହରିନି ବନ୍ୟାର ଭୟ



ନବରଙ୍ଗପୁର,୯।୧୦ :(ମନ୍ଥନ) ପ୍ରତିବର୍ଷ ଇନ୍ଦ୍ରାବତୀ ନଦୀର ଜଳସ୍ତର ବଢ଼ିଲେ ଯେଉଁ ଗାଁଗୁଡ଼ିକ ପ୍ରଥମେ ପାଣି ଘେରରେ ଆସିଥାଏ, ସେଥିରେ ଅନ୍ୟତମ ନବରଙ୍ଗପୁର ଜିଲ୍ଲା ଭାଟିଗୁଡ଼ା । ଗତ ସେପ୍ଟେମ୍ବର ୨୪ ଓ ୨୫ ତାରିଖର ବନ୍ୟା ଏହି ଗାଁର ଲୋକଙ୍କୁ ପୁଣିଥରେ ଘରଦ୍ୱାର ଛାଡ଼ି ସୁରକ୍ଷିତ ସ୍ଥାନକୁ ଯିବାକୁ ବାଧ କରିଥିଲା । ଏବେ ବନ୍ୟାର ଭୟରେ ଗାଁ ଛାଡ଼ିବାକୁ ଚାହୁଁଛନ୍ତି ଲୋକେ । ଉଚ୍ଚସ୍ଥାନ ଚିହ୍ନଟ କରି ସ୍ଥାୟୀ ପୁନର୍ବାସ ସହ ସ୍କୁଲ, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ଯୋଗାଇବାକୁ ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ନିବେଦନ କରିଛନ୍ତି ଭାଟିଗୁଡ଼ା ବାସୀ ।ଭାଟିଗାଁ ପଞ୍ଚାୟତର ଭାଟିଗୁଡ଼ା ଗାଁରେ ମଧ୍ୟ ପଶିଥିଲା ବନ୍ୟାଜଳ । ପ୍ରାୟ ୧୬୫ ପରିବାର ଓ ପ୍ରାୟ ଏକ ହଜାର ଲୋକଙ୍କୁ ରାତାରାତି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା । ୪୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ କିଏ ନିଜ ସମ୍ପର୍କୀୟଙ୍କ ଘରେ, ଆଉ କିଏ ପଞ୍ଚାୟତ ଓ ଭାଟିଗାଁ ବିଦ୍ୟାଳୟରେ ଆଶ୍ରୟ ନେଇଥିଲେ । ପ୍ରାୟ ତିନିଦିନ ପରେ ପାଣି କମିବାରୁ ଲୋକେ ଘରକୁ ଫେରିଥିଲେ । ହେଲେ ଘରକୁ ଫେରିବା ପରେ ମଧ୍ୟ ମନରୁ ହଟିନି ବନ୍ୟାର ଭୟ । କାରଣ ଏହା ପ୍ରଥମ ଘଟଣା ନୁହେଁ; ଇନ୍ଦ୍ରାବତୀର ଜଳ କୂଳ ଲଙ୍ଘିଲେ ଭାଟିଗୁଡ଼ା ପ୍ରଥମ ଦିଗରେ ବନ୍ୟାଜଳ ପ୍ରବେଶ କରୁଥିବା ଗାଁ ମଧ୍ୟରୁ ଅନ୍ୟତମ ବୋଲି ଗ୍ରାମବାସୀ କହୁଛନ୍ତି ।ଏବେ ଭାଟିଗୁଡ଼ାବାସୀଙ୍କ ଦାବି—ପ୍ରତିଥର ବନ୍ୟା ଆସିଲେ ଘର ଛାଡ଼ିବା ଓ ପୁଣି ଫେରିବା ନୁହେଁ । ଗାଁ ନିକଟରେ ଏକ ଉଚ୍ଚ ଓ ସୁରକ୍ଷିତ ସ୍ଥାନ ଚିହ୍ନଟ କରି ସେଠାରେ ଆବାସ, ବିଦ୍ୟାଳୟ, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକେନ୍ଦ୍ର ଭଳି ମୌଳିକ ସୁବିଧା ସହ ସ୍ଥାୟୀ ପୁନର୍ବାସ କରାଯାଉ । ବନ୍ୟା ଆସିବା ପୂର୍ବରୁ ପ୍ରସ୍ତୁତି ଏବଂ ଜରୁରୀ ସ୍ଥାନାନ୍ତରଣ ଜୀବନ ବଞ୍ଚାଇପାରେ, କିନ୍ତୁ ଭାଟିଗୁଡ଼ାବାସୀଙ୍କ ଦାବି ଏହାଠାରୁ ଆଗକୁ—ବନ୍ୟା ସହ ପ୍ରତିବର୍ଷ ଲଢ଼ିବା ପରିବର୍ତ୍ତେ ସ୍ଥାୟୀ ଭାବେ ସୁରକ୍ଷିତ ସ୍ଥାନରେ ବଞ୍ଚିବାର ଅଧିକାର । ଏବେ ଗ୍ରାମବାସୀଙ୍କ ଏହି ଦାବି ଉପରେ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର ।

# ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜନ୍ମ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ

ଯାଜପୁର,୯।୧୦ :(ମନ୍ଥନ) ଯାଜପୁର ବୈଷ୍ଣବ ଦତ ଉଚ୍ଚବିଦ୍ୟାଳୟରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟଳୟ ରେ ସମାଜସେବୀ ନିଶୀଥ ଦାସଙ୍କ ଉଦ୍ୟମ ବରିଷ୍ଠ ଶିକ୍ଷାବିତ ସ୍ୱର୍ଗତ ଅମଳା ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଷ୍ଠା ହୋଇଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପ୍ରଧାନ ଶିକ୍ଷୟତ୍ରୀ ସୁପ୍ରଭା ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷାବିତ୍ ଡ଼ ଦାମୋଦର ବେହେରା



ଯୋଗ ଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଗୋପବନ୍ଧୁ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀ ଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ସମାଜସେବୀ ନିଶୀଥ ଦାସ, ଶିକ୍ଷୟତ୍ରୀ ଅଞ୍ଜଳୀପ୍ରଭା ନାୟକ, ଗୀତାଞ୍ଜଳୀ ସାହୁ, ସ୍ମୃତି ସାମଲ, ସୋନାଲୀ ସାହୁ, ସୁକାନ୍ତୀ ବାରିକ୍, ବର୍ଷାରାଣୀ ସ୍ୱାଇଁ, ଲିପ୍ସାରାଣୀ ସ୍ୱାଇଁ, ସ୍ମୃତିଶ୍ରୀ ଦେବୀ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଯୋଗ ଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା।

# ଆରମ୍ଭ ହେଲା 'ପ୍ଲାଷ୍ଟିକ୍ ଟୁ ପର୍ପୋଜ: ୧୦୦ ଦିନର ସ୍କୁଲ ଆକ୍ସନ୍ ଚ୍ୟାଲେଞ୍ଜ'

ଅନୁଗୋଳ,୯।୧୦ :(ମନ୍ଥନ)ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛତାକୁ ଏକ ଜନ ଆନ୍ଦୋଳନରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡଗର)ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବ୍ଲକ ଡାଇମଣ୍ଡ ସମ୍ମିଳନୀ କକ୍ଷଠାରେ ଏକ ଅଭିନବ ଅଭିଯାନ 'ପ୍ଲାଷ୍ଟିକ୍ ଟୁ ପର୍ପୋଜ: ୧୦୦ ଦିନିଆ ସ୍କୁଲ ଆକ୍ସନ୍ ଚ୍ୟାଲେଞ୍ଜ' ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଏହି ମହତ ପ୍ରୟାସରେ ଜିଲ୍ଲାର ସମସ୍ତ ୧୬୩ଟି ଘରୋଇ ବିଦ୍ୟାଳୟର ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପ୍ରାୟ ୧୫,୦୦୦ ଛାତ୍ରଛାତ୍ରୀ ସିଧାସଳଖ ଯୋଡ଼ି ହୋଇଛନ୍ତି। ଛାତ୍ରଛାତ୍ରୀମାନଙ୍କ ମାଧ୍ୟମରେ ଜିଲ୍ଲାର ୧୫,୦୦୦ ପରିବାର ଏହି ସ୍ୱଚ୍ଛତା ସଂକଳ୍ପ ସହ



ସାମିଲ ହୋଇ ପ୍ଲାଷ୍ଟିକ୍ ମୁକ୍ତ ସମାଜ ଗଠନ ଦିଗରେ ବାର୍ତ୍ତା ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ।ଏହି ୧୦୦ ଦିନିଆ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ 'ପ୍ଲାଷ୍ଟିକ୍ ଆକ୍ସନ୍ ଟିମ୍ ' ଗଠନ କରାଯାଉଛି, ଯାହା ଜଣେ ନୋଡାଲ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ। ସମସ୍ତ କାର୍ଯ୍ୟକ୍ରମର ବିଧିବଦ୍ଧ ଡକ୍ୟୁମେଣ୍ଟେସନ୍ ସୁନିଶ୍ଚିତ କରାଯିବା ସହ ସମଗ୍ର ଅଭିଯାନକୁ ଚାରୋଟି ପୃଥକ ପର୍ଯ୍ୟାୟରେ ପରିଚାଳିତ କରାଯିବ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ପ୍ଲାଷ୍ଟିକ ବ୍ୟବହାରର'ହ୍ରାସ ପୁନଃବ୍ୟବହାର) ଏବଂ ପୁନଃଚକ୍ରଣ (' ଅର୍ଥାତ୍ ୩ଜ ନୀତିକୁ ପିଲାମାନଙ୍କ ଦୈନନ୍ଦିନ ଜୀବନଶୈଳୀରେ ଅଭ୍ୟାସରେ ପରିଣତ କରିବା, ଯାହା ଦ୍ୱାରା ପ୍ଲାଷ୍ଟିକ୍ ପରିବେଶ ପାଇଁ ବୋଝ ନହୋଇ ଏକ ନୂତନ ସୁଯୋଗରେ ରୂପାନ୍ତରିତ ହୋଇପାରିବ ।ଏହି ସ୍ୱଚ୍ଛତା ଚ୍ୟାଲେଞ୍ଜରେ ଉଲ୍ଲେଖନୀୟ ଅବଦାନ ଏବଂ ସକ୍ରିୟ ଭାଗିଦାରୀ ପାଇଁ ଶ୍ରେଷ୍ଠ କୃତି ଛାତ୍ରଛାତ୍ରୀ ଓ ବିଦ୍ୟାଳୟଗୁଡ଼ିକୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱତନ୍ତ୍ର ପୁରସ୍କାର ଓ ସ୍ୱୀକୃତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ଆଇଏଏସ ପ୍ରୋବେସନର ଶ୍ରୀ ଅଭି ଜୈନ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ଗୌରବମୟ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଲୋପାମୁଦ୍ରା ପଟ୍ଟନାୟକଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଅମ୍ବୁଜ କୁମାର ଗଡ଼ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରେଙ୍ଗାଳି ଇକୋଟୁରିଜିମ୍ ସ୍ଥଳ ପରିଦର୍ଶନ ଡିଏଫ୍‌ଓ

ଅନୁଗୋଳ,୯।୧୦ :(ମନ୍ଥନ)ଅନୁଗୋଳ ବନଖଣ୍ଡର ଡିଭିଜନାଲ୍ ଫରେଷ୍ଟ ଅଫିସର (ଡିଏଫ୍‌ଓ) କଣିହା ରେଞ୍ଜର ରେଙ୍ଗାଳି ସେକ୍ସନ ଅଧୀନସ୍ଥ ରେଙ୍ଗାଳି ଇକୋଟୁରିଜିମ୍ ସ୍ଥଳ ପରିଦର୍ଶନ କରି ଏହାର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ପ୍ରକୃତିଭିତ୍ତିକ ପର୍ଯ୍ୟଟନର ସମ୍ଭାବନା ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନରେ ଜୈବ ବିବିଧତା ସଂରକ୍ଷଣ, ପରିବେଶ ସୁରକ୍ଷା, ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ଏବଂ ପ୍ରାକୃତିକ ସମ୍ପଦର ସ୍ଥାୟୀ ପରିଚାଳନାର



ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏପରି ପଦକ୍ଷେପ ପ୍ରାକୃତିକ ପରିବେଶର ମୂଲ୍ୟ ବୃଦ୍ଧି କରିବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ଜୀବିକାର ନୂତନ ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ। ଅନୁଗୋଳ ବନଖଣ୍ଡ ପ୍ରକୃତି ସଂରକ୍ଷଣ, ସ୍ଥାୟୀ ଇକୋଟୁରିଜିମ୍ ବିକାଶ, ସ୍ଥାନୀୟ ସମ୍ପ୍ରଦାୟର ସହଭାଗିତା ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ପ୍ରତିବଦ୍ଧ।ପ୍ରକୃତିର ସଂରକ୍ଷଣ, ଇକୋଟୁରିଜିମ୍‌ର ପ୍ରୋତ୍ସାହନ, ଜୀବିକାର ସ୍ଥାୟୀ ବିକାଶ।

# ନାଲକୋ ଠିକା ଶ୍ରମିକ ସଙ୍ଘର ପ୍ରତିଷ୍ଠା ଦିବସ ପାଳିତ




ଅନୁଗୋଳ,୯।୧୦ :(ମନ୍ଥନ) ଅନୁଗୋଳ ଜିଲ୍ଲାର ନାଲକୋ ନଗରର ନେସ କାର୍ଯ୍ୟାଳୟ ଠାରେ ନାଲକୋ ଠିକା ଶ୍ରମିକ ସଂଗଠନ ତରଫରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଛି, ଏଥିରେ ସଂଗଠନର ସଭାପତି ଶ୍ରୀଯୁକ୍ତ ଅଭୟ କୁମାର ସାମଲ ଅତିଥି ପ୍ରଦାନ କରି ସଭାକାର୍ଯ୍ୟ ପରିଚାଳନା କରିଥିଲେ, ଏଥିରେ ଉତ୍ସବରେ ମୁଖ୍ୟ ଅତିଥି ଭବେ ନାଲକୋ ଶ୍ରମିକ କଂଗ୍ରେସ ୟୁନିଅନର ସାଧାରଣ ସମ୍ପାଦକ ବିଭବ କୁମାର ଜେନା,ସଙ୍ଘର ଉପଦେଷ୍ଟା ଶ୍ରୀ ନିର୍ମଳ କୁମାର ସାମଲ , ରାଜ୍ୟ ଯୁବ ସଭାପତି ପ୍ରକାଶ ବେହେରା, ଓଡିଶା ପ୍ରଦେଶ କଂଗ୍ରେସ କମିଟିର ମୁଖ ପାତ୍ର ଜଗତା ନନ୍ଦ ପ୍ରଧାନ, ନେସ ସଂଗଠନର ସାଧାରଣ ସମ୍ପାଦକ ରଜିତ ସାହୁ, ଘଳଝ ର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ, ଯୁଗ୍ମ ସାଧାରଣ ସମ୍ପାଦକ ମନୋଜ ସ୍ୱାଇଁ, ଉପସଭାପତି କୃଷ୍ଣ ଚନ୍ଦ୍ର ଜଙ୍କ, ଉପେନ୍ଦ୍ର ବେହେରା ଅତିଥି ଭାବେ ଉପସ୍ଥିତ ଥିଲେ, ଆଗାମୀ ଦିନରେ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ତରଫରୁ ନାଲକୋର ସମସ୍ତ ଠିକା ଶ୍ରମିକ ମାନଙ୍କୁ ଉର୍ନତ ମାନର ସୁ ବ୍ୟବସ୍ଥା କରିବେ ବୋଲି ଶ୍ରୀ ଜେନା କହିଥିଲେ, ଏଥିରେ ଠିକା ଶ୍ରମିକ ସଂଗଠନର ପ୍ରଭାତୀ ସାହୁ, କୁନମି ହେମ୍ବ୍ରମ, ପ୍ରଫୁଲ ସାହୁ, ପ୍ରମୋଦ ସାହୁ, ନାରଣ ଦାସ, ରବି ମହାଳିକ, ସଞ୍ଜୟ ନାୟକ, ପଣ୍ଡିତ ମହାକୁଡ଼, ଶ୍ରୀକାନ୍ତ ମୁଦୁଲି, ଅମର ସୁତାର, ରଂଜନ ସାହୁ, ଅଭିମନ୍ୟୁ ଦେହୁରୀ, ସାହାଯ୍ୟ ସହଯୋଗ କରିଥିଲେ ପରିଶେଷରେ ସଙ୍ଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟକ୍ରମ ସମାପ୍ତ କରିଥିଲେ ।

# ରତନପୁର ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଗୋପ,୯।୧୦ :(ମନ୍ଥନ)ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ସମ୍ପାଦକ ଶ୍ରୀଯୁକ୍ତ ପ୍ରଭାକର ସାହୁ ଙ୍କୁ କଲେଜ ପରିସରରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ବ୍ରଜବନ୍ଧୁ ପରିଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ତଥା ରାଜ୍ୟ ୬୬୨ କଲେଜ ସଙ୍ଘର ଉପସଭାନେତ୍ରୀ ଡ଼ ଜ୍ୟୋସ୍ନାରାଣୀ ବସ୍ତିଆ ମୁଖ୍ୟ ଅତିଥି ଓ ରାଧା ବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ପୁରୀ ୬୬୨ ସଙ୍ଘର ସମ୍ପାଦକ ଶ୍ରୀଯୁକ୍ତ ସୁରତ କୁମାର ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟି ର ପୂର୍ବତନ ସମ୍ପାଦକ ଶ୍ରୀଯୁକ୍ତ ପୁରନ୍ଦର ବିଶ୍ୱାଳ, ପୂର୍ବତନ ସଭାପତି ଶ୍ରୀଯୁକ୍ତ ବଂଶୀଧର ରାଉତ, କଲେଜ ର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପରିଡା, ଶ୍ରୀଯୁକ୍ତ ପ୍ରସନ୍ନ କୁମାର ରଥ, ପୂର୍ବତନ ସଂସ୍କୃତ ବିଭାଗ ଅଧ୍ୟାପକ ଶ୍ରୀଯୁକ୍ତ ବିଜୟକୁମାର ସ୍ୱାଇଁ, ଓଡ଼ିଆ ବିଭାଗ ଅଧ୍ୟାପକ ଶ୍ରୀଯୁକ୍ତ ଭଂଜକିଶୋର ମହାନ୍ତି, ପୁରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ବିଶ୍ୱନାଥ ବଳିୟାରସିଂହ, ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼ ଦିଲ୍ଲୀପ କୁମାର ସେନାପତି, ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବିଶ୍ୱାଳ, ବାଙ୍ଗୁରୀଗାଁ ଗ୍ରାମ ପଂଚାୟତର ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ସ୍ୱାଇଁ ପ୍ରମୁଖ ସାନମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ବିଦାୟୀ ଅଧ୍ୟକ୍ଷ ତଥା ସମ୍ପାଦକ ଶ୍ରୀଯୁକ୍ତ ସାହୁଙ୍କର ଦୀର୍ଘ ୩୩ ବର୍ଷର ତ୍ୟାଗପୁତ ଜୀବନ, ଅନୁଷ୍ଠାନ ପ୍ରତି ଗଭୀର ନିଷ୍ଠା, ଆନୁଗତ୍ୟ ତଥା ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ସମ୍ପୃକ୍ତି ଦୀର୍ଘଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରି ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।ଅନୁଷ୍ଠାନର ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଶିକ୍ଷାରତ ଛାତ୍ରଛାତ୍ରୀ ପ୍ରଭୃତି ପ୍ରଭାକର ସାରଙ୍କ ବଳିଷ୍ଠ ଶିକ୍ଷାଦାନ ଓ କର୍ମ ନିପୁଣତା ଉପରେ ମତ ବ୍ୟକ୍ତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଓଡ଼ିଆ ଅଧ୍ୟାପକ ଶ୍ରୀଯୁକ୍ତ ଲଛମନ ଜେନା କଲେଜ ତରଫରୁ ମାନପତ୍ର ପଠନ କରିଥିବା ବେଳେ ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ଶିବପ୍ରସାଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଶହ ଶହ ଛାତ୍ରଛାତ୍ରୀ ମାନଙ୍କ ସହିତ ସମସ୍ତ ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀବୃନ୍ଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ସାହୁଙ୍କୁ ବିରାଟ ଶୋଭାଯାତ୍ରାରେ ତାଙ୍କର ବାଙ୍ଗୁରୀଗାଁ ସ୍ଥିତ ବାସଭବନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

ଶନିବାର ୧୦ ଅକ୍ଟୋବର, ୨୦୨୬, ଭୁବନେଶ୍ୱର

Saturday October 10, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ମହାଳୟ

ମହାଳୟ ହେଉଛି ଭାରତୀୟ ସନାତନ ପରମ୍ପରାରେ ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା, କୃତଜ୍ଞତା ଓ ସ୍ମରଣର ଏକ ଅତ୍ୟନ୍ତ ପବିତ୍ର ଅବସର। ପିତୃପକ୍ଷର ଅନ୍ତିମ ଅମାବାସ୍ୟକୁ ସର୍ବପିତୃ ଅମାବାସ୍ୟ ବା ମହାଳୟ ଅମାବାସ୍ୟ କୁହାଯାଏ। ଏହି ଦିନ ଜଣା-ଅଜଣା, ନିକଟ-ଦୂର ସମସ୍ତ ପିତୃପୁରୁଷଙ୍କୁ ସ୍ମରଣ କରି ତର୍ପଣ, ଶ୍ରାଦ୍ଧ, ପିଣ୍ଡଦାନ ଓ ଦାନଧର୍ମ କରିବାର ପରମ୍ପରା ରହିଛି। ୨୦୨୬ ମସିହାରେ ମହାଳୟ ଅମାବାସ୍ୟ ଅକ୍ଟୋବର ୧୦ ତାରିଖ ଶନିବାର ପାଳିତ ହେବ। ପଞ୍ଜିକା ଅନୁସାରେ ଅମାବସ୍ୟ ତିଥି ଅକ୍ଟୋବର ୯ ରାତିରୁ ଆରମ୍ଭ ହୋଇ ଅକ୍ଟୋବର ୧୦ ରାତି ପର୍ଯ୍ୟନ୍ତ ରହିବ। ମହାଳୟର ମୂଳ ଅର୍ଥ କେବଳ ଏକ ଧାର୍ମିକ କର୍ମକାଣ୍ଡ ନୁହେଁ, ଏହା ମଣିଷକୁ ତାହାର ମୂଳ, ପରିବାର, ପୂର୍ବପୁରୁଷ ଓ ଜୀବନର ଋଣ ସମ୍ପର୍କରେ ସଚେତନ କରାଉଥିବା ଏକ ଗଭୀର ସାଂସ୍କୃତିକ ସନ୍ଦେଶ। ଆମେ ଯେଉଁ ପରିବାରରେ ଜନ୍ମ ନେଇଛୁ, ଯେଉଁ ଘର, ଜମି, ସଂସ୍କାର, ଭାଷା, ଜ୍ଞାନ, ପରମ୍ପରା ଓ ଜୀବନମୂଲ୍ୟ ପାଇଛୁ, ସେସବୁର ପଛରେ ଅନେକ ପିଢ଼ିର ଅବଦାନ ରହିଛି। ମହାଳୟ ସେହି ଅଦୃଶ୍ୟ ଋଣକୁ ସ୍ୱୀକାର କରିବାର ଦିନ। ମଣିଷ ଜୀବନରେ ମାତାପିତାଙ୍କ ଋଣ, ଗୁରୁଙ୍କ ଋଣ, ସମାଜର ଋଣ ଓ ପ୍ରକୃତିର ଋଣ ସହିତ ପିତୃଋଣର ଧାରଣା ଭାରତୀୟ ଚିନ୍ତନରେ ଗଭୀର ଭାବରେ ଜଡ଼ିତ। ଶ୍ରାଦ୍ଧର ଅର୍ଥ ହେଉଛି ଶ୍ରଦ୍ଧା ସହିତ ପିତୃପୁରୁଷଙ୍କ ସ୍ମରଣ କରିବା ଏବଂ ତାଙ୍କ ପ୍ରତି କୃତଜ୍ଞତା ଜଣାଇବା। ପିତୃପକ୍ଷରେ ପରିବାରଗୁଡ଼ିକ ନିଜ ନିଜ ପିତୃପୁରୁଷଙ୍କ ମୃତ୍ୟୁତିଥି ଅନୁସାରେ ଶ୍ରାଦ୍ଧ କରିଥାନ୍ତି। କିନ୍ତୁ ଯେଉଁ ପିତୃପୁରୁଷଙ୍କ ମୃତ୍ୟୁତିଥି ଜଣା ନାହିଁ କିମ୍ବା ନିର୍ଦ୍ଦିଷ୍ଟ ତିଥିରେ ଶ୍ରଦ୍ଧା କରାଯାଇପାରିବନାହିଁ, ସେମାନଙ୍କ ପାଇଁ ମହାଳୟ, ଅମାବାସ୍ୟାରେ ସାମୂହିକ ଭାବେ ଶ୍ରାଦ୍ଧ ଓ ତର୍ପଣ କରିବାର ପରମ୍ପରା ରହିଛି। ଏହି କାରଣରୁ ଏହି ତିଥିକୁ ସର୍ବପିତୃ ଅମାବାସ୍ୟା ବୋଲି କୁହାଯାଏ। ଧାର୍ମିକ ପରମ୍ପରାରେ ତର୍ପଣର ବିଶେଷ ମହତ୍ୱ ରହିଛି। ଜଳ, କଳା ତିଳ, ଅକ୍ଷତ, ପୁଷ୍ପ ଆଦି ଅର୍ପଣ କରି ପିତୃପୁରୁଷଙ୍କୁ ସ୍ମରଣ କରାଯାଏ। ପିଣ୍ଡଦାନ ମଧ୍ୟ ଅନେକ ପରିବାରରେ ଶ୍ରାଦ୍ଧକର୍ମର ଅଂଶ ଭାବେ ପାଳନ ହୁଏ। ଏହି ସମସ୍ତ କର୍ମର ମୂଳ ଉଦ୍ଦେଶ୍ୟ ହେଉଛି ଶ୍ରଦ୍ଧା, ସ୍ମୃତି ଓ କୃତଜ୍ଞତାର ପ୍ରକାଶ। ଧାର୍ମିକ ଆସ୍ଥା ଅନୁସାରେ ପିତୃପୁରୁଷଙ୍କ ଶାନ୍ତି ଓ ତୃପ୍ତି ପାଇଁ ଏହି କର୍ମ କରାଯାଏ ଏବଂ ପରିବାରର ମଙ୍ଗଳ ପାଇଁ ତାଙ୍କ ଆଶୀର୍ବାଦ କାମନା କରାଯାଏ। ଏହି ଆସ୍ଥାକୁ ସମ୍ମାନ କରିବା ସହିତ ଏହା ବୁଝିବା ଆବଶ୍ୟକ ଯେ ମହାଳୟର ସାମାଜିକ ଓ ମାନବିକ ମୂଲ୍ୟ ମଧ୍ୟ ଅତ୍ୟନ୍ତ ବଡ। ପୂର୍ବପୁରୁଷଙ୍କ ସ୍ମରଣ କରିବା ଅର୍ଥ ନିଜ ଅତିତକୁ ସମ୍ମାନ କରିବା। ଯେଉଁ ପରିବାର ନିଜ ଅତୀତକୁ ମନେ ରଖେ, ସେହି ପରିବାର ନିଜ ଭବିଷ୍ୟତ ପାଇଁ ମଧ୍ୟ ଅଧିକ ସଚେତନ ହୋଇପାରେ। ଆଜିର ଦ୍ରୁତ ଜୀବନଶୈଳୀରେ ପରିବାର ଛୋଟ ହେଉଛି, ଯୁବପିଢ଼ି ଚାକିରି ଓ ଶିକ୍ଷା ପାଇଁ ଦୂରଦୂରାନ୍ତରେ ରହୁଛନ୍ତି ଏବଂ ପୁରୁଣା ପରମ୍ପରା ସହିତ ସମ୍ପର୍କ କ୍ରମେ ଦୁର୍ବଳ ହେଉଛି। ଏପରି ସମୟରେ ମହାଳୟ ଆମକୁ ନିଜ ପରିବାରର ଇତିହାସ ଜାଣିବା, ପୂର୍ବଜଙ୍କ ଜୀବନ ଓ ଅବଦାନକୁ ମନେ ପକାଇବା ଏବଂ ପରବର୍ତ୍ତୀ ପିଢ଼ିକୁ ପାରିବାରିକ ମୂଲ୍ୟବୋଧ ଶିଖାଇବାର ସୁଯୋଗ ଦେଇଥାଏ। ମହାଳୟର ଆଉ ଏକ ମହତ୍ୱପୂର୍ଣ୍ଣ ପକ୍ଷ ହେଉଛି ଦାନ ଓ ସେବା। ପରମ୍ପରାରେ ଏହି ଅବସରରେ ଅନ୍ନଦାନ, ବସ୍ତ୍ରଦାନ ଓ ଆବଶ୍ୟକତାଗ୍ରସ୍ତଙ୍କୁ ସହାୟତା କରିବାକୁ ପୁଣ୍ୟକର୍ମ ଭାବରେ ଗ୍ରହଣ କରାଯାଇଛି। ଗରିବଙ୍କୁ ଭୋଜନ କରାଇବା, ଅସହାୟଙ୍କୁ ସହଯୋଗ କରିବା, ପଶୁପକ୍ଷୀଙ୍କୁ ଖାଦ୍ୟ ଦେବା ଓ ପରିବେଶ ପ୍ରତି ଦାୟିତ୍ୱ ପାଳନ କରିବା ଭଳି କାର୍ଯ୍ୟ ମହାଳୟର ମାନବିକ ଭାବନାକୁ ଆହୁରି ସମୃଦ୍ଧ କରିପାରେ। ଅନେକ ପରମ୍ପରାରେ କାଉ, ଗାଈ, କୁକୁର ଆଦି ପ୍ରାଣୀଙ୍କୁ ଖାଦ୍ୟ ଦେବାକୁ ମଧ୍ୟ ଶୁଭ ମନେ କରାଯାଏ। ଏହାର ଅର୍ଥକୁ କେବଳ ଅନ୍ଧବିଶ୍ୱାସର ଚଶମାରେ ନଦେଖି, ଜୀବଜଗତ ପ୍ରତି ଦୟା ଓ ସହାନୁଭୂତିର ସନ୍ଦେଶ ଭାବେ ବୁଝିବା ଆବଶ୍ୟକ। ମହାଳୟ ଆମକୁ ମନେ ପକାଏ ଯେ ଜୀବନ ନିଜ ପାଇଁ ନୁହେଁ, ଆମେ ପୂର୍ବପିଢ଼ିର ଅବଦାନ ଓ ଆଗାମୀ ପିଢ଼ି ପ୍ରତି ଆମର ଦାୟିତ୍ୱ ମଧ୍ୟ ରହିଛି। ଏହି ଦୃଷ୍ଟିରୁ ମହାଳୟ ଏକ ପିଢ଼ିକୁ ଅନ୍ୟ ପିଢ଼ି ସହିତ ଯୋଡ଼ିଥିବା ସେତୁ। ଓଡ଼ିଶାର ସାମାଜିକ ଓ ଧାର୍ମିକ ଜୀବନରେ ମଧ୍ୟ ପିତୃଶ୍ରାଦ୍ଧର ଗଭୀର ପରମ୍ପରା ରହିଛି। ନଦୀ, ପୋଖରୀ, ତୀର୍ଥସ୍ଥାନ ଓ ଘରେ ପରିବାରଗୁଡ଼ିକ ନିଜ ପରମ୍ପରା ଅନୁଯାୟୀ ତର୍ପଣ ଓ ଶ୍ରାଦ୍ଧ କରନ୍ତି। କେତେକ ପରିବାରରେ ପୁରୋହିତଙ୍କ ପରାମର୍ଶ ନେଇ ନିର୍ଦ୍ଦିଷ୍ଟ ବିଧିରେ ଏହି କର୍ମ ସମ୍ପାଦନ କରାଯାଏ। ଏଠାରେ ମନେ ରଖିବା କଥା ହେଉଛି, ଅଂଚଳ, ପରିବାର ଓ ପରମ୍ପରା ଅନୁଯାୟୀ ଶ୍ରାଦ୍ଧର ବିଧିରେ ପାର୍ଥକ୍ୟ ଥାଇପାରେ। ତେଣୁ କୌଣସି ଏକ ପଦ୍ଧତିକୁ ସମସ୍ତଙ୍କ ପାଇଁ ଏକମାତ୍ର ନିୟମ ଭାବରେ ଧରିବା ଉଚିତ ନୁହେଁ। ମହାଳୟର ସବୁଠାରୁ ବଡ ଶିକ୍ଷା ହେଉଛି – ଶ୍ରଦ୍ଧା ହୃଦୟରେ ଥିବା ଦରକାର। ଆଡମ୍ବର, ପ୍ରଦର୍ଶନ କିମ୍ବା ଅତ୍ୟଧିକ ଖର୍ଚ୍ଚ ତୁଳନାରେ ନିଷ୍ଠା, ସ୍ମରଣ, ସେବା ଓ ଦାନର ମୂଲ୍ୟ ଅଧିକ। ପିତୃପୁରୁଷଙ୍କ ସ୍ମୃତିରେ ଏକ ଅସହାୟ ପରିବାରକୁ ଭୋଜନ କରାଇବା, ଜଣେ ଗରିବ ଛାତ୍ରଙ୍କୁ ପଢ଼ାସାମଗ୍ରୀ ଦେବା, ଜଣେ ରୋଗୀଙ୍କୁ ସହାୟତା କରିବା, ଗଛ ଲଗାଇବା କିମ୍ବା ପରିବାରର ବୃଦ୍ଧଙ୍କୁ ସମ୍ମାନ ଦେବା ମଧ୍ୟ ମହାଳୟର ମାନବିକ ଆତ୍ମାକୁ ପ୍ରକାଶ କରିପାରେ। ଏହି ପର୍ବ ଆମକୁ ଅହଂକାରରୁ ଦୂରେଇ କୃତଜ୍ଞତାର ମାର୍ଗରେ ନେଇଯାଏ। ଆଜି ପିଢ଼ି ପାଇଁ ମହାଳୟର ସନ୍ଦେଶ ଆହୁରି ଗଭୀର। ଆଧୁନିକତା ଆମକୁ ନୂଆ ସୁଯୋଗ ଦେଇଛି, କିନ୍ତୁ ଆଧୁନିକତାର ଅର୍ଥ ନିଜ ମୂଳକୁ ଭୁଲିଯିବା ନୁହେଁ। ବିଜ୍ଞାନ ଓ ପ୍ରଯୁକ୍ତି ଆମ ଜୀବନକୁ ସହଜ କରିପାରେ, କିନ୍ତୁ ମୂଲ୍ୟବୋଧ, ସମ୍ପର୍କ ଓ କୃତଜ୍ଞତା ମଣିଷକୁ ପ୍ରକୃତ ଅର୍ଥରେ ମଣିଷ କରେ। ତେଣୁ ମହାଳୟକୁ କେଳବ ଏକ ତିଥି ଭାବେ ନୁହେଁ, ମାନବିକତାର ଏକ ପାଠ ଭାବେ ଗ୍ରହଣ କରିବା ଆବଶ୍ୟକ। ପିତୃପୁରୁଷଙ୍କ ନାମ ମନେ ପକାଇବା ସହିତ ତାଙ୍କ ଜୀବନର ଭଲ ଗୁଣଗୁଡ଼ିକୁ ନିଜ ଜୀବନରେ ଅନୁସରଣ କରିବା ହେଉଛି ସେମାନଙ୍କ ପ୍ରତି ସତ୍ୟ ଶ୍ରଦ୍ଧା। ସେମାନେ ଯେଉଁ ସତ୍ୟ, ପରିଶ୍ରମ, ତ୍ୟାଗ, ସାହସ, ସେବା ଓ ପରିବାରିକ ଏକତାର ମୂଲ୍ୟବୋଧ ଛାଡ଼ିଯାଇଛନ୍ତି, ତାହାକୁ ଆଗକୁ ନେବା ହିଁ ପିତୃସ୍ମରଣର ସର୍ବୋତମ ରୂପ। ମହାଳୟର ଆଧ୍ୟାତ୍ମିକ ମହତ୍ୱ ସହିତ ଏହାର ମାନସିକ ପ୍ରଭାବ ମଧ୍ୟ ରହିଛି। ପ୍ରିୟଜନଙ୍କୁ ହରାଇବାର ଦୁଃଖ ମଣିଷ ହୃଦୟରେ ଦୀର୍ଘ ସମୟ ରହିଥାଏ। ସେମାନଙ୍କୁ ସ୍ମରଣ କରିବା, ତାଙ୍କ ଭଲ କଥା ମନେ ପକାଇବା ଓ ପରିବାର ସହ ତାଙ୍କ ସ୍ମୃତି ବାଂଟିବା ମନକୁ ଏକ ପ୍ରକାର ଆତ୍ମିକ ଶାନ୍ତି ଦେଇପାରେ। ଏହି ଦୃଷ୍ଟିରୁ ମହାଳୟ ପରିବାରିକ ସ୍ମୃତିର ଏକ ସାମୂହିକ ଦିନ। ପିଲାମାନଙ୍କୁ ପୂର୍ବଜଙ୍କ କଥା କହିବା, ପରିବାରର ଇତିହାସ ବୁଝାଇବା ଓ ସେମାନଙ୍କ ଅବଦାନ ବିଷୟରେ ଜଣାଇବା ଦ୍ୱାରା ପରିବାରିକ ମୂଳ ସହିତ ନୂଆ ପିଢ଼ିର ସମ୍ପର୍କ ଦୃଢ଼ ହୋଇପାରେ ମହାଳୟ ସହ ଶାରଦୀୟ ଦୁର୍ଗାପୂଜାର ଭାବନା ମଧ୍ୟ ଅନେକ ଅଂଚଳରେ ଜଡ଼ିତ। ପିତୃପକ୍ଷର ସମାପ୍ତି ପରେ ଦେବୀପକ୍ଷର ଆରମ୍ଭ ହୁଏ। ତେଣୁ ଏହା ଏକ ପକ୍ଷରେ ପୂର୍ବଜଙ୍କ ପ୍ରତି ଶ୍ରଦ୍ଧାର ସମାପନ ଏବଂ ଅନ୍ୟ ପକ୍ଷରେ ଶକ୍ତି ଉପାସନାର ଆରମ୍ଭର ସଙ୍କେତ ଭାବେ ଦେଖାଯାଏ। ତଥାପି ଅଂଚଳଭେଦ ମହାଳୟ ପାଳନର ରୀତି ଓ ତାହାର ସାଂସ୍କୃତିକ ଅର୍ଥରେ ପାର୍ଥକ୍ୟ ଦେଖାଯାଏ। ମହାଳୟର ଆଉ ଏକ ମହତ୍ୱ ହେଉଛି ଦାୟିତ୍ୱବୋଧ। ଆମେ ଯେଉଁ ସମାଜ ଓ ପରିବେଶ ଆଜି ପାଇଛୁ, ତାହା ଆଗାମୀ ପିଢ଼ି ପାଇଁ ମଧ୍ୟ ସୁରକ୍ଷିତ ରଖିବା ଆମର କର୍ତ୍ତବ୍ୟ। ପୂର୍ବଜମାନେ ଯେପରି ତାଙ୍କ ପରବର୍ତ୍ତୀ ପିଢ଼ି ପାଇଁ କିଛି ଛାଡ଼ିଯାଇଥିଲେ, ଆମେ ମଧ୍ୟ ଆମ ପରବର୍ତ୍ତୀ ପିଢ଼ି ପାଇଁ ଏକ ଭଲ ସମାଜ ଛାଡ଼ିଯିବା ଦରକାର। ତେଣୁ ମହାଳୟରେ ପିତୃପୁରୁଷଙ୍କୁ ସ୍ମରଣ କରିବା ସହିତ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ଗଛରୋପଣ, ଗରିବଙ୍କ ସେବା ଓ ସମାଜର ଦୁର୍ବଳ ବର୍ଗଙ୍କ ପାଖରେ ଠିଆହେବାର ସଂକଳ୍ପ ନିଆଯାଇପାରେ। ଏହା ମହାଳୟର ଆଧ୍ୟାତ୍ମିକତାକୁ ସାମାଜିକ ଦାୟିତ୍ୱ ସହ ଯୋଡ଼ିଦେବ। ମହାଳୟ ଆମକୁ ଆଉ ଏକ ବଡ କଥା ଶିଖାଏ-ମଣିଷ ଏକା ନୁହେଁ। ତାଙ୍କ ପଛରେ ରହିଛି ଅନେକ ପିଢ଼ିର

# ଗୁରୁ - ନିର୍ବାଚନ

**ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**

ୟୁନେସ୍କୋ ଓ ଏଜୁକେସନ ଇଣ୍ଟରନେସନାଲ ଆନୁକୂଲ୍ୟରେ ୧୯୯୪ରୁ ପ୍ରତି ବର୍ଷ ଅକ୍ଟୋବର ୫ରେ ବିଶ୍ୱ ସ୍ତରରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶିକ୍ଷକ ଦିବସ। ଭବିଷ୍ୟତର ପିଢ଼ିକୁ ଗଢ଼ିବାରେ ଶିକ୍ଷକ ସମାଜର ଅବଦାନକୁ କେହି ଅସ୍ୱୀକାର କରିପାରିବେନାହିଁ। ତେଣୁ ଶିକ୍ଷକ ମାନଙ୍କ ସମ୍ମାନର୍ଥେ ଶହେରୁ ଅଧିକ ଦେଶରେ ଏହି ଦିବସ ପାଳନ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଏଜୁକେସନ ଇଣ୍ଟରନେସନାଲର ସଦସ୍ୟ ସଂସ୍ଥା ସଂଖ୍ୟା ୪୦୧ । ଶିକ୍ଷା ବ୍ୟବସ୍ଥାର ବିକାଶ ଲାଗି ଏହି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଛନ୍ତି।

ଶିକ୍ଷା ପରମ୍ପରାରେ ଅତିବ ଗୁରୁତ୍ୱପୂର୍ଣ୍ଣ ଭାବେ ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆତ୍ମମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି – ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆତ୍ମମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆତ୍ମମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା ? ସେ ପ୍ରବୃତ୍ତି ଅଭିଭୂତିର ଊର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା ? ଯିଏ ପ୍ରକତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାରଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୂରାବସ୍ଥା ଆଉ କ'ଣ କିଛି ହୋଇପାରେ ?

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ – ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ ? ଦ୍ୱିତୀୟତଃ ଦେଖିବାକୁ ହୁଏ – ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା – ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡ଼ିକ ଯଦି ଠିକ୍ ନଥାଏ କେବଳ କଥାରେ – କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି । ପ୍ରବୃତ୍ତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୂତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ ।

ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଚଳନ୍ଦ୍ର କହିଲେ – ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ । ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟକୁ କହି ଦେବା ଉଚିତ୍ – ମୁଁ ଯାହା ଜାଣେ ତାହା ତୁମକୁ କହିଲି । କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତମଙ୍କର ସନ୍ଧାନରେ ରୁହ । ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ । ସେହିଭଳି କାହାକୁ ପାଇଲେ ମୋତେ ମଧ୍ୟ ଜଣାଅ । ମୁଁ ମଧ୍ୟ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି ।

ପ୍ରତିରତ୍ୱିକ, କଟକ, ମୋବାଇଲ୍-୯୪୩୭୦୫୧୯୫୭

# କ୍ଷମତାର ଅପବ୍ୟବହାର (୩)

**ପଙ୍କଜ କୁମାର ପାଣିଗ୍ରାହୀ**

ଆମକୁ । ସେମାନେ ବିଭିନ୍ନ ମିଥ୍ୟା କହି ପ୍ରଲୋଭନର ମାର୍ଗ ଦେଖାଇଥା'ନ୍ତି। ଗୋଟିଏ ପଟେ ମାଗଣା ଯୋଜନାରେ ସ୍ୱାଭିମାନ ନଷ୍ଟ ଓ ଅନ୍ୟ ପଟେ ଶିକ୍ଷାକୁ ସଂକୁଚିତ କରିବା ଏବଂ ଜାତି ଧର୍ମର ଦ୍ୱାହିଦେଇ ବିଭାଜିତ କରିବା ଏକଛତ୍ରବାଦ ଶାସନର ମୂଳ ମନ୍ତ୍ର। ସେମାନେ ଏସବୁ ମନ୍ତ୍ରର ସାଧକ ହୋଇ କରୁଛନ୍ତି ଆଭାସୀ ଲୋକତନ୍ତ୍ର ଶାସନ।

କ୍ଷମତାର ଅପବ୍ୟବହାର ? :

ଏକଛତ୍ରବାଦ ଶାସନ ଆଇନ ମାଧ୍ୟମରେ ଶାସନ, ପ୍ରଶାସନରେ ଉପବିଷ୍ଟ ବ୍ୟକ୍ତି ବିଶେଷ ଅପବ୍ୟବହାର କରିଥାନ୍ତି କିପରି ? ସେଗୁଡ଼ିକ ଉପରେ ସମୀକ୍ଷା ହୁଏନି କିମ୍ବା ସାର୍ବଜନୀନ କ୍ଷେତ୍ରରେ ତାର ସବିଶେଷ ଆଲୋଚନା, ସମାଲୋଚନା ମଧ୍ୟ ହୁଏ ନାହିଁ। ସେଗୁଡ଼ିକ ସାମ୍ବିଧାନିକ ଆଇନ ମଧ୍ୟରେ ସେମାନେ ନିଜର ସୁବିଧା ଅନୁଯାୟୀ ପ୍ରଣୟନ କରିଛନ୍ତି। ତଦ୍ୱାରା ସାଧାରଣ ଲୋକଙ୍କ ବ୍ୟାପକ ଅଶାନ୍ତି ସୃଷ୍ଟି ହେବା ସହିତ ରାଷ୍ଟ୍ରୀୟ ବିକାଶରେ ଝଡ଼ ସୃଷ୍ଟି କରୁଛି। ସର୍ବସାଧାରଣ ଜାଣି ପାରନ୍ତି ନାହିଁ ଯେ କିଭଳି ଏକଛତ୍ରବାଦ ଶାସନ ଆଇନ ଗୁଡ଼ିଏ ରହିଛି ଆମ ସାମ୍ବିଧାନିକ ଆଇନ ମଧ୍ୟରେ। ସେଗୁଡ଼ିକ ମଧ୍ୟ ସାର୍ବଜନୀନ କରାଯାଇ ନଥାଏ। କେବଳ ପୀଡ଼ିତ ତାରି ଉପରେ ନଜର ପକାଇବା ପରେ ଜାଣନ୍ତି ଯେ ତାଙ୍କୁ ନ୍ୟାୟ ମିଳିବା କଷ୍ଟ-- ଯେହେତୁ ସେମାନଙ୍କୁ ଅତାର୍କିକ ସାମ୍ବିଧାନିକ କ୍ଷମତା ପ୍ରଦାନ କରାଯାଇ ଥାଏ।

ଉଦାହରଣ ସ୍ୱରୂପ – ଜଣେ ପ୍ରଶାସକ କର୍ମଚାରୀଙ୍କ ବିରୁଦ୍ଧରେ ଅଭିଯୋଗ କଲେ ଉଚ୍ଚାଧିକାରୀ ତାର ତଦନ୍ତ ନକରି ଅଭିଯୋଗଟି ସଂପୃକ୍ତ ଅଭିଯୁକ୍ତ କର୍ମଚାରୀଙ୍କୁ ପ୍ରଦାନ କରୁଛନ୍ତି। ସଂପୃକ୍ତ ଅଭିଯୁକ୍ତ ନିଜକୁ ଦୋଷୀ ସାବ୍ୟସ୍ତ କରି ପ୍ରତିବେଦନ ଯଦି ଦେଇଥା'ନ୍ତେ ତାହେଲେ ସେ ଭୁଲ କରିଥା'ନ୍ତେ କାହିଁକି ? ସେ ନିଜ ସ୍ତରରେ ଏକ ପ୍ରତିବେଦନ ପ୍ରସ୍ତୁତ କରି ଉଚ୍ଚାଧିକାରୀଙ୍କୁ ପ୍ରାଦନ କରିବା ପରେ ତାଙ୍କର ସବୁ ଦୋଷ କ୍ଷମା ! ଯଦି ସେହି ଅଭିଯୋଗକୁ ନେଇ ନ୍ୟାୟାଳୟର ଆଶ୍ରିତ ହେବା-- ତାହାଲେ ପୁନର୍ବାର ଉଚ୍ଚାଧିକାରୀଙ୍କ ପାଖରୁ ଅନୁମତି ବିନା ତାହା ଗ୍ରହଣୀୟ ହେବ ନାହିଁ ! ଏହାର ଅର୍ଥ କ'ଣ ? ପୁଣି ଉଚ୍ଚାଧିକାରୀ ସେହି ଅନୁମତି ଦେବେ କି ନାହିଁ ନିର୍ଭର କରେ ତାଙ୍କରି ଉପରେ ! ଅନୁମତି ଦେବାକୁ ଥିଲେ ସେ ନିଜେ ହିଁ ତାର ତଦନ୍ତ ନକରି ସଂପୃକ୍ତ ଅଭିଯୁକ୍ତଙ୍କୁ ସେହି ଅଭିଯୋଗ ପତ୍ରଟି ଦେଇଥା'ନ୍ତେ କାହିଁକି ? ଶେଷରେ ସାଧାରଣ ଲୋକଟି ନିରୁତ୍ସାହିତ ! ଏହା କେବେହେଲେ କୌଣସି ଲୋକତାନ୍ତ୍ରିକ ସମ୍ବିଧାନର ନୀତି ହୋଇପାରେ କି ? ଆଦୌ ନୁହେଁ !

ସେହିଭଳି ଜଣେ ଶାସକ କ୍ଷମତାପ୍ରାପ୍ତ ନିର୍ବାଚିତ ଅଯୋଗ୍ୟ କୌଣସି ଅସାମାଜିକ କାର୍ଯ୍ୟ କଲେ ସମାନ ବାହାନାରେ ଦେଖାଯାଇ ଥାଏ ଆମ ଦେଶରେ। ଏମିତିକି କେତେ କଦର୍ଯ୍ୟ କୁସ୍‌ଛିତ କାର୍ଯ୍ୟ କଲେ ମଧ୍ୟ ପଂଚ ବର୍ଷ ମଧ୍ୟରେ ତାଙ୍କର କିଏ କିଛି କରିପାରିବ ନାହିଁ ! ଏହା କଣ ଭଗବାନଙ୍କ ନିର୍ଦ୍ଦେଶ ନା ସେ ଭଗବାନଙ୍କ ଦୂତ ?ନିଯାଇ ଥା'ନ୍ତି ଥରେ ନିର୍ବାଚନରେ ଜିତିଗଲେ ? ଯିଏ ତାଙ୍କୁ ଭୋଟ ଦେଇ ଜିତାଇ ପାରିଛି ସିଏ ତାଙ୍କୁ ସେହି ଆସନରୁ ହଟାଇ ପାରିବ ନାହିଁ ? ଯେତେବେଳ ପର୍ଯ୍ୟନ୍ତ ତାଙ୍କର ପ୍ରତିବଦ୍ଧତା ସମୟ ସଂପୂର୍ଣ୍ଣ ହୋଇନାହିଁ। ହେଲେ ଲୋକଙ୍କ ଏହି ପ୍ରତିବଦ୍ଧତାର ସହିତ ଭୋଟ ଦେବାପାଇଁ ସ୍ୱଜ୍ଞାନରେ ଏମିତି କରିଥା'ନ୍ତି ? ନା ଏହା ଆମ ସାମ୍ବିଧାନିକ ନୀତି ଗତ ଅତାର୍କିକ ଅଭାବନୀୟ କ୍ଷମତା ? ଏହା କ'ଣ ଗଣତନ୍ତ୍ରର ପୃଷ୍ଟପୋଷକତା କରିପାରେ ? ଆଦୌ ନୁହେଁ !

ଏହିସବୁ ବ୍ୟବସ୍ଥା ଓ ସୁରକ୍ଷା କାରଣରୁ ସେମାନଙ୍କୁ ଦିଆଯାଇଥିବା ଅତାର୍କିକ କ୍ଷମତାର ଅପବ୍ୟବହାର କରି ସମାଜକୁ ତଳିତଳାନ୍ତ କରିବାରେ ସେମାନେ ବ୍ୟସ୍ତ। ସାଧାରଣ ଲୋକଙ୍କ ନିର୍ବୋଧ, ନି ?ିଚାରର ଫଳାଫଳ ବ୍ୟତୀତ ଏଗୁଡ଼ିକ ଆଉ କିଛି ନୁହେଁ। ଜନ ସଚେତନତା ନାହିଁ କିମ୍ବା ତାର୍କିକ ଆଲୋଚନା ନାହିଁ । କିଛି ହାତଗଣତି କେତେକ ଲୋକଙ୍କୁ ନେଇ ପରିଚାଳିତ ଆମ ସାମ୍ବିଧାନିକ ଶାସନ-- ପ୍ରଶ୍ନ ଏଠାରେ ଅଧିକ ଆଶା କରାଯାଇ ପାରିବ ନାହିଁ। କେବଳ ପ୍ରଚାର ସର୍ବସ୍ୱ ଗଣତନ୍ତ୍ର ମଧ୍ୟରେ ସଂପୂର୍ଣ୍ଣ କଠୋର ରାଜତନ୍ତ୍ରିକ ତାନାସାହି ଶାସନ ମଧ୍ୟରେ ରହିବାକୁ ପଡୁଛି, ପଡିବ। ସେମାନେ କ୍ଷମତାର ଅପବ୍ୟବହାର କରିଚାଲିଥିବେ ଯେ ପର୍ଯ୍ୟନ୍ତ ଏହି ବ୍ୟବସ୍ଥାର ଅନ୍ତ ହୋଇନାହିଁ। ଲୋକଙ୍କୁ ଏବଂ ରାଷ୍ଟ୍ରକୁ ବିକଟାଳ ପରିସ୍ଥିତି ଦେଇ ଗତି କରିବାକୁ ପଡିବ-- ଯେ ପର୍ଯ୍ୟନ୍ତ ସେମାନଙ୍କ ଏହି ଅତାର୍କିକ କ୍ଷମତାର ହ୍ରାସ କରାଯାଇ ନାହିଁ।

ଏହା ଏକ ଗଣତନ୍ତ୍ର ସମ୍ବିଧାନ ନୁହେଁ ? :

ସାମାନ୍ୟ ସମିକ୍ଷାଜ୍ଞାନ ରହିତ ମଣିଷ ଆଜି ସର୍ବୋଚ୍ଚ ସ୍ଥାନିତ। ଏଠି କାହାକୁ ବୁଝାପଡୁନାହିଁ ସମ୍ବିଧାନ ମଧ୍ୟରେ ରହିଥିବା ଇଂରେଜ ଷଡ଼ଯନ୍ତ୍ର। ଆଇନର ରକ୍ଷକ ବୋଲାଉଥିବା ଓକିଲଙ୍କ ଜ୍ଞାନ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ସେମାନେ ଯାଇ ଉଚ୍ଚତମ ନ୍ୟାୟାଳୟରେ ଲୋକଙ୍କ ନ୍ୟାୟ ପାଇଁ ତର୍କ କରୁଛନ୍ତି। ଲୋକେ ନ୍ୟାୟ ପାଉନାହାନ୍ତି। ତା'ର କାରଣ କିଏ ସମୀକ୍ଷା କରିଛନ୍ତି କି ? ସେମାନେ ନିଜକୁ ନିଜେ ପ୍ରଶ୍ନ କରିବା ଏବଂ ତାର ତାର୍କିକ ଉତ୍ତର ପାଇବାରେ ଅସମର୍ଥ ! ଆଉ କାହାପାଇଁ ତର୍କ କରିବା କେତେଦୂର ସମୀଚିନ ସେଇଠୁ ଖୁବ ଅନୁମେୟ।

ଉଚ୍ଚତମ ନ୍ୟାୟାଳୟର ଓକିଲ ଏଠି କହୁଛନ୍ତି ଗଣତାନ୍ତ୍ରିକ ସମ୍ବିଧାନ-- ଏହା ଲୋକଙ୍କ ଦ୍ୱାରା, ଲୋକ ମାନଙ୍କର, ଲୋକଙ୍କ ପାଇଁ ଗଠିତ। ତା'ର ବାସ୍ତବ ଅର୍ଥର ତାର୍କିକ ଉତ୍ତର ହିଁ ନାହିଁ ସେମାନଙ୍କ ପାଖରେ। ଏଠାରେ ଲୋକଙ୍କ ଶାନ୍ତିପୂର୍ଣ୍ଣ ଧାରଣା, ବିରୋଧ କରିବାର ଅଧିକାର ରହିଛି ବୋଲି ଏହା ଏକ ଗଣତାନ୍ତ୍ରିକ ସମ୍ବିଧାନ ? ଏହାର ଅର୍ଥ ହୁଏ କି ଜଣେ ଲୋକ ତା ନିଜ ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଧାରଣା, ବିରୋଧ ପ୍ରଦର୍ଶନ କରିବ ? ଅଥବା କେତେକ ଲୋକ ସେମାନଙ୍କ ନିଜ ବିରୁଦ୍ଧରେ ହିଁ ଶାନ୍ତି ପୂର୍ଣ୍ଣ ଧାରଣା, ?ିରୋଦ୍ଧ ପ୍ରଦର୍ଶନ କରିବେ ? ମହାଶୟ ସମ୍ବିଧାନ ଯଦି ଲୋକ ମାନଙ୍କର ତାହେଲେ ସେମାନେ ବିକ୍ଷୋଭ କରିବେ କାହା ବିରୁଦ୍ଧରେ ? ଏହା ଏକ ଅସାଧାରଣ ପ୍ରଶ୍ନ ! ଏହାର ତାର୍କିକ ଉତ୍ତର ହେଉଛି ଏହା ଗଣତନ୍ତ୍ର ବା ଲୋକତନ୍ତ୍ର ନୁହେଁ ! ଏହା ଲୋକଙ୍କ ଦ୍ୱାରା ପରିଚାଳିତ ନୁହେଁ ! ଏହା ଆଉ କାହାଦ୍ୱାରା ପରିଚାଳିତ ଯାହା ବିରୁଦ୍ଧରେ ଧାରଣା କିମ୍ବା ?ିରୋଦ୍ଧ କରାଯାଉ ଅଛି ! ଏହା ଏକ ଗଣତାନ୍ତ୍ରିକ ସମ୍ବିଧାନ ହେଲା କିପରି ?

ସେମାନଙ୍କୁ ଏହାର ସମୀକ୍ଷା ଜ୍ଞାନ ଅଛି– ନା ଆମକୁ ବୁଝା ପଡୁନାହିଁ ଦେଖିବା କଥା ! ଏହାର ସଂପୂର୍ଣ୍ଣ ତାର୍କିକ ଉତ୍ତର ପାଇଲେ ହିଁ ଗଣତନ୍ତ୍ରର ପ୍ରକୃତ ଅର୍ଥକୁ ବୁଝି ହେବ ! ଅନ୍ୟଥା କେବଳ ପ୍ରହେଳିକା ମାଧ୍ୟମରେ ଗଣତନ୍ତ୍ର ପ୍ରତିଷ୍ଠା କରିବା ଛଡା ପ୍ରକୃତ ଗଣତନ୍ତ୍ର ସମ୍ଭବ ନୁହେଁ ! କାରଣ ଗଣତନ୍ତ୍ରରେ ଆନ୍ଦୋଳନ କିମ୍ବା ବିରୋଧର କୌଣସି ପ୍ରଶ୍ନ ହିଁ ନାହିଁ। ଗଣତନ୍ତ୍ରରେ କୌଣସି ଅନୈତିକତା ଉପରେ ସର୍ବସାଧାରଣ ପ୍ରତିବାଦ ବିହୀନ ସ୍ୱୟଂସଂଚାଳିତ କାର୍ଯ୍ୟାନୁଷ୍ଠାନ ହେବା ବ୍ୟବସ୍ଥା ରହିବା ଆବଶ୍ୟକ । ସେହି ବ୍ୟବସ୍ଥା ଏଠାରେ ଆଦୌ ନାହିଁ। ତେଣୁ ଏହାକୁ ଗଣତାନ୍ତ୍ରିକ ସମ୍ବିଧାନ ବୋଲି କହିବା ମୂର୍ଖାମୀ ବ୍ୟତୀତ ଆଉ କିଛି ନୁହେଁ। ଯିଏ ଯାକୁ ଏକ ଗଣତନ୍ତ୍ର ସମ୍ବିଧାନ ବୋଲି କହୁଛି ସେ ସ୍ୱାର୍ଥ ଜଡ଼ିତ ଅଥବା ଅଜ୍ଞାନ ବୋଲି କୁହାଯାଇ ପାରିବ । ଏହା ଏକ ସାମାନ୍ୟ ବିଶ୍ଲେଷଣ ମାତ୍ର । ଏହିଭଳି ଅସଂଖ୍ୟ ଅଭାବନିୟତା ରହିଛି ଆମ ସାମ୍ବିଧାନିକ ଆଇନରେ ଯାହା କୌଣସି ମତେ ଗଣତନ୍ତ୍ରର ନିଦର୍ଶନ ନୁହେଁ।

ପ୍ରାଥମିକ ସ୍ତରରେ ସମସ୍ତେ ଏହାକୁ ଏକ ଗଣତନ୍ତ୍ର ସମ୍ବିଧାନ ବୋଲି କହିବା ସମୀଚିନ ନୁହେଁ। ଗଣତନ୍ତ୍ର ସ୍ଥାପନ କରିବାପାଇଁ ପ୍ରୟାସ ଆରମ୍ଭ କରିବା ଆବସ୍ୟକ । ଏହା ବ୍ରିଟିଶ ପ୍ରଣୋଦିତ ସମ୍ବିଧାନର ମାନ୍ୟତା ଦିଆଯାଉ ସର୍ବସାଧାରଣଙ୍କ ଦ୍ୱାରା । ଏହି ସମ୍ବିଧାନକୁ କୌଣସି ଭାରତୀୟ ଭାରତୀୟତାର ମାନବିକତାରେ ଲେଖିନାହିଁ। ଏହା କେବଳ ବ୍ରିଟିଶ ଦ୍ୱାରା ପ୍ରଣୋଦିତ ସମ୍ବିଧାନ ଯାହା ପରିବର୍ତ୍ତନ କରି ଭାରତୀୟତାର ନିଦର୍ଶନ ପୂର୍ବକ ନୂତନ ସମ୍ବିଧାନ ପ୍ରସ୍ତୁତ କରିବାର ଲକ୍ଷ ରଖାଯିବା ଆବଶ୍ୟକ ! ଅନ୍ୟଥା ଆସନ୍ତା ହଜାର ହଜାର ବର୍ଷ ବିତିଗଲେ ମଧ୍ୟ – ଯିଏ ଶାସନ ବ୍ୟବସ୍ଥାକୁ ଆସିଲେ ମଧ୍ୟ – ଦେଶରେ ଗଣତାନ୍ତ୍ରିକ ସ୍ୱଚ୍ଛତା ଆସିବ ନାହିଁ। ଲୋକଙ୍କୁ ସୁଖରେ ରହିବା ସମ୍ଭବ ହେବନାହିଁ, ରାଷ୍ଟ୍ରୀୟ ବିକାଶ ହେବନାହିଁ କିମ୍ବା ଆର୍ଥିକ ସ୍ୱଚ୍ଛଳତା ଆସିବା ସମ୍ଭବ ହେବନାହିଁ। ଯାହାକୁ ସେହି ସ୍ଥାନକୁ ପଠାଇଲେ ମଧ୍ୟ ଭ୍ରଷ୍ଟାଚାର ଦୂର କରାଯାଇ ପାରିବ ନାହିଁ। କାରଣ ତା'ର ନୀତି ଗୁଡ଼ିକ ହିଁ ଭ୍ରଷ୍ଟାଚାର ଜଡ଼ିତ ଯାହା କାହାକୁ ଛାଡ଼ିବ ନାହିଁ।

ପ୍ରାଥମିକ ପର୍ଯ୍ୟାୟରେ କ'ଣ କରାଯିବା ଆବଶ୍ୟକ :

ଭାରତଭଳି ଏତେ ବଡ଼ ସମ୍ବିଧାନ ପୃଥିବୀର କୌଣସି ଦେଶରେ ଦେଖିବାକୁ ମିଳିବ ନାହିଁ ! ଭାରତୀୟ ଭାଷା, ଜ୍ଞାନ, କୌଶଳ, ପରଂପରା, ସଂସ୍କୃତି, ସାମାଜିକତା, ମାନବିକତାର ନିଦର୍ଶନ ନାହିଁ। ଲକ୍ଷ ଲକ୍ଷ ଆଇନ ରହିଛି ଯାହା ଅପରାଧୀକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାରେ ସହାୟକ ହୋଇଥାଏ। ସାମ୍ବିଧାନିକ ଆଇନ କାନୁନ ଗୁଡ଼ିକ ସାଧାରଣ ଲୋକଙ୍କୁ ଅବୁଝା ରହି ତାହା ମାଧ୍ୟମରେ ସେମାନଙ୍କୁ ଶାସନ ନିୟନ୍ତ୍ରଣ କରାଯାଇ ଥାଏ। ନିର୍ଦ୍ଦିଷ୍ଟ ଲୋକଙ୍କୁ ନିର୍ଦ୍ଦିଷ୍ଟ ଆଇନ ପ୍ରକ୍ରିୟା ମାଧ୍ୟମରେ ଶାସନ, ପ୍ରଶାସନରେ ନିଯୁକ୍ତ କରାଯାଇ ଥାଏ। ସେମାନଙ୍କ ଅନୈତିକତା ପାଇଁ କାର୍ଯ୍ୟାନୁଷ୍ଠାନ ସମ୍ଭବ ହୁଏନାହିଁ। ଅଧିକନ୍ତୁ ସେମାନଙ୍କ ଅନୈତିକ କାର୍ଯ୍ୟ ପାଇଁ ବିରୁଦ୍ଧଭାସ ଉଠିଲେ-- ବିରୁଦ୍ଧକାରୀଙ୍କୁ ଜେଲ ଦଣ୍ଡ ଭଳି ପ୍ରାବଧାନ ରହିଛି। ଏହା ଗଣତନ୍ତ୍ର ସମ୍ବିଧାନ କ'ଣ ? ଏହା କୌଣସି ସମ୍ବିଧାନ ହିଁ ନାହିଁ ! ଏହାର ସଂପୂର୍ଣ୍ଣ ପରିବର୍ତ୍ତନର ଆବଶ୍ୟକତା ରହିଛି।

ପ୍ରାଥମିକ ପର୍ଯ୍ୟାୟରେ ଏହି ସମ୍ବିଧାନକୁ ସଂପୂର୍ଣ୍ଣ ବାଜ୍ୟାପ୍ତ କରାଯିବା ଆବଶ୍ୟକ। ଦେଶର ନାଗରିକଙ୍କ ସହମତିରେ ଭାରତୀୟ ମର୍ଯ୍ୟାଦାରେ ସମ୍ବିଧାନ ଲେଖାଯିବା ଆବଶ୍ୟକ। ଭାରତୀୟ ଭାଷାରେ ଓ ମାନବିକ ଚରିତ୍ର ଆଧାରରେ ଲେଖାଯିବା ଆବଶ୍ୟକ। ସର୍ବସାଧାରଣଙ୍କ ବୁଝିବା ଭଳି ହେବା ଆବଶ୍ୟକ। ଗଣତନ୍ତ୍ରରେ ?ିରୋଦ୍ଧ ପ୍ରଦର୍ଶନର କୌଣସି ଅର୍ଥ ହିଁ ନାହିଁ। ଗଣତନ୍ତ୍ର ସମ୍ବିଧାନ ଏକ ସ୍ୱୟଂସଂଚାଳିତ ବ୍ୟବସ୍ଥା ଯାହା ନ୍ୟାୟ ଓ ଦଣ୍ଡବିଧାନ ପୂର୍ବ ଧାର୍ଯ୍ୟ ଆଇନ ମାଧ୍ୟମରେ ସଂପୂର୍ଣ୍ଣ କରିଥାଏ। ଗଣତନ୍ତ୍ରରେ କିଏ କାହା ବିରୁଦ୍ଧରେ ଧାରଣା, ?ିରୋଦ୍ଧ ପ୍ରଦର୍ଶନର କୌଣସି ମାର୍ଗ ହିଁ ରଖି ନଥାଏ। ଦୋଷୀକୁ ସୁରକ୍ଷା ଦେବା ବ୍ୟବସ୍ଥା ନଥାଏ। ପୀଡ଼ିତାକୁ ନ୍ୟାୟ ଦେବା ପାଇଁ କାହା ଦ୍ୱାରସ୍ଥ ହେବା କିମ୍ବା ଦୟାର ପାତ୍ର ହେବା ବ୍ୟବସ୍ଥା ନଥାଏ। ସାମ୍ବିଧାନିକ ଆଇନ ମାଧ୍ୟମରେ ସ୍ୱତଃ ନ୍ୟାୟ ମିଳିଥାଏ। ତାକୁହିଁ ଗଣତନ୍ତ୍ର ବା ଲୋକତନ୍ତ୍ର କୁହାଯାଇ ପାରିବ।

ସାମ୍ବିଧାନିକ ଆଇନ କାନୁନ ଏକ ଛୋଟ ପୁସ୍ତକ ମଧ୍ୟରେ ସଂପୂର୍ଣ୍ଣ ହୋଇଯିବ । ଶାସନ, ପ୍ରଶାସନ ପାଇଁ ଧାର୍ଯ୍ୟ ଆଇନ ପୁସ୍ତକ ଗୁଡ଼ିକ ସାର୍ବଜନୀନ କରାଯିବ। ଜଣେ ସାଧାରଣ ନାଗରିକ ସେହି ପୁସ୍ତକ ଲିଖିତ ଆଇନ ମାଧ୍ୟମରେ ସଂପୃକ୍ତ ଶାସନ ବ୍ୟବସ୍ଥା ଠାରୁ କ୍ଷଣିକ ମଧ୍ୟରେ ନ୍ୟାୟ ପାଇ ପାରିବ। ରାଷ୍ଟ୍ରୀୟ ବିକାଶର ପ୍ରତିଛବି ସ୍ୱୟଂସଂଚାଳିତ ହେବ। ଲୋକଙ୍କ ବିକାଶରେ କିଏ କାର୍ଯ୍ୟ କରୁଛି ବୋଲି ବାହାଦୁରି ମାରିବା ଆବଶ୍ୟକ ନୁହେଁ। କାରଣ, ବିକାଶ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ଦ୍ୱାରା ଧାର୍ଯ୍ୟ ବିକଳ୍ପ ଗୁଡ଼ିକର ପ୍ରତିମୂର୍ତ୍ତି ହେଇ ରହିଥିବ। ବିକାଶ ଏଠାରେ କାହା ଉପରେ ନିର୍ଭରଶୀଳ ହେବ ନାହିଁ। ପୂର୍ବନିର୍ଦ୍ଧାରିତ ଆଇନର ଧାରାରେ ସ୍ୱୟଂ ସଂଚାଳିତ ହେବ। ଶାସନ, ପ୍ରଶାସନରେ ନିଯୁକ୍ତ କର୍ମୀ ମାନେ ତାହା ସଂପାଦନ କେବଳ କରିବେ। ଏହା ସେମାନଙ୍କ ଦ୍ୱାରା ହେଲା ବୋଲି କୌଣସି ପ୍ରଚାର ପ୍ରସାର ହେବ ନାହିଁ। କିମ୍ବା ସେମାନଙ୍କ ପୈତୃକ ସଂପତ୍ତିରୁ ହେବା ଭଳି ବ୍ୟାଖ୍ୟା କେହି କରିପାରିବେ ନାହିଁ। କାରଣ ଏହା ସମସ୍ତଙ୍କ ଦ୍ୱାରା ପରିଚାଳିତ ବ୍ୟବସ୍ଥା।

କେହି କାହାଉପରେ ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ। କିଏ କାହାର ଗୁରୁ, ମାଲିକ ହୋଇ ପାରିବେ ନାହିଁ। ସାର୍ବଜନୀନ କ୍ଷେତ୍ରରେ ସମସ୍ତେ ସମାନ ରହିବେ। ଅମାନବୀୟ, ଅସାମଜିକ କାର୍ଯ୍ୟ କରିବା ଲୋକକୁ ନିର୍ଦ୍ଦ୍ୱନ୍ଦ ଦଣ୍ଡବିଧାନର ସୁବନ୍ଦୋବସ୍ତ ରହିବ। ସେମାନଙ୍କୁ ପକ୍ଷପାତୀ କରି କେହି ବଂଚାଇ ପାରିବେ ନାହିଁ। ସାଧାରଣ ନିର୍ବୋଧଙ୍କୁ ଠକି, ଭଣ୍ଡି କେହି ଅନ୍ୟାୟ ଅତ୍ୟାଚାରର ଶିକାର କରିପାରିବେ ନାହିଁ। ସଂପୂର୍ଣ୍ଣ ଶାସନ ବ୍ୟବସ୍ଥା ସର୍ବସାଧାରଣଙ୍କ ପାଖରେ ରହିବ। ଶାସନ, ପ୍ରଶାସନରେ ନିଯୁକ୍ତ ବ୍ୟକ୍ତିଙ୍କ ଅସାମାଜିକ ଆଚରଣ ପାଇଁ କୌଣସି ଧାରଣା, ବିରୁଦ୍ଧର ପ୍ରଶ୍ନ ରହିବ ନାହିଁ। ପୂର୍ବ ନିର୍ଦ୍ଧାରିତ ନୀତି ସାହାଯ୍ୟରେ ସେମାନେ ଆପେ ଆପେ ସେହି ସ୍ଥାନରୁ ଓହରି ଯିବେ ଅଥବା ଦଣ୍ଡିତ ହେବେ। ତାହାହିଁ ଏକ ଗଣତାନ୍ତ୍ରିକ ସମ୍ବିଧାନ ବା ଶାସନ ବ୍ୟବସ୍ଥାର ନିଦର୍ଶନ।

ବର୍ତ୍ତମାନ ସମୟ ଆସିଛି ଏସବୁ ଉପରେ ଧ୍ୟାନ ଦେଇ କାର୍ଯ୍ୟ କରାଯିବା ପାଇଁ। ଆଜି ଏକବିଂଶ ଶତାବ୍ଦୀରେ ଯଦି ଏଗୁଡ଼ିକ ଉପରେ କୌଣସି ତର୍ଜମା ନକରି ଅନ୍ଧ ଭଳି ଉପସ୍ଥିତ ବ୍ୟବସ୍ଥାକୁ ମାନିନେବା ତାହେଲେ ଆମ ଆସନ୍ତା ପିଢ଼ି ନିଶ୍ଚିତ କ୍ରୀତଦାସ ଭଳି ଜୀବନ ବିତାଇବେ ! ବର୍ତ୍ତମାନ ସୁଦ୍ଧା ଆମ ଦେଶ ସ୍ୱାଧୀନତାର ସ୍ୱାଦ ଚାଖି ପାରିନାହିଁ ! ଭବିଷ୍ୟତରେ ମଧ୍ୟ ତାହା ସମ୍ଭବ ହେବ ନାହିଁ-- ବିଚାର କରି ଦେଖନ୍ତୁ ସର୍ବସାଧାରଣ କ'ଣ କରାଯାଇ ପାରିବ।

ଉପସ୍ଥାପିତ ବିଷୟ ଗୁଡ଼ିକ କେତେଦୂର ଗ୍ରହଣୀୟ ହେବ ? :

ବିଶ୍ୱସନୀୟତା, ଆମ ଦେଶ ଲୋକଙ୍କ ସର୍ବଜ୍ଞାନର ଉତ୍ସ । ବିଶ୍ୱସନୀୟତା ମାଧ୍ୟମରେ ଜ୍ଞାନର ଉତ୍ସ ସଂଗ୍ରହ କରିଥାନ୍ତି ଅଧିକାଂଶ ଲୋକେ। ଐତିହାସିକ ତଥ୍ୟ / ବିଷୟ ଗୁଡ଼ିକ ସତ୍ୟର ଉତ୍ସ ଭଳି ଗ୍ରହଣୀୟତା ଭାରତୀୟଙ୍କ ଏକ ଜନ୍ମଜାତ ଚରିତ୍ର। ଅନେକ କ୍ଷେତ୍ରରେ କେବଳ ଐତିହାସିକ ମତବାଦ ଉପରେ ପ୍ରଚଣ୍ଡ ବିଶ୍ୱାସ / ନିର୍ଭର କରିଥା'ନ୍ତି ଅଧିକାଂଶ ଲୋକେ। ଇତିହାସରେ ନିଜର ଜ୍ଞାନର୍ବଦ୍ଧିଷ୍ଣୁ ସ୍ତର ଏମିତି ଏକ ସ୍ଥିତିରେ ଆସି ପହଂଚି ଯାଇଥାଏ ଯେ-- ସତ୍ୟ ବଚନ ତାର ବିପରୀତ ଭଳି ଅନୁଭବ କରନ୍ତି ଅଧିକାଂଶ। ଏହାର ସୁଯୋଗ ନେଇ ଚତୁର ଯେତେ ସମ୍ଭବ କେବଳ ଇତିହାସ ହିଁ ବର୍ଣ୍ଣନା କରିଥାନ୍ତି ସବୁ କ୍ଷେତ୍ରରେ। ତାହାହିଁ ଜ୍ଞାନ ଉଦୟର ଏକ ମାତ୍ର ର୍ମାଗ ଆଜି ଆମ ଦେଶ ନାଗରିକଙ୍କ।

ସେହି ଦୃଷ୍ଟି କୋଣରୁ ଏହି ବିଶ୍ଳେଷଣ ସତ୍ୟ ତଥ୍ୟ ଗୁଡ଼ିକ ସାଧାରଣ ଲୋକଙ୍କ ଶରୀରରେ ସହଜରେ ଭେଦ କରିବ ବୋଲି ଆମର ବିଶ୍ୱାସ ହେଉନାହିଁ। ତଥାପି କେତେବେଳେ କାହା ମନକୁ ହୁଏତ ସ୍ପର୍ଶ କରି ପାରେ ବୋଲି ଅନୁମାନ କରି ଏତେ ସୁକ୍ଷ୍ମ ବିଶ୍ଳେଷଣ ଗୁଡ଼ିକୁ ଉପସ୍ଥାପନ କରିଛୁ। ବର୍ତ୍ତମାନ ଏହା ବ୍ୟକ୍ତିଗତ ସ୍ତର କିମ୍ବା କୌଣସି ଏକେକ ମଣିଷର କାର୍ଯ୍ୟ ନୁହେଁ। ଏହା ସର୍ବସାଧାରଣଙ୍କ ସମ୍ମତି କ୍ରମେ ହିଁ ସମ୍ଭବ ହେବ। ଦେଖିବା କଥା ଯେ ଉପସ୍ଥାପନାଟି ଲୋକଙ୍କୁ ଯୁକ୍ତାତ୍ମକ ଦିଗରେ ପ୍ରଭାବିତ କରିବ ନା ସମାଲୋଚନାର ପରିସରଭୁକ୍ତ ହେବ ? ଆମେ ଆମ କତର୍ବ୍ୟ କରିବା ଠାରୁ ବିଚ୍ୟୁତ ହେବୁ ନାହିଁ। ଲୋକଙ୍କ ସହମତି ମିଳିଲେ ଆଗକୁ ସବିଶେଷ ଗବେଷିତ ତଥ୍ୟ ଦେବାରେ ଆମର କୌଣସି ବାଧକତା ନାହିଁ। ଅଗ୍ରହଣୀୟ ହେଲେ, ଆମର କୌଣସି ଦୁଃଖ କି ପରିତାପ କରିବାର ନାହିଁ। ସମୟ କହିବ ଆମେ କେତେ ସତ୍ୟ ନା ସମାଜରେ ପ୍ରଚାର ପ୍ରସାର ହେଉଥିବା ତଥ୍ୟ ଗୁଡ଼ିକ !

ଶେଷ ମନ୍ତବ୍ୟ ଏହା କି – ଦୀର୍ଘ ୮୦ ବର୍ଷ ହେବ ଶାସକ ପରିବର୍ତ୍ତନରେ ଲାଗି ରହିଥିବା ନାଗରିକଙ୍କ ଭାବନା ରହିଛି ଯେ-- କାଳେ କିଏ ଭଲ ଲୋକ ସେହି ସ୍ଥାନକୁ ଗଲେ ଏହି ଅବକ୍ଷୟମୁଖୀ ରାଷ୍ଟ୍ରର ପୁନରୁତ୍ଥାନ କରିହେବ ! ସେଠାକୁ ଯାହାକୁ ପଠାଇଲେ– କେବେହେଲେ ତାହା ସମ୍ଭବ ହେବନାହିଁ ଓ ଯେତେ ନୂତନତ୍ୱର ଆଶା ରଖିଲେ ମଧ୍ୟ ସେହି ଏକା ଢଙ୍ଗରେ ଚାଲିବ– ଯାହା ଚାଲି ଆସିଅଛି ଆଜି ପର୍ଯ୍ୟନ୍ତ । ଏହାର କାରଣ ହେଉଛି– ସମ୍ବିଧାନରେ ଲୁକାୟୀତ ରହିଥବା ଅର୍ତାକିକ କ୍ଷମତା ସମୂହ । ସେହି କ୍ଷମତା ସଂକୁଚିତ ନକରି ଯାହାକୁ ସେହି ସ୍ଥାନରେ ଅବସ୍ଥାପିତ କଲେ ମଧ୍ୟ ଫଳାଫଳ ସେହି ଏକା ଆସିବା ସୁନିଶ୍ଚିତ । ଆସନ୍ତା ହଜାରେ ବର୍ଷ ସତ୍ତା ପରିବର୍ତ୍ତନ କରି କରି ଅପେକ୍ଷା କଲେ ମଧ୍ୟ ଫଳାଫଳ ସେହି ଏକା ହିଁ ରହିବା ସୁନିଶ୍ଚିତ। ବର୍ତ୍ତମାନ ର୍ସବସାଧାରଣ ଏଗୁଡ଼ିକର ଅଭ୍ୟନ୍ତରକୁ ଯାଂଚ କରି ପରିବର୍ତ୍ତନର ବାର୍ତ୍ତା ଉତ୍ଥାନ କରିବେ-- କିମ୍ବା ଯାହା ଅଛି ତାହାହିଁ ଶ୍ରେୟ ବୋଲି ବିଚାର କରିବେ ନିର୍ଭର କରୁଛି ସମସ୍ତଙ୍କ ମାନସିକତା ଉପରେ।

ୟୁ-ଟ୍ୟୁବ- ସାମାଜିକ ଜନମଂଚ (ଭାରତ),
ଛତ୍ରପୁର, ଗଂଜାମ - ୭୬୧୦୨୦.
ଦୂରଭାଷ.: ୯୪୩୭୩୨୪୯୧୭.



# ସିଜେପି ଆନ୍ଦୋଳନ ପାଇଁ ଦିଲ୍ଲୀ ମେଟ୍ରୋ ସମ୍ପୂର୍ଣ୍ଣ ବନ୍ଦକୁ ପ୍ରତ୍ୟାଖ୍ୟାନ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି):** ରାଜଧାନୀ ଦିଲ୍ଲୀରେ ଶନିବାର କକ୍‌ରୋଚ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ବଡଧରଣ ପ୍ରଦର୍ଶନ ହେବାକୁ ଥିବାବେଳେ ଆସନ୍ତାକାଲି ଦିଲ୍ଲୀ ମେଟ୍ରୋର ୫୭ଟି ଷ୍ଟେସନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଦିଲ୍ଲୀ ପୁଲିସର ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ଗମ୍ଭୀର ଆପତ୍ତି ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଏହି ପଦକ୍ଷେପ ସେବା ବ୍ୟବହାର କରିବାର ଅଧିକାରପ୍ରାପ୍ତ ନାଗରିକଙ୍କ ଅଧିକାରକୁ ପ୍ରଭାବିତ କରିବ।ଦିଲ୍ଲୀ ପୁଲିସ ସିଜେପି ପ୍ରଦର୍ଶନକୁ ଅନୁମତି ଦେଇନାହିଁ। ଇତିମଧ୍ୟରେ ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଅନୁମତି ପାଇଁ କରାଯାଇଥିବା ଆବେଦନର ଶୁଣାଣି ହୋଇଥିଲା। ଶୁଣାଣି ପୂର୍ବରୁ ସର୍ବୋଚ୍ଚ ଅଦାଲତ କହିଥିଲେ ଯେ, ପ୍ରତିବାଦ କରିବାର ଅଧିକାର ଓ ଅନ୍ୟ ନାଗରିକଙ୍କ ଅଧିକାର ମଧ୍ୟରେ ଏକ ସନ୍ତୁଳନ ରହିବା ଆବଶ୍ୟକ। ସିଜେଆଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କପିଲ ସିବଲ, ଅଭିଷେକ ମନୁ ସିଂଘଭି, ପ୍ରଶାନ୍ତ ଭୂଷଣ ଓ ବୃନ୍ଦା ଗ୍ରୋଭରଙ୍କ ସମେତ ବରିଷ୍ଠ ଓକିଲଙ୍କ ଉପସ୍ଥାପନ ଶୁଣିଥିଲେ, ଯେଉଁମାନେ ଶନିବାରର ପ୍ରତିବାଦ ପୂର୍ବରୁ ପୁଲିସ ଦ୍ୱାରା ଲାଗୁ କରାଯାଇଥିବା ବ୍ୟାପକ କଟକଣା ଉପରେ ପ୍ରଶ୍ନ ଉଠାଇଥିଲେ।ଦିଲ୍ଲୀ ମେଟ୍ରୋର ୫୭ଟି ଷ୍ଟେସନ ବନ୍ଦ କରିବା ନିଷ୍ପତ୍ତି ଉପରେ ସିଜେଆଇ ସୂର୍ଯ୍ୟକାନ୍ତ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମେ ମେଟ୍ରୋ ସେବା ବନ୍ଦ ହେବା ନେଇ ଚିନ୍ତିତ। ଗ୍ରେଟର ନୋଏଡା ଓ ଦକ୍ଷିଣ ଦିଲ୍ଲୀରୁ ଜୀବିକା ନିର୍ବାହ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଯାତ୍ରୀ, ଛାତ୍ର, ସାଧାରଣ ନାଗରିକଙ୍କ ପକ୍ଷରୁ ଆମେ କହୁଛୁ ଯେ, ଏହାକୁ ବନ୍ଦ କରାଯିବା ଉଚିତ୍ ନୁହେଁ। ଆପଣ ସବୁକିଛି ବନ୍ଦ କରିପାରିବେ ନାହିଁ। ମେଟ୍ରୋର ଫ୍ରିକ୍ୱେନ୍ସି ହ୍ରାସ କରି ଏହାକୁ ନିୟନ୍ତ୍ରିତ ଭାବେ ଚଳାଚଳ କରାଯାଇପାରିବ। ସମ୍ପୂର୍ଣ୍ଣ ବନ୍ଦ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।ବରିଷ୍ଠ ଓକିଲ ଗୋପାଳ ଶଙ୍କରାନାରାୟଣନ ଯୁକ୍ତି ଦେଇଥିଲେ ଯେ, ମେଟ୍ରୋ ଷ୍ଟେସନ ବନ୍ଦ ହେବା ଓ ଟ୍ରେନ ବାତିଲ ହେବା ଦ୍ୱାରା କେବଳ ପ୍ରତିବାଦରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଯାତ୍ରୀମାନେ ନୁହେଁ, ବରଂ ଲକ୍ଷ ଲକ୍ଷ ଯାତ୍ରୀ ପ୍ରଭାବିତ ହେବେ। ସେ କହିଥିଲେ ଯେ, ନାଗରିକମାନଙ୍କର ଗତିବିଧିର ସ୍ୱାଧୀନତା ଓ ସାର୍ବଜନୀନ ପରିବହନର ଅଧିକାର ଅଛି।



# କ୍ୟାନ୍ସର ରୋଗୀଙ୍କୁ ଶସ୍ତାରେ ମିଳିବ ଔଷଧ

**ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି):** କର୍କଟ ରୋଗୀଙ୍କୁ ମହଙ୍ଗା ଔଷଧ ଖର୍ଚ୍ଚରୁ ଆଶ୍ୱସ୍ତି ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଥିବା ଖବର ସାମ୍ନାକୁ ଆସିଛି। ନୂଆ ନିଷ୍ପତ୍ତି ଅନୁଯାୟୀ, ତାଲିକାଭୁକ୍ତ ନଥିବା କର୍କଟ ଔଷଧର ବିକ୍ରି ଉପରେ ଟ୍ରେଡ୍ ମାର୍ଜିନ୍‌କୁ ସର୍ବାଧିକ ୩୦ ପ୍ରତିଶତରେ ସୀମିତ ରଖିବାକୁ ଯୋଜନା କରାଯାଇଛି।ଏହି ପଦକ୍ଷେପ ଦ୍ୱାରା କେତେକ କର୍କଟ ଔଷଧର ଦାମ୍‌ରେ ଉଲ୍ଲେଖନୀୟ ହ୍ରାସ ହୋଇପାରେ। ଏଥିସହ ରୋଗୀ ଓ ସେମାନଙ୍କ ପରିବାର ପ୍ରତିବର୍ଷ ପ୍ରାୟ ୨,୫୦୦ କୋଟି ଟଙ୍କା ସଞ୍ଚୟ କରିପାରନ୍ତି ବୋଲି ଆକଳନ କରାଯାଇଛି। ତେବେ ଔଷଧର ଦାମ୍ କେତେ କମିବ, ତାହା ଔଷଧର ପ୍ରକାର ଓ ଯୋଗାଣ ବ୍ୟବସ୍ଥା ଉପରେ ନିର୍ଭର କରିବ। ରିପୋର୍ଟ ଅନୁଯାୟୀ, କେଉଁ କେଉଁ କର୍କଟ ଔଷଧ ଏହି ନିୟମ ଅଧୀନରେ ଆସିବ, ତାହା ଏକ ବିଶେଷଜ୍ଞ କମିଟି ନିର୍ଦ୍ଧାରଣ କରିବ। ଏହି ନିୟମ ବ୍ରାଣ୍ଡେଡ୍, ଜେନେରିକ୍, ଦେଶରେ ଉତ୍ପାଦିତ ଏବଂ ବିଦେଶରୁ ଆମଦାନୀ ହେଉଥିବା ଔଷଧ ଉପରେ ଲାଗୁ ହେବାର ବ୍ୟବସ୍ଥା ରହିଛି।ଔଷଧର ଉପଲବ୍ଧତା ଯେପରି ପ୍ରଭାବିତ ନହୁଏ, ସେଥିପାଇଁ କମ୍ପାନୀଗୁଡ଼ିକୁ ବର୍ତ୍ତମାନର ଉତ୍ପାଦନ ସ୍ତର ବଜାୟ ରଖିବାକୁ ମଧ୍ୟ କୁହାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସରକାରଙ୍କ ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଔଷଧ ଯୋଗାଣ ଶୃଙ୍ଖଳାରେ ଅତ୍ୟଧିକ ଲାଭ ମାର୍ଜିନ୍‌ଯୋଗୁଁ ଦାମ୍ ବଢ଼ିବାକୁ ନିୟନ୍ତ୍ରଣ କରିବା ଏବଂ ରୋଗୀଙ୍କ ପାଇଁ ଚିକିତ୍ସା ଖର୍ଚ୍ଚକୁ ଅଧିକ ସୁଲଭ କରିବା।କର୍କଟ ଔଷଧର ଦାମ୍ ନିୟନ୍ତ୍ରଣ କରିବା ପାଇଁ ସରକାର ୨୦୧୯ରେ ମଧ୍ୟ ଏକ ପଦକ୍ଷେପ ନେଇଥିଲେ। ସେତେବେଳେ ୫୨୬ଟି ବ୍ରାଣ୍ଡର କର୍କଟ ଔଷଧ ସମ୍ପର୍କରେ ନିଆଯାଇଥିବା ନିଷ୍ପତ୍ତି ଯୋଗୁଁ ବର୍ଷକୁ ପ୍ରାୟ ୯୮୪ କୋଟି ଟଙ୍କା ସଞ୍ଚୟ ହୋଇଥିବା ଆକଳନ କରାଯାଇଥିଲା।ଏବେ ଅଣ-ତାଲିକାଭୁକ୍ତ କର୍କଟ ଔଷଧର ଟ୍ରେଡ୍ ମାର୍ଜିନ୍ ଉପରେ ସୀମା ଧାର୍ଯ୍ୟ କରିବା ଦ୍ୱାରା ଅଧିକ ରୋଗୀ ଉପକୃତ ହୋଇପାରନ୍ତି ବୋଲି ଆଶା କରାଯାଉଛି। ବିଶେଷକରି ଦୀର୍ଘ ସମୟ ଧରି କର୍କଟ ଚିକିତ୍ସା ନେଉଥିବା ପରିବାରଗୁଡ଼ିକର ଆର୍ଥିକ ବୋଝ କମାଇବାରେ ଏହା ସହାୟକ ହୋଇପାରେ।କର୍କଟ ଔଷଧର ଅଧିକ ମୂଲ୍ୟ ଏବଂ ଘରୋଇ ହସ୍ପିଟାଲ୍‌ଗୁଡ଼ିକରେ ଔଷଧ ଉପରେ ନିଆଯାଉଥିବା ଅଧିକ ମାର୍ଜିନ୍‌କୁ ନେଇ ନିକଟରେ ସୁପ୍ରିମକୋର୍ଟ ମଧ୍ୟ ଚିନ୍ତା ପ୍ରକାଶ କରିଥିବା ରିପୋର୍ଟ ରହିଛି। ଔଷଧର ମୂଳ ଦାମ୍ ଓ ରୋଗୀଙ୍କୁ ବିକ୍ରି କରାଯାଉଥିବା ଦାମ୍ ମଧ୍ୟରେ ବଡ଼ ପାର୍ଥକ୍ୟ ରହିଲେ ରୋଗୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିଥାଏ। ତେଣୁ ଔଷଧର ମୂଲ୍ୟ ନିୟନ୍ତ୍ରଣ ଓ ଯୁକ୍ତିଯୁକ୍ତ ଲାଭ ମାର୍ଜିନ୍ ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦିଆଯାଉଛି।

# ବଢ଼ିଲା ବିଜୟନଙ୍କ ଅଡୁଆ

କୋଚି: ସିଏମ୍‌ଆର୍‌ଏଲ୍- ?ଏକ୍ସାଲୋଜିକ୍ ଦେୟ ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ତାଙ୍କ ଝିଅ ବୀଣା ଟି ଓ ବୀଣାଙ୍କ ସ୍ୱାମୀ ତଥା ପୂର୍ବତନ ମନ୍ତ୍ରୀ ପି ଏ ମହମ୍ମଦ ରିୟାସ୍‌ଙ୍କ ନାଁରେ ମାମଲା ରୁଜୁ କରିବାକୁ କେରଳ ହାଇକୋର୍ଟ ଶୁକ୍ରବାର ରାଜ୍ୟ ପୁଲିସ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଆଦେଶ ଶୁଣାଇବା ସମୟରେ କୋର୍ଟ କହିଥିଲେ, ରିଟ୍ ପିଟିସନ୍ ଅନୁମତି ଦେଇଛି ଓ ଏତଲା ପଞ୍ଜୀକରଣ କରିବାର ନିର୍ଦ୍ଦେଶ ରହିଛି। କର୍ମକର୍ତ୍ତା ତଥା ଓକିଲ କେଏମ୍ ଶାଜାହାନ୍‌ଙ୍କ ଦ୍ୱାରା ଦାୟର ହୋଇଥିବା ଏକ ଆବେଦନ ଉପରେ ଜଷ୍ଟିସ ଏ ବଦହାରୁଦ୍ଦିନ ଏହି ନିର୍ଦ୍ଦେଶ ଦେଇଛନ୍ତି।ଏହି ଆବେଦନରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ଦୁର୍ନୀତି ମାମଲା ପଞ୍ଜିକରଣ କରିବା ପରିବର୍ତ୍ତେ କ୍ରାଇମ ବ୍ରାଞ୍ଚ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ମାଧ୍ୟମରେ ପ୍ରାରମ୍ଭିକ ତଦନ୍ତ କରିବାର ନିଷ୍ପତ୍ତିକୁ ଚାଲେଞ୍ଜ କରାଯାଇଥିଲା। ଶାଜାହାନଙ୍କ ଅନୁଯାୟୀ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁପାରିସକୁ ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ ବ୍ୟୁରୋ ନିର୍ଦ୍ଦେଶକଙ୍କ ନିକଟକୁ ପଠାଇବା ପରିବର୍ତ୍ତେ ରାଜ୍ୟ ସରକାର ଏହି ମାମଲାର ପ୍ରାରମ୍ଭିକ ପୁଲିସ ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ।ପ୍ରାଥମିକ ତଦନ୍ତ ପରେ ଏତଲା ରୁଜୁ କରିବାକୁ ରାଜ୍ୟ ସରକାର ଯୁକ୍ତି ବାଢୁଥିବାବେଳେ ଇଡି କିନ୍ତୁ କହିଛନ୍ତି, ରାଜ୍ୟ ପୁଲିସ ପ୍ରଥମେ ଏତଲା ରୁଜୁ କରି ତା'ପରେ ତଦନ୍ତ କରୁ।

# ଗଣତନ୍ତ୍ର ରକ୍ଷା କରିବାକୁ ମୁଁ ଆସୁଛି, ଆପଣ ବି ଆସନ୍ତୁ ଜନ୍ତର-ମନ୍ତର

**ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି):** କକ୍ରୋଚ ଜନତା ପାର୍ଟି ର ଜନ୍ତରମନ୍ତର ଆନ୍ଦୋଳନ ପୂର୍ବରୁ ଆମ୍ ଆଦମୀ ପାର୍ଟି ର ଜାତୀୟ ଆବାହକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବଡ ବୟାନ ସାମ୍ନାକୁ ଆସିଛି। ସେ CJP ର ଆନ୍ଦୋଳନରେ ସାମିଲ ହେବା ସହ ତାଙ୍କ ପରିବାର ମଧ୍ୟ ଏଥିରେ ଯୋଗଦେବ ବୋଲି କହିଛନ୍ତି।ଏକ ନ୍ୟୁଜ୍ ଏଜେନ୍ସି ସହ କଥା ହୋଇ କେଜ୍ରିୱାଲ କହିଛନ୍ତି, କେନ୍ଦ୍ର ସରକାର ଦେଶର ଗଣତନ୍ତ୍ର ସହ ଖେଳ ଖେଳୁଛନ୍ତି। ବହୁ ସଂଖ୍ୟାରେ ଲୋକଙ୍କ ଭୋଟ୍ କାଟି ଦିଆଯାଉଛି। ଯେଉଁମାନେ ବିଜେପିକୁ ଭୋଟ୍ ଦେଉନାହାନ୍ତି, ସେମାନଙ୍କ ଭୋଟ୍ କାଟି ଦିଆଯାଉଥିବା ବେଳେ ନକଲି ଭୋଟ୍ ଯୋଡାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଦ୍ୱାରା ଏହି କାର୍ଯ୍ୟ ଖୋଲାଖୋଲି ଭାବେ ଚାଲିଥିବା ତାଙ୍କର ଅଭିଯୋଗ। ତେଣୁ ସାରା ଦେଶ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଛି ବୋଲି ସେ କହିଛନ୍ତି।କେଜ୍ରିୱାଲ ଦେଶବାସୀଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଦିଲ୍ଲୀର ଜନ୍ତରମନ୍ତରରେ ପହଞ୍ଚି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଏହା କୌଣସି ଜଣେ ବ୍ୟକ୍ତି କିମ୍ବା ଗୋଟିଏ ରାଜନୈତିକ ଦଳର ପ୍ରସଙ୍ଗ ନୁହେଁ, ବରଂ ସମଗ୍ର ଦେଶର ପ୍ରସଙ୍ଗ। ଗତକାଲିଠାରୁ ଜନ୍ତରମନ୍ତରରେ ଏହି ପ୍ରତିବାଦ ଚାଲିଛି। ସେ ନିଜେ ଏଥିରେ ସାମିଲ ହେବେ ଏବଂ ତାଙ୍କ ପୂରା ପରିବାର ମଧ୍ୟ ଯୋଗଦେବ ବୋଲି କହିଛନ୍ତି।SIR ବିବାଦ ମଧ୍ୟରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଏକ ବଡ ଧରଣର ପ୍ରତିବାଦ ଆୟୋଜନ କରାଯିବାକୁ ଯୋଜନା ରହିଛି। ଅଭିଜିତ ଦୀପକେ, ଆଶୁତୋଷ ରାଙ୍କା ଏବଂ ସୌରଭ ଦାସଙ୍କ ନେତୃତ୍ୱରେ ଅକ୍ଟୋବର ୧୦ ତାରିଖରେ ଏହି ଆନ୍ଦୋଳନ ପ୍ରସ୍ତାବିତ ହୋଇଛି।ଆନ୍ଦୋଳନ ପୂର୍ବରୁ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିଭିନ୍ନ ରାଜ୍ୟରୁ ହଜାର ହଜାର ସୁରକ୍ଷାକର୍ମୀଙ୍କୁ ଡକାଯାଇଥିବା ବେଳେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (CAPF)ର ଯବାନମାନଙ୍କୁ ମଧ୍ୟ ମୁତୟନ କରାଯାଇଛି। ଏହା ସହ ଅନେକ ମେଟ୍ରୋ ସେବା ଓ ଟ୍ରେନ୍ ଚଳାଚଳ ଉପରେ କଟକଣା ଲଗାଯାଇଥିବା ଖବରରେ ଉଲ୍ଲେଖ ରହିଛି।ଅନ୍ୟପଟେ, ଦିଲ୍ଲୀ ପୁଲିସ ସ୍ପଷ୍ଟ କରିଛି ଯେ CJPକୁ ଏହି ଆନ୍ଦୋଳନ ପାଇଁ ଅନୁମତି ମିଳିନାହିଁ। ଆନ୍ଦୋଳନରେ ସାମିଲ ହେଉଥିବା ଲୋକଙ୍କ ବିରୋଧରେ ମଧ୍ୟ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇପାରେ। ଏଭଳି ସ୍ଥିତିରେ ଜନ୍ତରମନ୍ତରରେ ହେବାକୁ ଥିବା ପ୍ରତିବାଦ ଉପରେ ସମସ୍ତଙ୍କ ନଜର ରହିଛି।



# ୟୁକ୍ରେନରେ ରୁଷର ତାଣ୍ଡବ ଦୁଇ ଦିନରେ ୭୮ ମୃତ

**ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି):** ରୁଷ୍ ଆକ୍ରମଣ ବିରୋଧରେ କିଭ୍‌କୁ ସାହାଯ୍ୟ କରିବାକୁ ଆମେରିକା ଇଚ୍ଛୁକ ନଥିବା ଗୁରୁବାର ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡିମିର୍ ଜେଲେନସ୍କି ଅଭିଯୋଗ କରିଛନ୍ତି। ରୁଷ୍ ଲଗାତାର ଦୁଇଦିନ ହେଲା ୟୁକ୍ରେନ ଉପରେ ଭୀଷଣ ଆକ୍ରମଣ ଜାରି ରଖିଛି। ପୂର୍ବାଞ୍ଚଳ ସହର କ୍ରାମଟୋର୍ସ୍କ ଦୁଇ ଦିନ ଧରି ୟୁକ୍ରେରେ ହୋଇଥିବା ଆକ୍ରମଣରେ ମୃତ୍ୟୁ ସଂଖ୍ୟା ୭୮କୁ ବୃଦ୍ଧି ପାଇଛି। ଉତ୍ତର ୟୁକ୍ରେନରେ ଥିବା ସହର ପ୍ରିଲୁକିରେ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତାବେଳେ ଜେଲେନସ୍କି କହିଛନ୍ତି, ରୁଷ୍‌ର ଭୀଷଣ ଆକ୍ରମଣ ଯୋଗୁ ସାରା ଦେଶରେ ଗତ ଦୁଇଦିନରେ ୭୮ ଜଣ ଲୋକଙ୍କ ମୃତ୍ୟୁ ଓ ୨୧୫ ଜଣ ଆହତ ହୋଇଛନ୍ତି। କିଭ୍‌ଠାରୁ ପ୍ରାୟ ୧୩୦ କିଲୋମିଟର ପୂର୍ବରେ ଥିବା ପ୍ରିଲୁକିରେ ରୁଷ୍‌ର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ଏକ ଆବାସିକ କୋଠାରେ ୨୨ ଜଣଙ୍କ ସମେତ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି।ଜେଲେନସ୍କି ୱାସିଂଟନକୁ ମସ୍କୋ ସହିତ ସମ୍ଭାବ୍ୟ ଆର୍ଥିକ ସମ୍ପର୍କ ସ୍ଥାପନ କରିବା ପାଇଁ ସମାଲୋଚନା କରିଛନ୍ତି। ଚାରି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧର ଅନ୍ତ ଦିଗରେ କାର୍ଯ୍ୟ କରିବାକୁ ୟୁକ୍ରେନ ରାଷ୍ଟ୍ରପତି ଦାବି କରିଥିଲେ। ସେ ଷ୍ଟାରଲିଙ୍କ ସାଟେଲାଇଟ୍ ନେଟୱାର୍କକୁ ୟୁକ୍ରେନର ପ୍ରବେଶ ବିସ୍ତାର କରିବାକୁ ଅନୁରୋଧ କରିଥିଲେ ଯାହାଦ୍ୱାରା ଏହାର ସୈନ୍ୟବାହିନୀ ରୁଷ୍‌ର ବାଲିଷ୍ଟିକ୍-କ୍ଷେପଣାସ୍ତ୍ର ଲଞ୍ଚରକୁ ଟାର୍ଗେଟ କରିବାରେ ଓ ବାୟୁ ପ୍ରତିରକ୍ଷାକୁ ସୁଦୃଢ଼ କରିବାରେ ସାହାଯ୍ୟ ପାଇପାରିବେ।

# ଯୁବ କଂଗ୍ରେସର ଆବେଦନର ଜରୁରୀ ଶୁଣାଣି କରିବାକୁ ମନା କରିଦେଲେ ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି):** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟରେ ଅନିୟମିତତା ଅଭିଯୋଗରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଯନ୍ତର ମନ୍ତରଠାରେ ପ୍ରତିବାଦ କରିବାକୁ ଅନୁମତି ଲୋଡ଼ିଥିବା ଭାରତୀୟ ଯୁବ କଂଗ୍ରେସର ଆବେଦନର ଜରୁରୀ ଶୁଣାଣି କରିବାକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି।ଗୁରୁବାର କୋର୍ଟରେ ପ୍ରଥମେ ଆବେଦନଟି ଉଲ୍ଲେଖ କରାଯାଇଥିଲା ଓ ଶୁକ୍ରବାର ଦିନ ପୁଣି ଥରେ ଉଲ୍ଲେଖ କରାଯାଇଥିଲା, କିନ୍ତୁ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇ ନଥିଲା। ଓକିଲଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ନୀତିନ ୱାସୁଦେଓ ସାମ୍ବ୍ରେ ଓ ବିଚାରପତି ସଞ୍ଜୟ ଶର୍ମାଙ୍କ ଖଣ୍ଡପୀଠ ମାମଲାକୁ ତାଲିକାଭୁକ୍ତ କରିବାକୁ ମନା କରିଦେଇଥିଲେ।ଆଜି ଶୁଣାଣି କରିବା କ'ଣ ଜରୁରୀ ବୋଲି କୋର୍ଟ କହିଛନ୍ତି। ସୋମବାର ଏହାର ଶୁଣାଣି କରିବାକୁ ତାଲିକାଭୁକ୍ତ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ଜନ୍ତର ମନ୍ତରଠାରେ ପ୍ରତିବାଦ କରିବାକୁ ଅନୁମତି ନଦେବାକୁ ଦିଲ୍ଲୀ ପୁଲିସର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଯୁବ କଂଗ୍ରେସ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

# ସେୟାର ବଜାରକୁ ଫେରିଲା ଖୁସି

**ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି):** କାରବାରର ଶେଷ ଦିନରେ ଶୁଭ ସଙ୍କେତ ଦେଇଛି ସେୟାର ମାର୍କେଟ୍ । ଗୁରୁବାର ବଜାର କ୍ରାଶ୍ କରିବା ପରେ ଆଜି କିନ୍ତୁ ଏଥିରେ ବୃଦ୍ଧି ପରିଲକ୍ଷିତ ହୋଇଛି । ଆମେରିକାରେ ଟ୍ରମ୍ପ ପ୍ରଶାସନ ଦ୍ୱାରା ଟିସିଏସ, ଇନଫୋସିସ, ୱିପ୍ରୋ, ଏଚସିଏଲ ଟେକ୍ ଆଦି କମ୍ପାନୀକୁ ଗ୍ରୀନ୍ କାର୍ଡ ଜନିତ ସୁବିଧା ଉପରେ ପ୍ରତିବନ୍ଧକ ଲଗାଇବା ସତ୍ତ୍ୱେ ବଜାର ଭଲ ଆରମ୍ଭ କରିଛି ।ବଜାର ଖୋଲିବା ପରେ ସେନସେକ୍ସ ୧୮୦ ଅଙ୍କ ବୃଦ୍ଧି ପାଇଥିଲା । ଆଇଟି ସେୟାର ମଧ୍ୟ ସବୁଜ ସଙ୍କେତରେ କାରବାର କରିଛି । ସେହିପରି ନିଫ୍ଟି ୮୦ ଅଙ୍କ ବୃଦ୍ଧି ପାଇଥିଲା । ଟଙ୍କା ମଧ୍ୟ ଡଲାର ତୁଳନାରେ ସାମାନ୍ୟ ମଜବୁତ ହୋଇଥିବା ପରିଲକ୍ଷିତ ହୋଇଛି । ଟଙ୍କା ଡଲାର ତୁଳନାରେ ପୂର୍ବଦିନର ୯୬.୭୮ ଅପେକ୍ଷା ୪ ପଇସା ମଜବୁତ ହୋଇ ୯୬.୭୪ ହୋଇଛି । କାରବାର ଆରମ୍ଭରେ ଟିସିଏସ, ଇନଫୋସିସ ଭଳି ଆଇଟି କମ୍ପାନୀର ସେୟାର ଗ୍ରୀନ୍ ଜୋନରେ କାରବାର କରିଥିଲେ । ଆମେରିକାର କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଆଇଟି ସେକ୍ଟର ସହ ଜଡିତ କମ୍ପାନୀ ଭଲ ଆରମ୍ଭ କରିଛନ୍ତି । ସକାଳ ୧୦ଟା ସୁଦ୍ଧା ବିଏସଇ ସେନସେକ୍ସ ୭୨୨୬୦ ପଏଣ୍ଟରେ କାରବାର କରୁଥିଲା । ସେହିପରି ଏନଏସଇ ନିଫ୍ଟି ମଧ୍ୟ ସବୁଜ ସଙ୍କେତ ସହ ୨୨୪୪୦ରେ କାରବାର କରୁଥିବା ନଜର ଆସିଛି । ଗୁରୁବାର ଭାରତୀୟ ଶେୟାର ବଜାରରେ ଦେଖିବାକୁ ମିଳିଥିଲା ହାହାକାର । ହଠାତ୍ ମାର୍କେଟ୍ କ୍ରାଶ୍ ଯୋଗୁ ନିବେଶକଙ୍କୁ ହରାଇବାକୁ ପଡ଼ିଥିଲା ପ୍ରାୟ ୮ ଲକ୍ଷ କୋଟି ଟଙ୍କା । ଏହି କ୍ରାଶ୍ ପଛରେ ଅଶୋଧିତ ତେଲ ଦାମ୍ ବୃଦ୍ଧି ଏକ ବଡ଼ କାରଣ ବୋଲି କୁହାଯାଉଥିବା ବେଳେ, ଆଉ କିଛି କାରଣକୁ ମଧ୍ୟ ଦାୟୀ କରିଥିଲେ ବିଶେଷଜ୍ଞ।

# ପୁରୁଣା ବିସ୍ଫୋରକ ନଷ୍ଟ ବେଳେ ଅଘଟଣ, ୪ ଯବାନ ଆହତ

**ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି):** ଛତିଶଗଡ଼ର ସୁକମା ଜିଲ୍ଲାରେ ଅବ୍ୟବହୃତ ବିସ୍ଫୋରକ ସାମଗ୍ରୀକୁ ସୁରକ୍ଷିତ ଭାବେ ନଷ୍ଟ କରାଯାଉଥିବା ସମୟରେ ଏକ ଆକସ୍ମିକ ବିସ୍ଫୋରଣ ଘଟି ୪ ଜଣ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ ଯବାନ ଆହତ ହୋଇଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭେଜି ପୁଲିସ ଷ୍ଟେସନ ପରିସରଭୁକ୍ତ ଏଲାରମାଡଗୁ ସୁରକ୍ଷା କ୍ୟାମ୍ପ ନିକଟରେ ଏହି ଦୁର୍ଘଟଣା ଘଟିଛି ।କୋଣ୍ଟା ରେଞ୍ଜ ଅଧୀନରେ ଥିବା ଏହି ସୁରକ୍ଷା କ୍ୟାମ୍ପଗୁଡ଼ିକୁ ଯାଞ୍ଚ କରିବା ଏବଂ ପୁରୁଣା ବିସ୍ଫୋରକ ନଷ୍ଟ କରିବା ପାଇଁ ଜଗଦଲପୁରରୁ ସିଆରପିଏଫର ୫୦ତମ ବାଟାଲିୟନର ଏକ ଅମ୍ୟୁନିସନ ଟେକ୍ନିକାଲ ଟିମ୍ ଆସିଥିଲା । ନିର୍ଦ୍ଧାରିତ ସୁରକ୍ଷା ନିୟମାବଳୀ ଅନୁସରଣ କରି କ୍ୟାମ୍ପଠାରୁ ପ୍ରାୟ ୨୦୦ ମିଟର ଦୂର ନାଳ ନିକଟରେ ଏହି କାର୍ଯ୍ୟ ଚାଲିଥିବା ବେଳେ ହଠାତ ଏକ ବିସ୍ଫୋରକ ଛିଟିକି ପଡ଼ି ନିକଟରେ ବିସ୍ଫୋରଣ ଘଟିଥିଲା ।

# ପାକିସ୍ତାନକୁ ଭାଗ ଭାଗ କରିବାକୁ ଚକ୍ରାନ୍ତ କରୁଛନ୍ତି ମୁନିର୍

**ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି):** ଶୁକ୍ରବାର ବ୍ରିଟେନର ପ୍ରସିଦ୍ଧ ପତ୍ରିକା 'ଦି ଇକୋନୋମିଷ୍ଟ'ର ଏକ ରିପୋର୍ଟରୁ ପ୍ରକାଶ ପାଇଛି ଯେ, ପାକିସ୍ତାନର ପ୍ରକୃତ କ୍ଷମତାଧାରୀ ତଥା ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ଦେଶର ୪ଟି ପ୍ରଶାସନିକ ପ୍ରଦେଶକୁ ଭାଙ୍ଗି ୧୨, ୧୫ କିମ୍ବା ୧୬୦ରୁ ଅଧିକ କ୍ଷୁଦ୍ର ଭାଗରେ ବିଭକ୍ତ କରିବାକୁ ଯୋଜନା କରୁଛନ୍ତି। ୧୯୪୭ ମସିହାରେ ପାକିସ୍ତାନ ସୃଷ୍ଟି ହେବା ପରଠାରୁ ପଞ୍ଜାବ, ସିନ୍ଧ, ଖାଇବର ପାଖତୁନଖ୍ୱା ଏବଂ ବଲୋଚିସ୍ତାନ ନାମକ ୪ଟି ମୁଖ୍ୟ ପ୍ରଦେଶ ରହିଆସିଛି। ସେଥିମଧ୍ୟରୁ ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ପଞ୍ଜାବରେ ୧୨୮ ନିୟୁତ ଲୋକ ବସବାସ କରୁଥିବା ବେଳେ ବଲୋଚିସ୍ତାନରେ ମାତ୍ର ୧୫ ନିୟୁତ ଲୋକ ଅଛନ୍ତି। କୋରୋନା ଓ ପରବର୍ତ୍ତୀ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ଦେଶର ଶାସନ ବ୍ୟବସ୍ଥା ଅସମ୍ଭାଳ ହୋଇପଡ଼ିଥିବା ଦର୍ଶାଇ ମୁନିର ଏହି ପ୍ରଦେଶଗୁଡ଼ିକ ଅତ୍ୟନ୍ତ ବଡ଼ ବୋଲି ଯୁକ୍ତି ବାଢ଼ିଛନ୍ତି, ମାତ୍ର ଏହା ପଛରେ ତାଙ୍କର କ୍ଷମତା ହାସଲର ଗୁପ୍ତ ଉଦ୍ଦେଶ୍ୟ ରହିଥିବା ବିଶେଷଜ୍ଞମାନେ ସନ୍ଦେହ କରୁଛନ୍ତି।ରିପୋର୍ଟ ଅନୁଯାୟୀ, ନୂତନ ଭାବେ ଗଠିତ ଏହି ଛୋଟ ଛୋଟ ଅଞ୍ଚଳଗୁଡ଼ିକୁ କ୍ଷମତାସୀନ ନେତା କିମ୍ବା ସେନାମୁଖ୍ୟଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିମାନେ ଶାସନ କରିବେ, ଯାହା ଦ୍ୱାରା ସମ୍ପୂର୍ଣ୍ଣ କ୍ଷମତା ପରୋକ୍ଷରେ ମୁନିରଙ୍କ ନିୟନ୍ତ୍ରଣକୁ ଚାଲିଯିବ। ପାକିସ୍ତାନର ମୋଟ ସମୟର ଦୁଇ-ପଞ୍ଚମାଂଶରୁ ଅଧିକ ସମୟ ସେନା ଶାସନାଧୀନ ରହିଥିବା ବେଳେ ବର୍ତ୍ତମାନର ଶେହବାଜ ଶରୀଫ ସରକାର ମଧ୍ୟ ସେନା ଆଗରେ ନିରୁପାୟ ଅଛନ୍ତି। ଭାରତ ସହ ଶତ୍ରୁତା ପୂର୍ଣ୍ଣ ସମ୍ପର୍କ ରଖି ସେନା ବଜେଟ ବୃଦ୍ଧି କରିବା ଏବଂ ପିଏମଏଲ(ଏନ) ଓ ପିପିପି ଭଳି ବଡ଼ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର କ୍ଷମତାକୁ କ୍ଷୁର୍ଣ୍ଣ କରିବା ମୁନିରଙ୍କ ମୁଖ୍ୟ ଲକ୍ଷ୍ୟ ଅଟେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଜେଲରେ ରଖି ଏବଂ ଅନ୍ୟ ଦଳଗୁଡ଼ିକୁ ନିଜ ଆୟତ୍ତରେ ରଖି ମୁନିର ନିଜର ଶାସନକୁ ଆହୁରି କଡ଼ାକଡ଼ି କରିବା ପାଇଁ ଏହି 'ଭାଗ କର ଏବଂ ଶାସନ କର' ନୀତି ନେଉଥିବା ରିପୋର୍ଟରେ ଦର୍ଶାଯାଇଛି।



# ଭାରତୀୟ କର୍ମଚାରୀଙ୍କୁ ଠିକା ଶ୍ରମିକ କହିଲେ ଉପରାଷ୍ଟ୍ରପତି ଭାନ୍ସ

**ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି):** ଭାରତୀୟ ଆଇଟି କମ୍ପାନିଗୁଡ଼ିକ ଉପରେ ଆମେରିକାର କଟକଣାକୁ ଭାରତ ସରକାର କଡା ବିରୋଧ କରିଛନ୍ତି। ଭାରତୀୟ ଆଇଟି ପେସାଦାରଙ୍କୁ ବନ୍ଧୁଆ ଶ୍ରମିକ ବୋଲି କହିଥିବା ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ମନ୍ତବ୍ୟକୁ ମଧ୍ୟ ଭାରତ ଅନୁଚିତ ଓ ଅପମାନଜନକ ବୋଲି କହିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଆମେରିକାର ଅର୍ଥନୀତି ଓ ନୂଆ ଜ୍ଞାନକୌଶଳର ବିକାଶରେ ଭାରତୀୟ ପେସାଦାରମାନେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି। ସେମାନଙ୍କୁ ଏପରି ଭାବେ ବର୍ଣ୍ଣନା କରିବା ଅତ୍ୟନ୍ତ ଅଶୋଭନୀୟ।ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଭାରତୀୟ ପେସାଦାରମାନେ ଉଚ୍ଚଶିକ୍ଷିତ ଓ ଦକ୍ଷ। ସେମାନେ ଆମେରିକାର ଅର୍ଥନୀତି, ଗବେଷଣା, ନୂଆ ଉଦ୍ଭାବନ ଓ ଉତ୍ପାଦନ କ୍ଷମତା ବୃଦ୍ଧିରେ ସହାୟତା କରୁଛନ୍ତି। ବିଦେଶୀ ପ୍ରତିଭାଙ୍କ ଯୋଗଦାନ ଦ୍ୱାରା ଉଭୟ ଦେଶ ଲାଭବାନ ହେଉଛନ୍ତି। ଏହା ଆମେରିକୀୟ କମ୍ପାନିଗୁଡ଼ିକୁ ମଧ୍ୟ ବିଶ୍ୱ ବଜାରରେ ପ୍ରତିଯୋଗିତା କରିବାରେ ସହାୟତା କରୁଛି। ଦୁଇ ଦେଶ ମଧ୍ୟରେ ପ୍ରତିଭା ଓ ଦକ୍ଷ କର୍ମଚାରୀଙ୍କ ଆଦାନପ୍ରଦାନ ଉଭୟ ଅର୍ଥନୀତି ପାଇଁ ଲାଭଦାୟକ। ତେଣୁ ଏପରି କଟକଣା ଦୁଇ ଦେଶର ସହଭାଗୀ ଆର୍ଥିକ ଲକ୍ଷ୍ୟକୁ ଆଗକୁ ନେବ ନାହିଁ। ଏହି ଘଟଣାର ପରବର୍ତ୍ତୀ ବିକାଶ ଉପରେ ଭାରତ ସରକାର ନଜର ରଖିଥିବା ମନ୍ତ୍ରଣାଳୟ କହିଛି।ଆମେରିକାର ଶ୍ରମ ବିଭାଗ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍), ଇନ୍‌ଫୋସିସ, ୱିପ୍ରୋ, ଏଚ୍‌ସିଏଲ୍‌ଟେକ୍ ଓ କଗ୍ନିଜାଣ୍ଟ ସମେତ ୮ଟି ପ୍ରମୁଖ ଟେକ୍ନୋଲୋଜି କମ୍ପାନିକୁ ଗୁରୁତ୍ୱପୂର୍ଣ୍ଣ ପିଇଆର୍‌ଏମ୍ କାର୍ଯ୍ୟକ୍ରମରୁ ନିଲମ୍ବିତ କରିଛି। ଏହି ତାଲିକାରେ ମାଇକ୍ରୋସଫ୍ଟ, ଆଡୋବ୍ ଓ କ୍ୟାପ୍‌ଜେମିନି ମଧ୍ୟ ରହିଛନ୍ତି। ଆମେରିକା ସରକାରଙ୍କ ଅଭିଯୋଗ ହେଉଛି ଯେ କେତେକ କମ୍ପାନି ଆମେରିକୀୟ କର୍ମଚାରୀଙ୍କ ବଦଳରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେଉଛନ୍ତି। ଏହାଦ୍ୱାରା ଆମେରିକୀୟଙ୍କ ଚାକିରି ସୁଯୋଗ ପ୍ରଭାବିତ ହେଉଛି।ତେବେ ଭାରତ ସରକାର ଏହି ପଦକ୍ଷେପକୁ ଦୁଇ ଦେଶର ଆର୍ଥିକ ସହଯୋଗ ପ୍ରତି ଅନୁପଯୋଗୀ ବୋଲି କହିଛି।ପର୍ମାନେଣ୍ଟ ଲେବର୍ ସାର୍ଟିଫିକେସନ୍ (ପିଇଆର୍‌ଏମ୍) ହେଉଛି ଆମେରିକାରେ କାମ କରୁଥିବା ବିଦେଶୀ କର୍ମଚାରୀଙ୍କୁ ସ୍ଥାୟୀ ଭାବେ ରହିବା ପାଇଁ ଗ୍ରିନ୍ କାର୍ଡ ଦେବା ପ୍ରକ୍ରିୟାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି କାର୍ଯ୍ୟକ୍ରମରୁ ନିଲମ୍ବିତ ହେବା ପରେ ସମ୍ପୃକ୍ତ କମ୍ପାନିଗୁଡ଼ିକ ନୂଆ ପିଇଆର୍‌ଏମ୍ ଆବେଦନ କରିପାରିବେ ନାହିଁ କିମ୍ବା ପୂର୍ବରୁ ଦାଖଲ ହୋଇଥିବା ଆବେଦନର ପ୍ରକ୍ରିୟା ଆଗକୁ ବଢ଼ାଇପାରିବେ ନାହିଁ। ତେବେ ଏହି ନିଷ୍ପତ୍ତି ଯୋଗୁଁ ପୂର୍ବରୁ ଥିବା ଏଚ୍-୧ବି ଭିସା ସ୍ୱତଃ ବାତିଲ ହେବ ନାହିଁ। ଆମେରିକାରେ ଏହି ଭିସାରେ କାମ କରୁଥିବା ଭାରତୀୟ କର୍ମଚାରୀ ଓ ସେମାନଙ୍କ ପରିବାରର ଭିସା ସ୍ଥିତି ମଧ୍ୟ ଏହି ନିଷ୍ପତ୍ତି ଯୋଗୁଁ ସ୍ୱତଃ ପ୍ରଭାବିତ ହେବ ।



# ଅନୁମତି ବିନା ପ୍ରେସକ୍ରିପ୍ସନ ଔଷଧର ବିଜ୍ଞାପନ ମନା

**ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି):** ଡାକ୍ତରଙ୍କ ପରାମର୍ଶରେ ବା ପ୍ରେସକ୍ରିପ୍ସନ୍ ମାଧ୍ୟମରେ ବିକ୍ରିହେଉଥିବା ଔଷଧର ବିଜ୍ଞାପନ ପ୍ରଚାର ଆଉ ମନଇଚ୍ଛା କରାଯାଇପାରିବ ନାହିଁ। ଏଥିପାଇଁ ଆଗୁଆ ସରକାରଙ୍କ ଅନୁମତି ଦେବାକୁ ପଡିବ। ଏ ସମ୍ପର୍କିତ ନିୟମରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଂଶୋଧନ କରିଛନ୍ତି। ସିଡୁ୍ୟଲ୍ ଏଚ୍, ସିଡୁ୍ୟଲ୍ ଏଚ୍୧ ଓ ସିଡୁ୍ୟଲ ଏକ୍ସରେ ଥିବା ଔଷଧଗୁଡିକର ବିଜ୍ଞାପନ କରିବା ପୂର୍ବରୁ ସରକାରଙ୍କ ଅନୁମତି ନେବା ଲାଗି ଡ୍ରଗ୍ସ ନିୟମ ୧୯୪୫ରେ ସଂଶୋଧନ କରାଯାଇଛି। ଔଷଧର ବିକ୍ରି ଓ ବିତରଣ ପାଇଁ ଲାଇସେନ୍ସ ହାସଲ କରିଥିବା ସଂସ୍ଥା ଏହି ଅନୁମୋଦନ ହାସଲ କରିବେ। ଗତ ସେପ୍ଟେମ୍ବର ୨୮ରେ ଏହି ଆଇନର ଚିଠା ଜାରି କରାଯାଇଛି। ପୂର୍ବରୁ ପ୍ରଚଳନରେ ଥିବା ନିୟମ ଅନୁସାରେ କେବଳ ଔଷଧ ନିର୍ମାତାମାନଙ୍କୁ ବିନା ଅନୁମତିରେ ପ୍ରେସକ୍ରିପ୍ସନ ଔଷଧର ବିଜ୍ଞାପନ କରିବାକୁ ବାରଣ କରାଯାଇଥିଲା। କିନ୍ତୁ ସଂଶୋଧିତ ନିୟମରେ ଖୁଚୁରା ଓ ପାଇକାରୀ ବିକ୍ରି ଓ ଔଷଧ ବିତରଣ ସହ ଜଡିତ ସଂସ୍ଥାଗୁଡିକୁ ମଧ୍ୟ ଏଥିପାଇଁ ବାରଣ କରାଯାଇଛି। ଔଷଧ ଯୋଗାଣ ଶୃଙ୍ଖଳ ଉପରେ ସରକାରୀ ନିରୀକ୍ଷଣକୁ ସୁଦୃଢ଼ କରିବା ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ଆଣ୍ଟିବାୟୋଟିକ୍, ସାଇକୋଟ୍ରୋପିକ୍ ଓ ଅନ୍ୟାନ୍ୟ ପ୍ରେସକ୍ରିପ୍ସନ ଆଧାରିତ ଔଷଧକୁ ସାମିଲ କରାଯାଇଛି।ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡ (ଡିଟିଏବି)ର ୯୩ତମ ବୈଠକରେ ଲାଇସେନ୍ସଧାରୀମାନଙ୍କ ଦ୍ୱାରା ଔଷଧର ବିକ୍ରି ଓ ବିତରଣ ଉପରେ ଉପଯୁକ୍ତ ନିୟନ୍ତ୍ରଣ ରଖିବାକୁ ଆଲୋଚନା ହୋଇଥିଲା। ସେହି ବୈଠକରେ ବିଜ୍ଞାପନ ବ୍ୟବସ୍ଥା କଡାକଡି କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହାପରେ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି ଓ ତାହା ଉପରେ ଜନ ସାଧାରଣଙ୍କ ମତାମତ ଆହ୍ୱାନ କରାଯାଇଛି। ସେଥିପାଇଁ ୩୦ ଦିନ ସମୟ ଦିଆଯାଇଛି। ଚୂଡାନ୍ତ ନିୟମ ପ୍ରସ୍ତୁତ ବେଳେ ସେହି ପ୍ରସ୍ତାବଗୁଡିକୁ ବିଚାରକୁ ନିଆଯିବ।











# ହିମାଳୟ ବେବିକେୟାର୍ ଗୋଲ୍‌ଡେନ ଗିଫ୍ଟ ପ୍ୟାକ୍ ପ୍ରତିଯୋଗିତାର ବିଜେତା ଘୋଷଣା

**ମୁମ୍ବାଇ, ୯।୧୦ (ନି.ପ୍ର) :** ଡାକ୍ତର ସୁପାରିଶ କରୁଥିବା ୧ ନମ୍ବର ବ୍ରାଣ୍ଡ୍ ହିମାଳୟ ବେବିକେୟାର୍ ତାହାର ଗୋଲ୍‌ଡେନ ଗିଫ୍ଟ ପ୍ୟାକ୍ ପ୍ରତିଯୋଗିତାର ବିଜେତାଙ୍କ ସମ୍ପର୍କରେ ଘୋଷଣା କରିଛି। ସେହି ପ୍ରୟାସରେ ପିତା ମାତାମାନଙ୍କୁ ସେମାନଙ୍କ ଶିଶୁ ସନ୍ତାନ ସହିତ ବହୁମୂଲ୍ୟ ମୁହୂର୍ତ୍ତଗୁଡିକୁ ନେଇ ଖୁସି ମନାଇବା ଏବଂ ସହଭାଗୀତା କରିବାକୁ ଆମନ୍ତ୍ରଣ କରାଯାଇଥିଲା। ପ୍ରତିଯୋଗିତାରେ ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ଭାରତରୁ ୧୨ଜଣ ବିଜେତା ହୋଇଥିଲେ ଏବଂ ଚାରିଜଣ ବିଜେତା ପ୍ରତ୍ୟେକ ୧ ଲକ୍ଷ ଟଙ୍କା ମୂଲ୍ୟର ସୁନା ପାଇବାବେଳେ ଆଠଜଣ ବିଜେତା ପ୍ରତ୍ୟେକ ୧୦ ହଜାର ଟଙ୍କା ମୂଲ୍ୟର ସିଲ୍‌ଭର ଭାଉଚର ପାଇଛନ୍ତି, ଯାହାକ ତନିସ୍କ ଅଥବା କଲ୍ୟାଣ କଏନ୍ (ମୁଦ୍ରା)ରେ ବଦଳାଇ ହେବ।

ହିମାଳୟ ବେବି ଗୋଲ୍‌ଡେନ ଗିଫ୍ଟ ପ୍ୟାକ୍ ଶୁଭ ଆରମ୍ଭ ନିମନ୍ତେ ଏକ ସ୍ୱତନ୍ତ୍ର ଗୋଲ୍ଡ-ଏଡିସନ ଗିଫ୍ଟ ପ୍ୟାକ୍ (ଉପହାର ପ୍ୟାକ୍) ଆକାରରେ ଆରମ୍ଭ କରାଯାଇଥିଲା ଏବଂ ଏହା ଗ୍ରାହକମାନଙ୍କୁ ହିମାଳୟ ଗୋଲ୍‌ଡେନ ମୋମେଣ୍ଟସ୍ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବାକୁ ସୁଯୋଗ ପ୍ରଦାନ କରିଥିଲା।




ଏଥିରେ ଅଂଶଗ୍ରହଣ କରିବାକୁ ଗ୍ରାହକମାନଙ୍କୁ ଏକ ସ୍ୱତନ୍ତ୍ର କୋଡ୍ ଜାଣିବା, କ୍ୟୁଆର କୋଡ୍ ସ୍କାନ୍ କରିବା ଏବଂ ସେମାନଙ୍କ ଶିଶୁ ସହିତ ମୂଲ୍ୟବାନ ସ୍ମୃତିକୁ ଅପଲୋଡ କରିବା ପାଇଁ ପ୍ୟାକ୍ ଭିତରେ ଥିବା ଲିଫ୍‌ଲେଟକୁ ସ୍କ୍ରାଚ୍ କରିବା ଆବଶ୍ୟକ ହୋଇଥିଲା।

ଉକ୍ତ ପ୍ରୟାସ ମଧ୍ୟ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ପାଇଁ ୫୦୦ ଟଙ୍କା ମୂଲ୍ୟର ଏକ ମାଗଣା ମାଇଁ ବେବି ଆଣ୍ଡ୍ ମି ଇ-ବୁକ୍ ଆକାରରେ ନିଶ୍ଚିତ ପୁରସ୍କାର ରଖାଯାଇଥିଲା। ଏହି ପ୍ରତିଯୋଗିତାରେ ପିତା ମାତା ଓ ପରିବାରଗୁଡିକୁ ସେମାନଙ୍କର ଶିଶୁମାନଙ୍କ ସହିତ ସ୍ୱତନ୍ତ୍ର ସ୍ମୃତିଗୁଡିକର ପାଳନକୁ ନେଇ ଏକ ସହଜ ଡିଜିଟାଲ ଭିତ୍ତିକ ନିୟୋଜନତା ଜରିଆରେ ଏକତ୍ରିତ କରିଥିଲା। ବିଜେତାମାନଙ୍କ ମଧ୍ୟରେ ଚାରିଜଣ ସ୍ୱର୍ଣ୍ଣ ପୁରସ୍କାର (ଗୋଲ୍ଡ ପ୍ରାଇଜ୍) ଗ୍ରହଣକାରୀ ଏବଂ ଆଠଜଣ ରୌପ୍ୟ ପୁରସ୍କାର ଗ୍ରହଣକାରୀ ରହିଥିଲେ, ଯେଉଁମାନେ ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ଘୋଷଣାର ଅଂଶଭାବରେ ସ୍ଥାନ ପାଇଥିବା ପାଞ୍ଚଜଣ ବିଜେତା ହେଉଛନ୍ତି ବିନୋଥିନୀ ଲିଓ, ସୁଶ୍ରୀ ସଙ୍ଗୀତା ବେଉରା, ଜୟନ୍ତୀ ଦେବୀ, ଡେଭିଡ ରାଜ ଦେବରକୋଣ୍ଡା ଏବଂ ସରଫରାଜ୍ ଅହମଦ।

# ଇନ୍ଦ୍ରିୟା ପକ୍ଷରୁ ଦୀପାବଳି ଅଭିଯାନ 'ଫେଷ୍ଟିଭାଲ ଅଫ୍ ଲଭ୍' ଉନ୍ମୋଚିତ

**ମୁମ୍ବାଇ,୯।୧୦ (ନି.ପ୍ର):** ଦୀପାବଳି ବର୍ଷର ସେହି କେତେକ ଦିନ ମଧ୍ୟରୁ ଗୋଟିଏ, ଯେତେବେଳେ ଆମେ ଆମର ପ୍ରିୟଜନଙ୍କ ପାଇଁ ଖୁସି ସୃଷ୍ଟି କରିବାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଦେଉ। ଘର ସଜାଇବା ଏବଂ ପୂଜାପାଠ ପ୍ରସ୍ତୁତିଠାରୁ ଆରମ୍ଭ କରି ଉପହାର ବାଛିବା ଏବଂ ପରିବାର ଓ ବନ୍ଧୁମାନଙ୍କୁ ସ୍ୱାଗତ କରିବା ପର୍ଯ୍ୟନ୍ତ, ପ୍ରତ୍ୟେକଟି ଛୋଟ ଛୋଟ କଥା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତଥାପି ଏହି ଉତ୍ସବର ପରିବେଶ ମଧ୍ୟରେ, ଆମର ପ୍ରିୟଜନଙ୍କ ପ୍ରତି ଥିବା ସରଳ ପ୍ରେମର ଅଭିବ୍ୟକ୍ତ ଅନେକ ସମୟରେ ପଛରେ ରହିଯାଏ। ଇନ୍ଦ୍ରିୟାର 'ଆମ ଭିତରେ ଆମେ' ଦର୍ଶନ ଉପରେ ଆଧାରିତ 'ଫେଷ୍ଟିଭାଲ ଅଫ ଲଭ' ସେହି ସମ୍ପର୍କ ଏବଂ ଯୋଡ଼ିହେବାର ମୁହୂର୍ତ୍ତଗୁଡ଼ିକୁ ପାଳନ କରେ, ଯାହା ପ୍ରତ୍ୟେକ ଉତ୍ସବର ହୃଦୟରେ ଥାଏ। ଏହି ଦୀପାବଳିରେ, ଆଦିତ୍ୟ ବିର୍ଲା ଜୁଏଲାରୀର ଇନ୍ଦ୍ରିୟା, ଅଦିତି ରାଓ ହାଇଦରୀ ଏବଂ ସିଦ୍ଧାର୍ଥଙ୍କୁ ନେଇ ନିର୍ମିତ ଏହାର ସଦ୍ୟତମ ଅଭିଯାନ ମାଧ୍ୟମରେ ଏହି ଚିନ୍ତାଧାରାକୁ ଆହୁରି ଅଧିକ ଜୀବନ୍ତ କରିଛି। ଦୀପାବଳି ମହାଉତ୍ସବର ଏହି ଅଭିଯାନରେ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ଥିବା ସ୍ନେହ, ଆଦର ଏବଂ ନିବିଡ଼ତାକୁ ଏହା ଜୀବନ୍ତ ଭାବରେ ଉପସ୍ଥାପନ କରେ। ଅଦିତି ଏବଂ ସିଦ୍ଧାର୍ଥ ଦୀପାବଳି ପାଳନ ପାଇଁ ବନ୍ଧୁମାନଙ୍କୁ ସ୍ୱାଗତ କରିବାର ପ୍ରସ୍ତୁତି କରୁଥିବା ଏହାର ପୃଷ୍ଠଭୂମିରେ ଗଢ଼ାଯାଇଥିବା ଏହି ଚଳଚ୍ଚିତ୍ରଟି, ଉତ୍ସବର ବ୍ୟସ୍ତତା ମଧ୍ୟରେ ଅନେକ ସମୟରେ ହଜିଯାଉଥିବା ସହଜ ମଉଜମଜଲିସ ଏବଂ ଏକାଠି ହେବାର ଆକୁଳତାକୁ ବାନ୍ଧି ଧରି ରଖିଛି। ସନ୍ଦୀପ କୋହଲି, ସିଇଓ, ଇନ୍ଦ୍ରିୟା, କହିଛନ୍ତି, 'ଉତ୍ସବ, ଉପହାର ଦେବା ଏବଂ ଶୁଭ ଦିନଗୁଡ଼ିକରେ କ୍ରୟର ନିର'ର ପରମ୍ପରା ଦ୍ୱାରା ପ୍ରଭାବିତ ହୋଇ, ଗହଣା ଶିଳ୍ପ ପାଇଁ ପାର୍ବଣର ଯେ କୌଣସି ସମୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇ ରହିଛି। ସମଗ୍ର ଭାରତରେ ଇନ୍ଦ୍ରିୟା ଏହାର ଉପସ୍ଥିତି ବିସ୍ତାର କରିବା ଅବ୍ୟାହତ ରଖିଥିବା




ବେଳେ ଗ୍ରାହକମାନେ ଆଜିକାଲି କିପରି ଉତ୍ସବ ପାଳନ କରୁଛନ୍ତି ତାହା ସହିତ ମେଳ ଖାଉଥିବା କାହାଣୀ ମାଧ୍ୟମରେ ସେମାନଙ୍କ ସହ ଗଭୀର ଭାବାନାତ୍ମକ ସମ୍ପର୍କ ଯୋଡ଼ିବା ପାଇଁ ଆମେ ଏହାକୁ ଏକ ସୁଯୋଗ ଭାବରେ ଦେଖୁଛୁ। 'ଫେଷ୍ଟିଭାଲ ଅଫ ଲଭ' ସହିତ, ଆମେ ସେହି ସମ୍ପର୍କ ଏବଂ ମୁହର୍ତଗୁଡ଼ିକୁ ସମ୍ମୁଖକୁ ଆଣିବାକୁ ଚାହୁଁଥିଲୁ ଯାହା ପାର୍ବଣ ସମୟକୁ ଅର୍ଥପୂର୍ଣ୍ଣ କରିଥାଏ। ଶାନ୍ତିସ୍ୱରୂପ ପଣ୍ଡା, ମୁଖ୍ୟ ଇନ୍ଦ୍ରିୟା ମାର୍କେଟିଂ ଏବଂ ଭିଜୁଆଲ ମର୍ଚ୍ଚେଣ୍ଡାଇଜିଂ, କହିଛନ୍ତି, 'ଫେଷ୍ଟିଭାଲ ଅଫ ଲଭ' ଆମର 'ଅସ ଇନ ୱି' ଦର୍ଶନର ଏକ ସ୍ୱାଭାବିକ ବିସ୍ତାର ଅଟେ, ଯାହା ଆମ ଜୀବନକୁ ଅର୍ଥପୂର୍ଣ୍ଣ କରୁଥିବା ସମ୍ପର୍କଗୁଡ଼ିକୁ ଉତ୍ସବ ଭାବରେ ପାଳନ କରେ। ଏହି ଦୀପାବଳିରେ ଆମେ ପର୍ବର ବଡ଼ ଆଡ଼ମ୍ବରରୁ ଆଗକୁ ବଢ଼ି ସେହି ଆତ୍ମୀୟତା ଏବଂ ସମ୍ପର୍କର ମୁହୂର୍ତଗୁଡ଼ିକ ଉପରେ ଧ୍ୟାନ ଦେବାକୁ ଚାହୁଁଥିଲୁ, ଯାହା ପ୍ରାୟତଃ ଶାନ୍ତ ଭାବରେ ଏହା ଭିତରେ ପ୍ରକାଶ ପାଏ। ଅଦିତି ଏବଂ ସିଦ୍ଧାର୍ଥ ଏହି ଭାବନାକୁ ଅତି ସହଜରେ ଜୀବନ୍ତ କରି ତୋଳିଛନ୍ତି।

ଏହି ଅଭିଯାନର ପରିକଳ୍ପନା ସମ୍ପର୍କରେ ତନୁଜା ଭଟ୍ଟ, ମୁଖ୍ୟ, ଓଗିଲିଭି ୱେଷ୍ଟର ବିୟୁଟି ଆଣ୍ଡ ଲକ୍ସରି କଲେକ୍ଟିଭର ସିନିୟର ଏକ୍ସକ୍ୟୁଟିଭ କ୍ରିଏଟିଭ ନିର୍ଦ୍ଦେଶକ ତଥା କ୍ରିଏଟିଭ କହିଛନ୍ତି, ଦୀପାବଳି ଏକାଠି ହେବାର ଏକ ପର୍ବ ହୋଇଥିବା ବେଳେ, ଏହା ନିଜର ପ୍ରିୟଜନଙ୍କ ସହ କିଛି ଛୋଟ ଛୋଟ ମୁହୂର୍ତ ବିତାଇବାର ଅବସର ମଧ୍ୟ ଦେଇଥାଏ। 'ଫେଷ୍ଟିଭାଲ ଅଫ ଲଭ' ସହିତ, ଆମେ ଉତ୍ସବର ବାହ୍ୟ ଆଡ଼ମ୍ବରରୁ ଆଗକୁ ବଢ଼ି ଏହା ଭିତରେ ଥିବା ଆତ୍ମୀୟତାକୁ ଅନୁସନ୍ଧାନ କରିବାକୁ ଚାହୁଁଥିଲୁ। ଆମେ ଏକ ଦମ୍ପତିଙ୍କ ମାଧ୍ୟମରେ ଏହାକୁ କହିବାକୁ ବାଛିଲୁ ଏବଂ ଏକ ସମ୍ପର୍କକୁ ପ୍ରଦର୍ଶିତ କଲୁ ଯାହା ସହଜ କଥାବାର୍ତା, ଛୋଟ ଛୋଟ ସଂକେତ ଏବଂ ପ୍ରେମର ଅପ୍ରତ୍ୟାଶିତ ମୁହୂର୍ତଗୁଡ଼ିକ ସହିତ ଜୀବନ୍ତ ମନେ ହୁଏ।

# ଗଞ୍ଜାମରେ ଟିପିଏସ୍‌ଓଡିଏଲ୍‌ର ମେଗା 'ସେବା ସେତୁ' କ୍ୟାମ୍ପ

**ବ୍ରହ୍ମପୁର,୯।୧୦ (ନି.ପ୍ର) :** ରୁଫଟପ୍ ସୋଲାର ସମ୍ପର୍କିତ ସୂଚନା ଓ ସୁବିଧାକୁ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ମାସବ୍ୟାପୀ 'ସେବା ସଙ୍କଳ୍ପ ଅଭିଯାନ'ର ଅଂଶ ଭାବେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ) ପକ୍ଷରୁ ଗାମ ଜିଲ୍ଲା ଛତ୍ରପୁରସ୍ଥିତ ଡିଆଁଡିଏର ରଷିକୁଲ୍ୟା ସମ୍ମିଳନୀ କକ୍ଷରେ ଏକ ବୃହତ୍ 'ସେବା ସେତୁ' ଶିବିର ଆୟୋଜନ କରାଯାଇଛି। ପିଏମ୍ ସୂର୍ଯ୍ୟ ଘର: ମୁଫତ ବିଜୁଳି ଯୋଜନା ଏବଂ ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ୟୁଏଲ୍ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସମ୍ପର୍କରେ ସଚେତନତା ବଢ଼ାଇବା, ଉପଭୋକ୍ତାଙ୍କୁ ସହାୟତା ଯୋଗାଇବା ଏବଂ ରୁଫଟପ୍ ସୋଲାର ଗ୍ରହଣକୁ ତ୍ୱରାନ୍ୱିତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଶିବିରରେ ଶ୍ରୀ କୃଷ୍ଣ ଚନ୍ଦ୍ର



ନାୟକ,ମାନ୍ୟବର ବିଧାୟକ,ଛତ୍ରପୁର ଏବଂ ଶ୍ରୀ କୀର୍ତ୍ତି ଭାସନ୍ ଭି., ଆଇଏଏସ୍, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଗାମ ଯୋଗଦେଇଥିଲେ। ଉପଭୋକ୍ତାଙ୍କ ନିକଟରେ ସୂଚନା, ସହାୟତା ଓ ରୁଫ୍ ଟପ୍ ସୋଲାର ସମ୍ପର୍କିତ ସମସ୍ତ ତଥ୍ୟ ପହଞ୍ଚାଇବା ପାଇଁ ଏଭଳି ପଦକ୍ଷେପକୁ ସେମାନେ ପ୍ରଶଂସା କରିଥିଲେ। ଏହା ସହିତ ଏମ୍‌ଏନ୍‌ଆଇର ବୈଜ୍ଞାନିକ ଶ୍ରୀ ହିରେନ୍ ଚନ୍ଦ୍ର ବୋରା, ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ସାଇଦତ୍ତ ବିପ୍ଳବ ପ୍ରଧାନ ଆଭାଷୀ ମାଧ୍ୟମରେ ଯୋଗ ଦେଇଥିଲେ। ଏଥିସହିତ ଆରଇସିର ସିପିଏମ୍ ଶ୍ରୀ ଏ. ଶ୍ୟାମାପ୍ରସାଦ ରାଓ ମଧ୍ଯ ଶିବିରରେ ଉପସ୍ଥିତ ଥିଲେ। ଉପଭୋକ୍ତାଙ୍କୁ ଗୋଟିଏ ସ୍ଥାନରେ ସମସ୍ତ ପ୍ରକାର ସୂଚନା ଓ ସହାୟତା ଯୋଗାଇବା ପାଇଁ ଏହି ଶିବିରକୁ ଏକ 'ସିଙ୍ଗଲ୍ ୱିଣ୍ଡୋ' ସୁବିଧା କେନ୍ଦ୍ର ଭାବେ ଆୟୋଜନ କରାଯାଇଥିଲା। ଏଠାରେ ବ୍ୟାଙ୍କ ଅଧିକାରୀ, ଆରଇସିର ପ୍ରତିନିଧି, ତାଲିକାଭୁକ୍ତ ସୋଲାର ଭେଣ୍ଡର ଏବଂ ଟିପିଏସ୍‌ଓଡିଏଲ୍‌ର ଟିମ୍ ଏକାଠି ହୋଇ ଉପଭୋକ୍ତାଙ୍କୁ ରୁଫଟପ୍ ସୋଲାର ସମ୍ପର୍କିତ ବିଭିନ୍ନ ବିଷୟରେ ସହାୟତା ପ୍ରଦାନ କରିଥିଲେ। ଏଥିରେ ଯୋଜନାର ସୁବିଧା, ଯୋଗ୍ୟତା, ସରକାରୀ ସବସିଡି, ଋଣ ଓ ଅର୍ଥ ଯୋଗାଣ ବ୍ୟବସ୍ଥା, ସୋଲାର ଭେଣ୍ଡର ଚୟନ, ଆବଶ୍ୟକ କାଗଜପତ୍ର, ସ୍ଥାପନ ଏବଂ ଆବେଦନ ପ୍ରକ୍ରିୟା ଭଳି ବିଭିନ୍ନ ବିଷୟରେ ଉପଭୋକ୍ତାଙ୍କୁ ଜଣାଯାଇଛି।

ଏହି ବୃହତ୍ ଶିବିରରେ ଗାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଉପଭୋକ୍ତା ଯୋଗଦେଇଥିଲେ। ଗୋଟିଏ ଦିନରେ ୨୮୦ ଜଣ ଉପଭୋକ୍ତା ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଏବଂ ୟୁଏଲ୍ଏ ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ପାଇଁ ପଞ୍ଜୀକରଣ କରିଥିଲେ। ଏହି ଉତ୍ସାହଜନକ ପ୍ରତିକ୍ରିୟା ଘରୋଇ ଉପଭୋକ୍ତାଙ୍କ ମଧ୍ୟରେ ସ୍ୱଚ୍ଛ ଶକ୍ତି ପ୍ରତି ବଢୁଥିବା ଆଗ୍ରହକୁ ପ୍ରତିଫଳିତ କରୁଛି। ରୁଫଟପ୍ ସୋଲାର ଗ୍ରହଣ ଦ୍ୱାରା ଉପଭୋକ୍ତାମାନେ ସ୍ୱଚ୍ଛ ଶକ୍ତି ବ୍ୟବହାର କରିବା ସହ ପାରମ୍ପରିକ ବିଦ୍ୟୁତ ଉପରେ ନିଜର ନିର୍ଭରଶୀଳତା କମାଇପାରିବେ।

# 'ସ୍ପ୍ରାଇଟ ଟ୍ରୁଥ ଆଣ୍ଡ ସ୍ପାଇସ' ସହ ସ୍ପ୍ରାଇଟ ଉତ୍ସାହକୁ ବଢ଼ାଇଲା

**ନୂଆଦିଲ୍ଲୀ, ୯।୧୦ (ନି.ପ୍ର):** କୋକା-କୋଲା କମ୍ପାନୀର ବିଲିୟନ-ଡ଼ଲାର ମୂଲ୍ୟର ଲେମ୍ବୁ-ସୋଡ଼ାର ସ୍ୱାଦଯୁକ୍ତ ପାନୀୟ ବ୍ରାଣ୍ଡ ସ୍ପ୍ରାଇଟ, 'ସ୍ପ୍ରାଇଟ ଟ୍ରୁଥ ଆଣ୍ଡ ସ୍ପାଇସ'ର ଶୁଭାରମ୍ଭ ବିଷୟରେ ଆଜି ଘୋଷଣା କରିଛି- ଯାହାକି ଆଠଟି-ଅଧ୍ୟାୟ ବିଶିଷ୍ଟ ଏକ ଡ଼ିଜିଟାଲ ମନୋରନ ଶୃଙ୍ଖଳ, ଯାହା ଭାରତୀୟ ମାନଙ୍କର ରାଗ / ମସଲାଯୁକ୍ତ ଖାଦ୍ୟ ପ୍ରତି ଭଲ ପାଇବା ଏବଂ ମନଖୋଲା କଥାବାର୍ତ୍ତା ଉପରେ ଏହା ଆଧାରିତ। ଆଜିର ଡ଼ିଜିଟାଲ ଫ୍ରେଣ୍ଡଲି ଦର୍ଶକଙ୍କ ପାଇଁ ପ୍ରସ୍ତୁତ ଏହି ଶୃଙ୍ଖଳରେ ବିଭିନ୍ନ ସେଲିବ୍ରିଟିମାନେ ଯୋଡ଼ି ହୋଇ ମଜାଦାର ଆହ୍ୱାନ, ଖୋଲାଖୋଲି ଆଲୋଚ୍ନା ଏବଂ ଅପ୍ରତ୍ୟାଶିତ ମୁହୂର୍ତ୍ତ ଗୁଡ଼ିକ ମାଧ୍ୟମରେ ପ୍ରସିଦ୍ଧ ମସଲାଯୁକ୍ତ ଖାଦ୍ୟର ମଜା ନେଉଥିବାର ଦେଖିବାକୁ ମିଳିବ, ଯାହା ସାଧାରଣ ମସଲାଯୁକ୍ତ ଅନୁଭୂତିକୁ ଏକ ନୂଆ ପପ୍ ସଂସ୍କୃତିର ଆକାର ଦେଉଛୁ। ଏହି ଶୃଙ୍ଖଳରେ ବିଭିନ୍ନ କ୍ଷେତ୍ରର ପ୍ରସିଦ୍ଧ ବ୍ୟକ୍ତିବିଶେଷମାନେ ନଜରକୁ ଆସିବେ ଯେଉଁମାନଙ୍କ ମଧ୍ୟରେ ରହିଛନ୍ତି: ହାସ୍ୟାଭିନେତା ଆଦିତ୍ୟ କୁଲଶେଷ୍ଠ (କୁଲୁ) ଏବଂ ଯାତ୍ରା ସୃଷ୍ଟିକାରୀ ଲାରିସା ଡ଼ି'ସା; ଡ଼ିଜିଟାଲ କ୍ରିଏଟର ଶ୍ରେୟା କାଲରା (ଲକ ଅପ ଶୃଙ୍ଖଳ ଦୁଇର ବିଜେତା)ଙ୍କ ସହିତ ରିଷଭ ଜୈସ୍ୱାଲ; ଭାରତୀୟ କ୍ରିକେଟର ଅର୍ଶଦୀପ ସିଂହ ଏବଂ ସମରିନ୍ କୌର; ସଙ୍ଗୀତ ପ୍ରଯୋଜକ ତଥା




ସଙ୍ଗୀତକାର-ସଙ୍ଗୀତ ଲେଖକ ଗର୍ଭ ତାନେଜା ଏବଂ ନନ୍ଦିନୀ ନାୟଲ (ଗିନି); ଅଭିନେତା ଏବଂ ନୃତ୍ୟକାର ଶାନ୍ତନୁ ମାହେଶ୍ୱରୀ ଏବଂ ଶ୍ରୁତି ସିହ୍ନା; ବରୁଣ ସୁଦ୍ ଏବଂ ବିହାନ ସାମଟ୍; ଦୃଶ୍ୟମାନ ହାସ୍ୟାଭିନେତା ସ୍ୱାତୀ ସଚ୍‌ଦେବା ଏବଂ ଗୁରଲିନ୍ ପାନ୍ନୁ ଏବଂ ନୟନୀ ପାବନୀ ଓ ମେହବୁବ୍ ଦିଲ ସେ। ସ୍ପ୍ରାଇଟ ଟ୍ରୁଥ ଆଣ୍ଡ ସ୍ପାଇସର ଦୁଇଟି ଅଧ୍ୟାୟ ଟିଣ୍ଡରର ସହଭାଗୀତାରେ ପ୍ରସ୍ତୁତ କରାଯିବ ଯାହାକି ସମ୍ପର୍କ, କଥାବର୍ତ୍ତା ଏବଂ ମିଳାମିଶା ଅନୁଭୂତି ସମର୍ଥନ କରୁଥିବା ଏହି ଦୁଇଟି ବ୍ରାଣ୍ଡର ଏକତ୍ରିକରଣ ଶୃଙ୍ଖଳରେ ଏକ ନୂଆ ସାଂସ୍କୃତିକ ଛାପ ଛାଡ଼ିବା ସହିତ ଯୁବପିଢ଼ିଙ୍କ ସହ ସହଜରେ ଯୋଡ଼ି ହୋଇପାରିବ। ସୁମେଲି ଚଟାର୍ଜୀ, କ୍ୟାଟେଗୋରୀ ହେଡ୍ - ସ୍ପାର୍କଲିଙ୍ଗ ଫ୍ଲେଭର୍ସ, କୋକା-କୋଲା ଇଣ୍ଡିଆ ଆଣ୍ଡ ସାଉଥୱେଷ୍ଟ ଏସିଆ, କହିଛନ୍ତି, 'ସ୍ପ୍ରାଇଟର ଏହି ଆହ୍ୱାନଭରା ଲେମ୍ବୁ-ସୋଡ଼ା ସ୍ୱାଦ ସବୁବେଳେ ମସଲାଯୁକ୍ତ ଖାଦ୍ୟ ସହିତ ଖୁବ୍ ଭଲ ଭାବରେ ମେଳ ଖାଇଥାଏ। ଆଜିର ସମୟରେ ସ୍ପାଇସି କେବଳ ଏକ ସ୍ୱାଦ ନୁହେଁ; ଏହା ଏକ ସାମାଜିକ ଅନୁଭୂତି, ଏକ ଆହ୍ୱାନ ତଥା ଏକାଠି ହେବାର ଏକ ମାଧ୍ୟମ। ସେହି ଚିନ୍ତାଧାରାରୁ ସ୍ପ୍ରାଇଟ ଟ୍ରୁଥ ଆଣ୍ଡ ସ୍ପାଇସର ଜନ୍ମ, ଯାହା ଟ୍ରୁଥ-ଅର-ଡ଼େୟାର, ତାସ ଖେଳ ପ୍ରତି ଆମର ଭଲ ପାଇବା ଏବଂ ପ୍ରଚୁର ପରିମାଣର ମସଲାଯୁକ୍ତ ଖାଦ୍ୟ ଉପରେ ଆଧାରିତ। ଦର୍ଶକମାନେ ଏଥିରେ ଅଣ-ଅପମିଶ୍ରିତ ସତ୍ୟ, ଅପ୍ରତ୍ୟାଶିତ ସ୍ୱୀକାରୋକ୍ତି ଏବଂ ମଜାଦାର କେମେଷ୍ଟ୍ରି ଦେଖିବାକୁ ପାଇବେ।

# ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ର ନୂତନ ବ୍ରାଣ୍ଡ ପରିଚୟ ଏବଂ ଟ୍ୟାଗଲାଇନ

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ଆଇସିଆଇସିଆଇ ଲାଇଫ୍ ଇନ୍ସୁରାନ୍ସ ଲିମିଟେଡ୍, ଯାହାପୂର୍ବରୁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସୁରାନ୍ସ କମ୍ପାନୀ ଲିମିଟେଡ୍ ଭାବରେ ପରିଚିତ ଥିଲା, ଆଜି ଏହାର ନୂତନ ବ୍ରାଣ୍ଡ ପରିଚୟ ଏବଂ ଟ୍ୟାଗ୍ ଲାଇନ୍ 'ହର କଲ୍ ଆସାନ୍'ର ଘୋଷଣା କରିଛି। ଏହି ଟ୍ୟାଗ୍‌ଲାଇନ 'ହର୍ କଲ୍ ଆସାନ' ଜୀବନ ବୀମାକୁ ଭାରତୀୟ ଗ୍ରାହକଙ୍କ ପାଇଁ ସରଳ, ଅଧିକ ସ୍ୱଚ୍ଛ, ନମନୀୟ ଓ ସହଜ କରିବା ପ୍ରତି ବ୍ରାଣ୍ଡର ପ୍ରତିବଦ୍ଧତାକୁ ଧାରଣ କରିଛି। ନୂତନ ବ୍ରାଣ୍ଡ ପରିଚୟ ଏବଂ ଟ୍ୟାଗ୍‌ଲାଇନ୍ ଉପରେ ମତବ୍ୟକ୍ତକରି ଆଇସିଆଇସିଆଇ ଲାଇଫ୍ ଇନ୍ସୁରାନ୍ସ ଲିମିଟେଡର ମାର୍କେଟିଂ, ଡିଜିଟାଲ୍ ଏବଂ ବ୍ୟାଙ୍କଆସ୍ୟୁରାନ୍ସ ମୁଖ୍ୟ, ଶ୍ରୀ ଶ୍ରୀନିବାସ ବାଲାସୁବ୍ରମଣ୍ୟନ୍ କହିଛନ୍ତି, 'ଆଇସିଆଇସିଆଇ ନାମଟି କୋଟି କୋଟି ଭାରତୀୟଙ୍କ ଜୀବନରେ ଏକ ସ୍ଥାୟୀ ସ୍ଥାନ ଅଧିକାର କରିଛି, ଯାହା ବିଶ୍ୱାସ, ଶକ୍ତି ଏବଂ ଆର୍ଥିକ ସୁବିଧାର ପ୍ରତୀକ ଭାବରେ କାର୍ଯ୍ୟ କରୁଛି। ଗତ ୨୫ ବର୍ଷ ମଧ୍ୟରେ, ଆମେ ୨୦ କୋଟିରୁ ଅଧିକ ଭାରତୀୟଙ୍କ ସ୍ୱପ୍ନ




ଏବଂ ଭବିଷ୍ୟତକୁ ସୁରକ୍ଷିତ କରିବାରେ ସାହାଯ୍ୟ କରିବାର ସୌଭାଗ୍ୟ ଲାଭ କରିଛୁ। ଏହି ଯାତ୍ରା ସମୟରେ, ଆମେ ଭାରତର ଅବିଶ୍ୱସନୀୟ ଅଭିବୃଦ୍ଧି ଏବଂ ଏହାର ଲୋକଙ୍କ ଆଶା ଆକାଂକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତନ ଦେଖିବାକୁ ପାଇଛୁ। ଆଇସିଆଇସିଆଇ ଲାଇଫ୍ ଇନ୍ସୁରାନ୍ସରେ, ଆମେ ଦୃଢ଼ ଭାବରେ ବିଶ୍ୱାସ କରୁଯେ ଆଗାମୀ କାଲି ପାଇଁ ପ୍ରସ୍ତୁତି ଜୀବନରେ ଜଟିଳତା ବଢାଇବା ପରିବର୍ତେ ସ୍ୱଷ୍ଟତା, ଆତ୍ମବିଶ୍ୱାସ ଏବଂ ମାନସିକ ଶାନ୍ତି ଆଣିବା ଉଚିତ୍। ଆମର ନୂତନ ବ୍ରାଣ୍ଡ ପରିଚୟ କେବଳ ନାମ ପରିବର୍ତନଠାରୁ ଯଥେଷ୍ଟ ଅଧିକ ଅଟେ। ଏହା ଜଣେ ବ୍ୟକ୍ତିଙ୍କର ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିବାର ଅଭିଜ୍ଞତାକୁ ଅଧିକ ସରଳ, ସ୍ୱଚ୍ଛ, ନମନୀୟ ଓ ସହଜ କରିବା ପାଇଁ ଆମର ବ୍ୟାପକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଆମର ୨୫ ବର୍ଷର ଦୃଢ ଭିତିଭୂମି ଉପରେ ଆଧାର କରି, ଆମେ ଗ୍ରାହକଙ୍କ ପାଇଁ ପ୍ରାସଙ୍ଗିକତାକୁ ଗଭୀର କରିବା, ଶିଳ୍ପରେ ଉତ୍କର୍ଷତାର ନୂତନ ମାନଦଣ୍ଡ ସ୍ଥାପନ କରିବା ଏବଂ '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା'ର ଜାତୀୟ ଲକ୍ଷ୍ୟ ଦିଗରେ ସକ୍ରିୟ ଭାବରେ ଅବଦାନ ଜାରି ରଖିବୁ।

# ଜାୱା ୟେଜ୍‌ଦି ପକ୍ଷରୁ ସହଜ କ୍ରୟ ସୁବିଧା

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ଜାୱା ୟେଜ୍‌ଦି ମୋଟରସାଇକେଲ୍ସ ଉତ୍ସବ ଋତୁକୁ ଦୃଷ୍ଟିରେ ରଖି 'ଜାୱା ଅଲ୍ ଷ୍ଟାର୍ସ' ଶୃଙ୍ଖଳାକୁ ଆମାଜନ.ଇନ ଏବଂ ଫ୍ଲିପକାର୍ଟ ମାଧ୍ୟମରେ ଉପଲବ୍ଧ କରାଇଛି। ଏହି ଶୃଙ୍ଖଳାରେ ୪୨ ଏଫ୍‌ଜେ, ୪୨ ବବର ଏବଂ ୪୨ ଓଜି ରହିଛି। 'ଚରିତ୍ର, ଆଚରଣ ଓ ସାହସ'ର ଭାବନାକୁ ନେଇ ନିର୍ମିତ ଏହି ମୋଟରସାଇକେଲ୍‌ଗୁଡ଼ିକ ନିଜସ୍ୱ ନକ୍ସା, ଶୈଳୀ ଓ ଚାଳନା କ୍ଷମତା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ପଦକ୍ଷେପ ଦ୍ୱାରା ଗ୍ରାହକମାନେ ଘରେ ବସି ନିଜ ପସନ୍ଦର ମୋଟରସାଇକେଲ୍ ବାଛି କିଣିବାର ସୁବିଧା ପାଇପାରିବେ।




କ୍ଲାସିକ୍ ଲେଜେଣ୍ଡସ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ଜାୱା ସର୍ବଦା ନିଜ ପରିଚୟ ଓ ପସନ୍ଦ ପ୍ରତି ସ୍ପଷ୍ଟ ଥିବା ଚାଳକମାନଙ୍କୁ ଆକର୍ଷିତ କରିଆସିଛି। 'ଜାୱା ଅଲ୍ ଷ୍ଟାର୍ସ' ଏହି ମନୋଭାବର ପ୍ରତିଫଳନ। ତିନୋଟି ମୋଟରସାଇକେଲ୍ ନିଜ ନିଜ ଢଙ୍ଗରେ ଚରିତ୍ର, ଆଚରଣ ଓ ସାହସକୁ ପ୍ରକାଶ କରୁଛି। ଉତ୍ସବ ଋତୁରେ ଏହି ଶୃଙ୍ଖଳାକୁ ନେଇ ଚାଳକମାନଙ୍କ ଆଗ୍ରହ ବଢ଼ିଛି। ଅନ୍‌ଲାଇନ୍‌ରେ ଏହାକୁ ଉପଲବ୍ଧ କରାଇବା ଦ୍ୱାରା ଗ୍ରାହକଙ୍କ ପାଇଁ କିଣିବା ପ୍ରକ୍ରିୟା ଆହୁରି ସହଜ ହୋଇଛି। ଜାୱା ୟେଜ୍‌ଦିର ୪୫୦ରୁ ଅଧିକ ବିକ୍ରୟ କେନ୍ଦ୍ର ସହିତ ଏହି ସୁବିଧା ଗ୍ରାହକଙ୍କୁ ଅଧିକ ବିକଳ୍ପ ଦେଉଛି। ଅନ୍‌ଲାଇନ୍‌ରେ ମୋଟରସାଇକେଲ୍ ବାଛି ପ୍ରାରମ୍ଭିକ ମୂଲ୍ୟ ପୈଠ କରିବା ପରେ ନିକଟସ୍ଥ ଅଧିକୃତ ବିକ୍ରୟ କେନ୍ଦ୍ର ଅବଶିଷ୍ଟ ଟଙ୍କା ପୈଠ, କାଗଜପତ୍ର, ପଞ୍ଜୀକରଣ ଓ ବୀମା ପ୍ରକ୍ରିୟାରେ ସହାୟତା କରିବ। ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଗ୍ରାହକ ନିଜ ନିକଟସ୍ଥ ଜାୱା ୟେଜ୍‌ଦି ବିକ୍ରୟ କେନ୍ଦ୍ରରୁ ମୋଟରସାଇକେଲ୍ ଗ୍ରହଣ କରିପାରିବେ।

# ନୂଆ ଋଣଗ୍ରହିତାଙ୍କୁ ସଂଗଠିତ ଋଣ ସହ ଯୋଡ଼ିବାରେ ଏନବିଏଫସିର ଅବଦାନ ୫୦%: ଏଫଆଇଡିସି ଓ ଟ୍ରାନ୍ସୟୁନିୟନ ସିବିଲ ରିପୋର୍ଟ

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ଭାରତରେ ସାଧାରଣ ଲୋକଙ୍କୁ ଆନୁଷ୍ଠାନିକ ବା ସଂଗଠିତ କ୍ଷେତ୍ର ଋଣ ବ୍ୟବସ୍ଥା ସହ ଯୋଡ଼ିବାରେ ଗ୍ରାମୀଣ ଓ ଅର୍ଦ୍ଧସହରାଞ୍ଚଳରେ ଅଣ ବ୍ୟାଙ୍କିଂ ଆର୍ଥିକ ଅନୁଷ୍ଠାନ (ଏନବିଏଫସି)ଗୁଡ଼ିକ ଏକ ପ୍ରମୁଖ ମାଧ୍ୟମ ଭାବରେ ଉଭା ହୋଇଛନ୍ତି। ଜୁନ ୨୦୨୬ ସୁଦ୍ଧା ପ୍ରଥମ ଥର ଋଣ ନେଇଥିବା ଗ୍ରାହକଙ୍କ ମଧ୍ୟରୁ ପ୍ରାୟ ଅଧା (୪୭%) ଗ୍ରାହକ ଏନବିଏଫସି ମାଧ୍ୟମରେ ଋଣ ନେଇଛନ୍ତି। ଫାଇନାନ୍ସ ଇଣ୍ଡଷ୍ଟ୍ରି ଡେଭେଲପମେଂଟ କାଉନସିଲଏ (ଏଫଆଇଡିସି) ଏବଂ ଟ୍ରାନ୍ସୟୁନିଅନ୍ ସିବିଲ୍ ଦ୍ୱାରା ମିଳିତ ଭାବେ ପ୍ରକାଶିତ 'ଭାରତ ନିର୍ମାଣ: ଏନବିଏଫସିଫର୍ମି ଦି ଫାଉଣ୍ଡେସନ୍ ଅଫ୍ କ୍ରେଡିଟ୍ ଡିସପର୍ସନ' ରିପୋର୍ଟ ଅନୁଯାୟୀ ବର୍ତମାନ ଋଣ ପାଇବାକୁ ଯୋଗ୍ୟ ୩୬% ଗ୍ରାହକ ଏନବିଏଫସି ମାଧ୍ୟମରେ ଋଣ ନେଇଛନ୍ତି ଏବଂ ସକ୍ରିୟ ଋଣଗ୍ରହିତାଙ୍କ ମଧ୍ୟରୁ ୪୬% ଗ୍ରାହକଙ୍କ ପାଖରେ




ଏନବିଏଫସିର ଋଣ ରହିଛି। ଗତ ଦଶନ୍ଧି ମଧ୍ୟରେ ଏନବିଏଫସି କ୍ଷେତ୍ରର ନିରବଚ୍ଛିନ୍ନ ଅଭିବୃଦ୍ଧି ଘଟିଛି। ଏହାର ସକ୍ରିୟ ଋଣ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୭ ଗୁଣ ବୃଦ୍ଧି ପାଇଥିବା ବେଳେ ଖୁଚୁରା ଋଣ ଯୋଗାଣରେ ଏହାର ଅବଦାନ ୩୩%ରୁ ବୃଦ୍ଧି ପାଇ ୪୩%ରେ ପହଂଚିଛି। ତେବେ ୨୦୧୬ ଜୁନ୍ ରେ ନୂଆ ଋଣଗ୍ରହିତାଙ୍କ ଅବଦାନ ୨୮% ଥିବା ବେଳେ ୨୦୨୬ ଜୁନ୍ ରେ ତାହା ୧୬%କୁ ହ୍ରାସ ପାଇଛି। ପୂର୍ବରୁ ଋଣ ଇତିହାସ ଥିବା ଗ୍ରାହକମାନଙ୍କୁ ମଧ୍ୟ ଏନବିଏଫସିଗୁଡ଼ିକ ଅଧିକ ମାତ୍ରାରେ ସେବା ଯୋଗାଇ ଦେଉଥିବା ଏଥିରୁ ଜଣାପଡୁଛି। ସଂଖ୍ୟା ଦୃଷ୍ଟିରୁ ଖୁଚୁରା ଋଣର ୪୩% ଏନବିଏଫସି ଦ୍ୱାରା ପ୍ରଦାନ କରାଯାଉଥିବା ବେଳେ ମୂଲ୍ୟ ଦୃଷ୍ଟିରୁ ଏହା ୩୦% ରହିଛି। ଛୋଟ ଆକାରର ଋଣ ପ୍ରଦାନ କରି ଏନବିଏଫସିଗୁଡ଼ିକ ନିଜର ପରିସରକୁ ବ୍ୟାପକ କରିପାରିଛନ୍ତି। ଦୁଇ ଲକ୍ଷ ପର୍ଯ୍ୟନ୍ତ ଋଣଗୁଡ଼ିକ ମୋଟ ଖୁଚୁରା ଋଣର ୮୨% ହୋଇଥିବା ବେଳେ ଏହି ବର୍ଗରେ ଏନବିଏଫସିର ଅବଦାନ ୪୭% ରହିଛି ଯାହା ବ୍ୟାଙ୍କଗୁଡ଼ିକର (୧୭%) ତୁଳନାରେ ଯଥେଷ୍ଟ ଅଧିକ। ବଡ଼ ସହର ବାହାରେ ଅର୍ଦ୍ଧସହରାଞ୍ଚଳ ଓ ଗ୍ରାମୀଣ (ସୁରୁ) ବଜାରଗୁଡ଼ିକରେ ଏନବିଏଫସିର ଋଣ ଯୋଗାଣ ୫୮%ରୁ ଅଧିକ ରହିଛି। ୨୦୧୬ରୁ ୨୦୨୬ ମଧ୍ୟରେ ଏନବିଏଫସି ଋଣଗ୍ରହିତାଙ୍କ ମଧ୍ୟରେ ଗ୍ରାମୀଣ ଓ ଅର୍ଦ୍ଧସହରାଂଚଳ ଗ୍ରାହକଙ୍କ ଅଂଶ ୩୧%ରୁ ୫୯%କୁ ଏବଂ ମହିଳା ଋଣଗ୍ରହିତାଙ୍କ ଅଂଶ ୧୮%ରୁ ୨୭%କୁ ବୃଦ୍ଧି ପାଇଛି।

# ଭୂଭାଗରୁ ଆକାଶ ପର୍ଯ୍ୟନ୍ତ ଜିଓ, ୧,୬୦୦ ସାଟେଲାଇଟ୍ ଓ ୨୩ଟି ଗ୍ରାଉଣ୍ଡ ଷ୍ଟେସନ୍ ସହ କନେକ୍ଟିଭିଟିର ନୂଆ ଦିଗନ୍ତ

**ନୂଆଦିଲ୍ଲୀ, ୯।୧୦ (ନି.ପ୍ର) :** ଭୂଭାଗରେ ମୋବାଇଲ୍ ନେଟୱର୍କ ଓ ଫାଇବର୍ ପରେ ଏବେ ଜିଓର ଲକ୍ଷ୍ୟ ମହାକାଶ ଉପରେ। କମ୍ପାନୀ ପ୍ରାୟ ୧,୬୦୦ଟି ସାଟେଲାଇଟ୍‌କୁ ନେଇ ଏକ ପ୍ରସ୍ତାବିତ କନ୍‌ଷ୍ଟେଲେସନ୍ ଏବଂ ଭାରତରେ ୨୩ଟି ଗ୍ରାଉଣ୍ଡ ଷ୍ଟେସନ୍ ପ୍ରସ୍ତୁତ କରିବାର ଯୋଜନା ଉପରେ କାମ କରୁଛି। ଲକ୍ଷ୍ୟ ହେଉଛି ସେହି ସବୁ ଅଞ୍ଚଳକୁ କନେକ୍ଟିଭିଟି ପହଞ୍ଚାଇବା, ଯେଉଁଠାରେ ସ୍ଥଳଭିତ୍ତିକ ନେଟୱର୍କର ପହଞ୍ଚିବା କଷ୍ଟକର। ଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍ ୨୦୨୬ରେ ଜିଓ ଏହାର ସାଟେଲାଇଟ୍ ଭିଜନ୍ ପ୍ରଦର୍ଶିତ କରିଛି। ଜିଓ ଏହାକୁ 'ସୋଭରେନ୍ ସାଟେଲାଇଟ୍ କନେକ୍ଟିଭିଟି' ନାମ ଦେଇଛି। ଏହା ଅଧୀନରେ ପ୍ରାୟ ୧,୬୦୦ଟି ଲୋ ଆର୍ଥ ଅର୍ବିଟ୍ (ଏଲଇଓ) ସାଟେଲାଇଟକୁ ନେଇ ଏକ ପ୍ରସ୍ତାବିତ କନ୍‌ଷ୍ଟେଲେସନ୍ ପ୍ରଦର୍ଶିତ




କରାଯାଇଛି। ଡିଜାଇନ, ଇଞ୍ଜିନିୟରିଂ, ଇଣ୍ଟିଗ୍ରେସନ୍ ଓ ଟେଷ୍ଟିଂଠାରୁ ଆରମ୍ଭ କରି ଲଞ୍ଚ, ସ୍ଥାପନା ଓ ଅପରେସନ୍ ପର୍ଯ୍ୟନ୍ତ ସମଗ୍ର ଶୃଙ୍ଖଳା ଉପରେ ଭାରତରେ ନିୟନ୍ତ୍ରଣ ରଖିବା ହେଉଛି କମ୍ପାନୀର ଭିଜନ୍। ଏହି ଯୋଜନାରେ ପ୍ରସ୍ତାବିତ ୨୩ଟି ଗ୍ରାଉଣ୍ଡ ଷ୍ଟେସନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହି ଷ୍ଟେସନ୍‌ଗୁଡ଼ିକ ସାଟେଲାଇଟ୍ ନେଟୱର୍କକୁ ଭାରତର ଭୂଭାଗ ସହ ଯୋଡ଼ିବ। ଏଥିସହ ସାଟେଲାଇଟ୍ ନେଟୱର୍କ ଓ ଜିଓର ବର୍ତ୍ତମାନର ସ୍ଥଳଭିତ୍ତିକ ନେଟୱର୍କକୁ ଏକାଠି ଯୋଡ଼ିବାର ଯୋଜନା ରହିଛି। ଜିଓର ଡିସ୍‌ପ୍ଲେରେ ଶତ ପ୍ରତିଶତ ଭୂଭାଗ ଓ ସାମୁଦ୍ରିକ ଅଞ୍ଚଳର କଭରେଜ୍ ସହ ୬ ଲକ୍ଷରୁ ଅଧିକ ଗାଁରେ ପହଞ୍ଚିବାର ଭିଜନ୍ ପ୍ରଦର୍ଶିତ ହୋଇଛି। ଦୁର୍ଗମ ଗାଁ, ଦ୍ୱୀପାଞ୍ଚଳ ଓ ସୀମାନ୍ତ ଅଞ୍ଚଳର ଆଉଟପୋଷ୍ଟଗୁଡ଼ିକ ଏହାର ପ୍ରମୁଖ ଫୋକସରେ ରହିଛି। ଏହା ବ୍ୟତୀତ ଏଣ୍ଟରପ୍ରାଇଜ୍, ରିମୋଟ୍ ସାଇଟ୍, ଏଭିଏସନ୍, ମାରିଟାଇମ୍, ସରକାରୀ ବିଭାଗ ଓ ସଂସ୍ଥା, ପ୍ରତିରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାରର ସମ୍ଭାବନା ଦର୍ଶାଯାଇଛି। ଗ୍ରାମାଞ୍ଚଳ ପାଇଁ ଡାଇରେକ୍ଟ-ଟୁ-ଡିଭାଇସ୍ କଲିଂର ମଧ୍ୟ ଉଲ୍ଲେଖ ରହିଛି। ଏଥର ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍‌ର ଥିମ୍ ହେଉଛି 'ସ୍କେଲ୍ ୱିଦାଉଟ୍ ବାଉଣ୍ଡ୍ରିଜ୍'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଆଇଏମ୍‌ସିର ୧୦ମ ସଂସ୍କରଣର ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ଥିମ୍ ପାରମ୍ପରିକ ସୀମାକୁ ଅତିକ୍ରମ କରି ଟେକ୍ନୋଲୋଜି ଓ କନେକ୍ଟିଭିଟିକୁ ଆଗକୁ ନେବାର ଚିନ୍ତାଧାରାକୁ ସାମ୍ନାକୁ ଆଣିଛି। ଜିଓର ସାଟେଲାଇଟ୍ ପ୍ଲାନ୍ ଏହି ଚିନ୍ତାଧାରାର ଏକ ବୈଷୟିକ ଉଦାହରଣ ଭାବେ ଦେଖାଯାଉଛି, ଯେଉଁଠାରେ ଟାୱାର୍ ଓ ଫାଇବରର ସୀମା ପରେ ମହାକାଶ ମାଧ୍ୟମରେ ନେଟୱର୍କକୁ ଆହୁରି ଆଗକୁ ବଢ଼ାଇବା ପାଇଁ ପ୍ରସ୍ତୁତି ଚାଲିଛି। ବର୍ତ୍ତମାନ ୧,୬୦୦ଟି ସାଟେଲାଇଟ୍ ଓ ୨୩ଟି ଗ୍ରାଉଣ୍ଡ ଷ୍ଟେସନ୍ ଉଭୟ ପ୍ରସ୍ତାବିତ ଯୋଜନାର ଅଂଶ। କିନ୍ତୁ ଦିଗ ସ୍ପଷ୍ଟ। ଜିଓ ଭୂଭାଗ ଓ ମହାକାଶର ନେଟୱର୍କକୁ ଏକାଠି ଯୋଡ଼ି କନେକ୍ଟିଭିଟିର ପରବର୍ତ୍ତୀ ସୀମାରେ ପହଞ୍ଚିବା ପାଇଁ ପ୍ରସ୍ତୁତି ଦେଖାଉଛି।

# ବେଦାନ୍ତ ଆଲୁମିନିୟମ ୧୦୦ରୁ ଅଧିକ ଏସ୍‌ଏଚ୍‌ଜି ମହିଳାଙ୍କୁ ଲାଞ୍ଜିଗଡ଼ରେ ମାଣ୍ଡିଆ ଭିତ୍ତିକ ଉଦ୍ୟୋଗୀ ସୁବିଧା ଯୋଗାଇ ଦେଇଛି

**ଭୁବନେଶ୍ୱର, ୯।୧୦ (ନି.ପ୍ର) :** ଓଡ଼ିଶାର ଗ୍ରାମାଞ୍ଚଳରେ ମହିଳାମାନେ ପାରମ୍ପରିକ କୌଶଳ ଏବଂ ସ୍ଥାନୀୟ ଉତ୍ପାଦକୁ ଅର୍ଥପୂର୍ଣ୍ଣ ଜୀବିକା ସୁଯୋଗରେ ରୂପାନ୍ତରିତ କରୁଛନ୍ତି। ମହିଳା ଉଦ୍‌ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ ଓଡ଼ିଶାରେ ଗ୍ରାମୀଣ ବିକାଶକୁ ଆଗେଇ ନେବା ଲାଗି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ତାହାର ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟକ୍ରମ 'ପ୍ରକଳ୍ପ ସଖୀ ' ର ଅଂଶବିଶେଷ ସ୍ୱରୂପ ଲାଞ୍ଜିଗଡ଼ର ଏକାଧିକ ଗ୍ରାମ ପଞ୍ଚାୟତରେ ମାଣ୍ଡିଆରୁ ଜଳଖିଆ ପ୍ରସ୍ତୁତି ଉପରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏହି ପଦକ୍ଷେପ ଏପର୍ଯ୍ୟନ୍ତ ଚାରିଟି ଗ୍ରାମ ପଞ୍ଚାୟତ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ୧୦୦ ରୁ ଅଧିକ ମହିଳାଙ୍କୁ ଉପକୃତ କରିଛି, ଯାହା ସେମାନଙ୍କୁ ଲଘୁ ଉଦ୍‌ୟୋଗ ପ୍ରତିଷ୍ଠା ଏବଂ ସମ୍ପ୍ରସାରଣ ପାଇଁ ଆବଶ୍ୟକ କୌଶଳ ସହିତ ସଜ୍ଜିତ କରିଛି, ଯାହାଦ୍ୱାରା ଲାଞ୍ଜିଗଡରେ ନିଯୁକ୍ତି ସୃଷ୍ଟି ଏବଂ ଗ୍ରାମୀଣ ଜୀବିକା ମଜବୁତ କରିବାରେ ଯୋଗଦାନ ଦେଇଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ପାଇକରାଣିପିଣ୍ଡା, ଲାଞ୍ଜିଗଡ ଏବଂ ଶିବପଦର ଗ୍ରାମ ପଞ୍ଚାୟତଗୁଡ଼ିକରେ ଆୟୋଜିତ ହୋଇଥିଲା, ଯେଉଁଥିରେ ସଦ୍ୟତମ ପର୍ଯ୍ୟାୟରେ ୭୧ରୁ ଅଧିକ ମହିଳା ମାଣ୍ଡିଆ ଭିତ୍ତିକ ଉତ୍ପାଦ ବିକାଶ, ମୂଲ୍ୟ ସଂଯୋଜନ ଏବଂ ଉଦ୍‌ୟୋମିତା ବିକାଶ ପ୍ରଶିକ୍ଷଣ ମାଧ୍ୟମରେ ଉପକୃତ ହୋଇଥିଲେ। ବ୍ୟବହାରିକ କୌଶଳ ବିକାଶ ସହିତ ବ୍ୟବସାୟ ଭିତ୍ତିକ ଶିକ୍ଷାକୁ ମିଶାଇ, ଏହି ପଦକ୍ଷେପ ଅଂଶଗ୍ରହଣକାରୀ ମାନଙ୍କୁ ସ୍ଥାନୀୟ ଭାବରେ ଉପଲବ୍ଧ ସମ୍ବଳ ମାଧ୍ୟମରେ ନୂତନ ଆୟ ସୃଷ୍ଟି ସୁଯୋଗ ଅନ୍‌ୱେଷଣ କରିବାରେ




ସାହାଯ୍ୟ କରୁଛି, ଓଡ଼ିଶାର ଗ୍ରାମୀଣ ବିକାଶକୁ ସମର୍ଥନ କରୁଛି ଏବଂ ମହିଳା ଉଦ୍‌ୟୋଗୀମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରୁଛି। ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମୟରେ, ଅଂଶଗ୍ରହଣକାରୀମାନେ ସ୍ଥାନୀୟ ଭାବରେ ଉପଲବ୍ଧ ସମ୍ବଳ ବ୍ୟବହାର କରି ମାଣ୍ଡିଆ ବିସ୍କୁଟ, ମାଣ୍ଡିଆ ଫେଣି, ମୁରୁକୁ, କୁକିଜ୍ ଏବଂ ଅନ୍ୟାନ୍ୟ ମୂଲ୍ୟଯୁକ୍ତ ସ୍ନାକ୍ସ ସମେତ ପୁଷ୍ଟିକର ଏବଂ ବିପଣନଯୋଗ୍ୟ ମାଣ୍ଡିଆ ଆଧାରିତ ଉତ୍ପାଦ ପ୍ରସ୍ତୁତ କରିବା ଶିଖିଥିଲେ। ଏହି ପ୍ରଶିକ୍ଷଣ ଅଂଶଗ୍ରହଣକାରୀମାନଙ୍କୁ ଆଧୁନିକ ଉଦ୍‌ୟୋଗଗୁଡ଼ିକର ପ୍ରମୁଖ ସିଦ୍ଧାନ୍ତଗୁଡ଼ିକ ସହିତ ମଧ୍ୟ ପରିଚିତ କରାଇଥିଲା, ଯେପରିକି ଗୁଣବତ୍ତା ମାନକ, ଆକର୍ଷଣୀୟ ପ୍ୟାକେଜିଂ, ଅଭିନବ ବ୍ରାଣ୍ଡିଂ ଏବଂ ବଜାର ସଂଯୋଗ ସୁନିଶ୍ଚିତ କରିବା, ଏହିପରି ଉତ୍ପାଦଗୁଡ଼ିକୁ ବଜାରକୁ ଆଣିବା ସହିତ ଜଡ଼ିତ ଦିଗଗୁଡ଼ିକ ବିଷୟରେ ଏକ ବ୍ୟାପକ ବୁଝାମଣା କରିବା। ଜୟ ଶ୍ରୀରାମ ଏସ୍. ଏଚ୍. ଜି., ପାଇକରାଣିପିଣ୍ଡାର ସୁକାନ୍ତ ପାତ୍ର କହିଛନ୍ତି, 'ସଖୀଙ୍କ ଦ୍ୱାରା ମାଣ୍ଡିଆ ସ୍ନାକ୍ସ ତାଲିମ ଗ୍ରହଣ କରିବା ପରେ ଆମେ ମାଣ୍ଡିଆ ଲଡୁ, ପିଠା ଏବଂ ମିଶ୍ରଣ ଭଳି ପୁଷ୍ଟିକର ଉତ୍ପାଦ ପ୍ରସ୍ତୁତ କରିବା ଶିଖିଛୁ। ବେଦାନ୍ତ ସହାୟତାରେ, ଆମର ଉତ୍ପାଦଗୁଡ଼ିକର ବର୍ତ୍ତମାନ ପ୍ରଚାର ଏବଂ ବିପଣନ କରାଯାଉଛି, ଯାହା ଆମକୁ ନିୟମିତ ଜୀବିକା ଅର୍ଜନ କରିବାରେ ସାହାଯ୍ୟ କରୁଛି। ଏହି ପଦକ୍ଷେପ କେବଳ ଆମର ଆୟ ବୃଦ୍ଧି କରିନାହିଁ, ବରଂ ମହିଳା ଉଦ୍‌ୟୋଗୀ ଭାବେ ଆମର ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି କରିଛି। ଆମ ଜୀବନକୁ ଉନ୍ନତ କରିବା ଏବଂ ଆମ ପରିବାରକୁ ସମର୍ଥନ କରିବାର ଏହି ସୁଯୋଗ ପାଇଁ ଆମେ କୃତଜ୍ଞ । ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ଆଲୁମିନା ବିଜନେସ୍ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଯେତେବେଳେ ମହିଳାମାନେ ସଠିକ୍ ଦକ୍ଷତା ଏବଂ ସମର୍ଥନ ସହିତ ସଜ୍ଜିତ ହୁଅନ୍ତି, ସେମାନେ ନିଜ ପାଇଁ ଏବଂ ସେମାନଙ୍କ ପରିବାର ପାଇଁ ଆୟର ସ୍ଥାୟୀ ଉତ୍ସ ନିର୍ମାଣ କରିବା ପାଇଁ ଭଲ ସ୍ଥିତିରେ ଥାଆନ୍ତି। ସଖୀ ପ୍ରକଳ୍ପ ମାଧ୍ୟମରେ, ଆମେ ମହିଳାମାନଙ୍କୁ ଉଦ୍ୟମିତା ଦକ୍ଷତା ବିକାଶ କରିବାରେ ଏବଂ ସ୍ଥାନୀୟ ସ୍ତରରେ ଉପଲବ୍ଧ ସମ୍ବଳ ଯଥା ମାଣ୍ଡିଆରୁ ମୂଲ୍ୟ ସୃଷ୍ଟି କରିବାରେ ସାହାଯ୍ୟ କରୁଛୁ।



# ପିପିଲି କଲେଜ ନିର୍ବାଚନ ପାଇଁ ୨୧ ପ୍ରାର୍ଥୀପତ୍ର ଦାଖଲ

**ପିପିଲି,୯।୧୦ (ନି.ପ୍ର):** ରାଜ୍ୟରେ ଦିର୍ଘ ୮ବର୍ଷ ବ୍ୟବଧାନ ପରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଛି । ଅକ୍ଟୋବର୯ ତାରିଖ ଶୁକ୍ରବାର ଦିନ ପ୍ରାର୍ଥୀପତ୍ର ଦାଖଲ ହୋଇଛି । ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରିବାର ସମୟ ରହିଥିଲା ବେଳେ ଦିନ ୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଯାଂଚ ପ୍ରକ୍ରିୟା ଚାଲିଥିଲା । ଅପରାହ୍ନ ୫ଟାରେ ଚୁଡାନ୍ତ ପ୍ରାର୍ଥୀ ପତ୍ର ତାଲିକା ପ୍ରକାଶ ପାଇଛି । ପିପିଲି କଲେଜରେ ବିଭିନ୍ନ ବିଭାଗରୁ ସମୁଦାୟ ୨୧ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେଥିମଧ୍ୟରୁ ସଭାପତି ପଦ ପାଇଁ ୩ଜଣ ପ୍ରାର୍ଥୀ ରହିଥିବା ବେଳେ



ସେମାନେ ହେଲେ ପ୍ରିୟଙ୍କା ପ୍ରିୟଦର୍ଶନୀ ପ୍ରଧାନ, ସୁଶ୍ରୀ ସୁପ୍ରିୟା ସ୍ୱାଇଁ,ରୁଦ୍ରପ୍ରସାଦ ନାୟକ ରହିଛନ୍ତି । ଉପସଭାପତି ପାଇଁ ୩ଜଣ ଚିଙ୍କୁନ ଖଟେଇ, ସୁଭଲକ୍ଷ୍ମୀ ମହାରଣା ଏବଂ ଶୁଭମ ପତି । ସାଧାରଣ ସମ୍ପାଦକ ପାଇଁ ୩ଜଣ ସୁଧାଂଶୁବାଳା ଭୁଜବଳ,ମେଘନା ମଲ୍ଲିକ୍,ରାଜଲକ୍ଷ୍ମୀ ପରିଡା ଅଟନ୍ତି । ସମ୍ପାଦକ ପାଇଁ ୪ଜଣ ପ୍ରଜ୍ଞା ପ୍ରିୟଦର୍ଶନୀ ଘୋଷ, ସନ୍ତୋଷ ବାରିକ, ଆୟୁଷ୍ମାନ ବେହେରା ଓ ରଶ୍ମିରନ ସାହୁ । ସହ ସମ୍ପାଦକ ପାଇଁ ତନୟ ଦାଶ ଓ ସସ୍ମିତା ସାରଥୀ ସ୍ୱାଇଁ । ଆଥଲେଟିକ ସେକ୍ରେଟାରୀ ପାଇଁ ୩ଜଣ ରାହୁଲ ମାଝୀ,ପ୍ରିୟତୋଷ ସ୍ୱାଇଁ ଏବଂ ସୌମ୍ୟରନ ଖଟେଇ । କ୍ଲାସ ରେପ୍ରେଜଂଟିଭ ପାଇଁ ୩ଜଣ ଆଶିଷ କୁମାର ପୃଷ୍ଟି, ସୌମ୍ୟରନ ପ୍ରଧାନ ଏବଂ ସ୍ନେହିଲ ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ କରିଥିବା ନେଇ ପିପିଲି କଲେଜ କର୍ତ୍ତୁପକ୍ଷଙ୍କ ପକ୍ଷରୁ ସୁଚନା ମିଳିଛି । ଏହି କଲେଜ ନିର୍ବାଚନକୁ ନେଇ ଏବିଭିପି,ବିଜୁ ଛାତ୍ର ଜନତା ଦଳ ଓ ଏନଏସୟୁଆଇ ଭଳି ରାଜନୈତିକ ଦଳ ମାନଙ୍କର ପ୍ରାର୍ଥୀ ମାନଙ୍କୁ ସମର୍ଥନ ରହିଥିବାରୁ କଲେଜ କାମ୍ପସ ନିର୍ବାଚନ ପାଇଁ ଏକ ପ୍ରକାର ସରଗରମ ହୋଇ ପଡିଛି । ପିପିଲି କଲେଜରେ ଶାନ୍ତି ଶୃଙ୍ଖଳାର ସହ ଆଜି ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜର ରଖି ପିପିଲି ପୋଲିସର କଡା ନଜର ରହିଥିଲା । ନିର୍ବାଚନ ପକ୍ରିୟା ଶେଷ ପର୍ଯ୍ୟନ୍ତ କଲେଜ କାମ୍ପସ ରେ ପୋଲିସ ଫୋର୍ସ ମୃତୟନ ରହିବା ସହିତ ପେଟ୍ରୋଲିଙ୍ଗ୍ ପୁରା କଡାକଡି କରାଯିବ ବୋଲି ଥାନା ଅଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ ଙ୍କ ଠାରୁ ସୁଚନା ।

# ୮୦ ବର୍ଷର ସ୍ୱାଧୀନ ଭାରତରେ ଶିକ୍ଷାରୁ ବଞ୍ଚିତ ଗନ୍ଧିଗୁଡ଼ା

# ୩୦ କିମି ଦୂରରେ ସ୍କୁଲ, ୭ କିମି ଦୂରରେ ଅଙ୍ଗନବାଡ଼ି : ଅନ୍ଧାରରେ ଶତାଧିକ ଶିଶୁଙ୍କ ଭବିଷ୍ୟତ

**ମାଲକାନଗିରି, ୮/୧୦ (ନି.ପ୍ର):** ସ୍ୱାଧୀନତାର ଆଠ ଦଶନ୍ଧି ପରେ ବି ଗାଁରେ ନାହିଁ ବିଦ୍ୟାଳୟ, ନାହିଁ ଅଙ୍ଗନବାଡ଼ି କେନ୍ଦ୍ର। ପିଲାଙ୍କ ହାତରେ ବହି ଓ ଖାତା ଧରାଇବା ବଦଳରେ ଶିକ୍ଷା ପାଇଁ ସେମାନଙ୍କୁ ଅତିକ୍ରମ କରିବାକୁ ପଡୁଛି ଦୀର୍ଘ ଦୂରତା। ଗାଁଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ବିଦ୍ୟାଳୟ ଏବଂ ୭ କିଲୋମିଟର ଦୂରରେ ଅଙ୍ଗନବାଡ଼ି କେନ୍ଦ୍ର। ଏଭଳି ସ୍ଥିତିରେ କୁନି କୁନି ପିଲାଙ୍କ ଶିକ୍ଷା ଓ ଭବିଷ୍ୟତକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ। ସରକାରୀ ବିକାଶର ଦାବି ମଧ୍ୟରେ ଏହି ଚିତ୍ର ଦୁର୍ଗମ ଅଞ୍ଚଳରେ ମୌଳିକ ଶିକ୍ଷା ସୁବିଧାର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି। ଏଭଳି ଦୁରବସ୍ଥା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ଅନ୍ତର୍ଗତ ଗନ୍ଧିଗୁଡ଼ା ଗାଁରେ। ପ୍ରାୟ ୬୦ଟି ଆଦିବାସୀ ପରିବାରର ୩୦୦ ଲୋକ ବସବାସ କରୁଥିବା ଏହି ଗାଁରେ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ କିମ୍ବା ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଶିକ୍ଷାର ପ୍ରଥମ ପାହାଚରୁ ହିଁ ଅନେକ ଶିଶୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ପ୍ରାଥମିକ ଶିକ୍ଷା ପାଇଁ ଛୋଟ ଛୋଟ ପିଲାଙ୍କୁ ଗାଁଠାରୁ ପ୍ରାୟ ୩୦ କିଲୋମିଟର ଦୂରକୁ ଯିବାକୁ ପଡୁଛି। ଏତେ ଦୂରତା ଅତିକ୍ରମ କରି ପ୍ରତିଦିନ ବିଦ୍ୟାଳୟ ଯିବା ଛୋଟ ପିଲାଙ୍କ



ପକ୍ଷରେ କେତେ ସମ୍ଭବ, ତାହା ସହଜରେ ଅନୁମାନ କରାଯାଇପାରେ। ଫଳରେ ଅନେକ ଶିଶୁ ବିଦ୍ୟାଳୟମୁହାଁ ହୋଇପାରୁନଥିବା ବେଳେ ସେମାନଙ୍କ ଶିକ୍ଷାଗ୍ରହଣ ନେଇ ଚିନ୍ତା ବଢ଼ିଛି। ଶିକ୍ଷା ପାଇଁ ଆଗ୍ରହ ଥିଲେ ମଧ୍ୟ ନିକଟରେ ବିଦ୍ୟାଳୟ ନଥିବା ଏହି ଶିଶୁଙ୍କ ପାଇଁ ବଡ଼ ପ୍ରତିବନ୍ଧକ ହୋଇଛି। କେବଳ ବିଦ୍ୟାଳୟ ନୁହେଁ, ଶିଶୁଙ୍କ ପ୍ରାକ୍ ?-ଶିକ୍ଷା, ପୋଷଣ ଓ ପ୍ରାରମ୍ଭିକ ବିକାଶ ପାଇଁ ଜରୁରୀ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଗାଁଠାରୁ ପ୍ରାୟ ୭ କିଲୋମିଟର ଦୂରରେ ରହିଛି। ଏହା ଯୋଗୁଁ କୁନି ଶିଶୁମାନେ ଅଙ୍ଗନବାଡ଼ିରେ ମିଳୁଥିବା ପ୍ରାକ୍ ?-ଶିକ୍ଷା ଓ ଅନ୍ୟାନ୍ୟ ସେବା ପାଇବାରେ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ଶୈଶବରୁ ଶିକ୍ଷା ଓ ପୋଷଣର ଉପଯୁକ୍ତ ସୁଯୋଗ ନମିଳିଲେ ଏହା ଶିଶୁଙ୍କ ଭବିଷ୍ୟତ ଉପରେ କି ପ୍ରଭାବ ପକାଇବ, ତାହାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଗୋଟିଏ ଗାଁ ନୁହେଁ, ଆଖପାଖ ଅଞ୍ଚଳର ପିଲାଙ୍କ ପାଇଁ ବି ଆବଶ୍ୟକ ଶିକ୍ଷାକେନ୍ଦ୍ର। ଗନ୍ଧିଗୁଡ଼ା ଆଖପାଖରେ ପରାଜପଦର, କେନ୍ଦୁଗୁଡ଼ା, ଟିକରପଡ଼ା, କାରକଲଗୁଡ଼ା, ଲେଡ଼ିଗୁଡ଼ା, ରାଭା ଓ ଟାଇମାଳ ଭଳି ଗାଁ ରହିଛି। ଏହି ଅଞ୍ଚଳରେ ଏକ ପ୍ରାଥମିକ ବିଦ୍ୟାଳୟ କିମ୍ବା ଉପଯୁକ୍ତ ଶିକ୍ଷାକେନ୍ଦ୍ର ସ୍ଥାପନ କରାଗଲେ ଗନ୍ଧିଗୁଡ଼ା ସମେତ ଆଖପାଖ ଗାଁର ଅନେକ ଶିଶୁ ଉପକୃତ ହୋଇପାରିବେ। ସେହିପରି ଏକ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ହେଲେ ଛୋଟ ଶିଶୁଙ୍କୁ ପ୍ରାରମ୍ଭିକ ଶିକ୍ଷା, ପୋଷଣ ଓ ଶିଶୁ ବିକାଶ ସେବା ନିକଟରେ ମିଳିପାରିବ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗନ୍ଧିଗୁଡ଼ାଠାରୁ ପଞ୍ଚାୟତ କାର୍ଯ୍ୟାଳୟର ଦୂରତା ମଧ୍ୟ ପ୍ରାୟ ୪୦ କିଲୋମିଟର। ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟ ଓ ସେବା ପାଇଁ ସେମାନଙ୍କୁ ଦୂରଦୂରାନ୍ତକୁ ଯିବାକୁ ପଡୁଛି। ଗାଁର ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ପ୍ରଶାସନକୁ ଜଣାଯାଇଥିଲେ ମଧ୍ୟ ଏଯାଏଁ ସମାଧାନ ହୋଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ୱାଧୀନତା ପରେ ଦେଶ ଅନେକ କ୍ଷେତ୍ରରେ ଆଗକୁ ବଢ଼ିଥିବା ବେଳେ ଗନ୍ଧିଗୁଡ଼ା ଭଳି ଦୁର୍ଗମ ଗାଁରେ ଶିକ୍ଷା ଭଳି ମୌଳିକ ସୁବିଧା ଏବେ ବି ଅପହଞ୍ଚ ରହିବା ଚିନ୍ତାଜନକ। ବିକାଶର ଅର୍ଥ କେବଳ ରାସ୍ତାଘାଟ ନିର୍ମାଣ ନୁହେଁ, ବରଂ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ଓ ମୌଳିକ ସେବା ଯୋଗାଇଦେବା ମଧ୍ୟ। ତେଣୁ ଗନ୍ଧିଗୁଡ଼ାରେ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ଗନ୍ଧିଗୁଡ଼ାର ଶିଶୁଙ୍କ ଭବିଷ୍ୟତ ପାଇଁ ପ୍ରଶାସନ କେବେ ଜାଗିବ।

# ଅବକାରୀ ବିଭାଗର ବଡ଼ ଧରଣର ଚଢ଼ଉ

# ୩୨ ଲିଟର ଦେଶୀ ମଦ, ୬୦ ଲିଟର ଚୋରା ଦେଶୀ ମଦ ଓ ସ୍କୁଟି ଜବତ

**କଟକ,୯।୧୦ (ନି.ପ୍ର) :** ଅବକାରୀ ବିଭାଗ ପକ୍ଷରୁ କଟକ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଅବୈଧ ମଦ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । କଟକ ସଦର ରେଞ୍ଜ୍ ପକ୍ଷରୁ ନ୍ୟାସନାଲ ଲ' ୟୁନିଭର୍ସିଟି ନିକଟସ୍ଥ ଅଞ୍ଚଳ ଓ ବିଜୁ ପଟ୍ଟନାୟକ ପାର୍କ ଛକ ନିକଟରେ ଚଢ଼ଉ କରାଯାଇ ୫ଟି ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉ ସମୟରେ ୩୨ ଲିଟର ଦେଶୀ ମଦ, ୬୦ ଲିଟର ଚୋରା ଦେଶୀ ମଦ ଓଉଖ (Illicit Distilled Liquor) ଏବଂ ମଦ ପରିବହନରେ ବ୍ୟବହୃତ ଏକ ସ୍କୁଟି ଜବତ କରାଯାଇଛି। କଟକ ସଦର ରେଞ୍ଜ୍ର ଅବକାରୀ ଇନ୍ସପେକ୍ଟର ଶ୍ରୀ କମଳ ଲୋଚନ ପାଇକରାୟଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିବା ବେଳେ ଅବକାରୀ ଅଧିକ୍ଷକ ଶ୍ରୀ କରୁଣା ଶଙ୍କର ତେୱାରୀଙ୍କ



ତତ୍ତ୍ୱାବଧାନରେ ଅଭିଯାନଟି ପରିଚାଳିତ ହୋଇଥିଲା। ଚୋରା ମଦ ପ୍ରସ୍ତୁତି, ପରିବହନ ଓ ବିକ୍ରୟ ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଚଢ଼ଉ ଓ ଯାଞ୍ଚକୁ ଅଧିକ ଜୋରଦାର କରାଯିବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି।

# ନାବାଳିକାକୁ ଯୌନ ନିର୍ଯାତନା : ଅଭିଯୁକ୍ତ ଗିରଫ

**କାକଟପୁର ୯/୧୦ (ନି.ପ୍ର):** ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଖଣ୍ଡସାହି ଗ୍ରାମରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗରେ ପୋଲିସ ଜଣେ ୫୮ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଖଣ୍ଡସାହି ଗ୍ରାମର ସନାତନ ଦାସଙ୍କ ପୁଅ ଜଗତ ଓରଫ ଜଗବନ୍ଧୁ ଦାସ (୫୮)। ଘଟଣାରୁ ପ୍ରକାଶ ଯେ, ଗୁରୁବାର ଦିନ ପ୍ରାୟ ୧



ଟା ସମୟରେ ଅଭିଯୁକ୍ତ ଜଗବନ୍ଧୁ ଦାସ ଗ୍ରାମର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ବଳପୂର୍ବକ ନିଜ ଗୁହାଳକୁ ଟାଣି ନେଇ ଯୌନ ନିର୍ଯାତନା ଦେଇଥିଲେ। ପୂର୍ବରୁ ମଧ୍ୟ ସେ ଦୁଇଥର ଉକ୍ତ ନାବାଳିକାଙ୍କ ସହ ଏପରି ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୀଡିତା ଙ୍କ ପରିବାର ସନ୍ଧ୍ୟା ୭ ଟାରେ ପୀଡ଼ିତାଙ୍କ ପକ୍ଷରୁ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ କାକଟପୁର ଥାନାରେ କେସ୍ ନଂ- ୩୬୩/୨୦୨୬, ବିଏନଏସ ୨୦୨୩ ର ଦଫା ୬୪(୨)(ଏମ ) ଏବଂ ପୋକସ ଆକ୍ଟ ସେକ୍ସନ ୬ ଅଧୀନରେ ଏକ ମାମଲା ରୁଜୁ କରାଯାଇଥିଲା। ମାମଲାର ତଦନ୍ତକାରୀ ଅଫିସର ଏସ.ଆଇ. ପ୍ରିୟଦର୍ଶିନୀ ବରାଳ ଆଜି ଅଭିଯୁକ୍ତ ଜଗବନ୍ଧୁ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ନିମାପଡା ଜେଲ ହାଜତକୁ ପଠାଇ ଘଟଣାର ଅଧିକ ତଦନ୍ତ ଚାଲୁ ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ପାରାଦ୍ୱୀପ ଫସଫେଟସ ମଜଦୂର ୟୁନିୟନର ସାଧାରଣ ପରିଷଦ ବୈଠକ

# ଏକତା ଓ ଦୃଢ଼ ନେତୃତ୍ୱ ଫଳରେ ଐତିହାସିକ ସଫଳତା ହାସଲ କରିପାରିଛି : ପ୍ରଫୁଲ୍ଲ ଖଟୁଆ

**ପାରାଦ୍ୱୀପ, ୯।୧୦ (ନି.ପ୍ର):** ହିନ୍ଦ ମଜଦୂର ସଭା ଅନୁବନ୍ଧିତ ପାରାଦ୍ୱୀପ ଫସପେଟସ ମଜଦୂର ୟୁନିୟନ ରଚିଛି ଗୋଟିଏ ପରେ ଗୋଟିଏ ଇତିହାସ। ଏହାର ଏକମାତ୍ର କାରଣ ୟୁନିୟନ ବିଫଳତାକୁ ପାଦରେ ଏଡାଇ ଦେଇ ଶ୍ରମିକ ମାନଙ୍କ ନ୍ୟାର୍ଯ୍ୟ ଦାବୀ ଓ ସେମାନଙ୍କ ହକ୍ ପାଇଁ ଯୋଉ ସଂଗ୍ରାମ ଜାରି ରଖିଛନ୍ତି ତାର ସଫଳତାର ସ୍ୱାଦ ଚାଖିଛନ୍ତି ଛ ଦିନ ଥିଲା ଶ୍ରମିକ ମାନେ ଯୋଉ ଦରମା ପାଉଥିଲେ ସେଥିରେ ନିଜେ ଚଳିବା ତ ଦୂରର କଥା ପରିବାର ପ୍ରତିପୋଷଣ କରିବା କାଠିକର ପାଠ। ଦୁର୍ଦ୍ଦିନ ଦେଇ ଗତି କରୁଥିବା ଶ୍ରମିକ ମାନଙ୍କ ନ୍ୟାର୍ଯ୍ୟ ଦାବୀ ପୂରଣ କରିବାସହ ଦରମା ବୃଦ୍ଧି କରିବାରେ ୟୁନିୟନ ଦେଖାଇଥିବା କରିସ୍ମା ଶ୍ରମିକ ମାନଙ୍କ ମନ ବଳକୁ ଦୃଢ଼ କରି ଏକତା ସୂତ୍ରରେ ବାନ୍ଧି ପାରିଛି। ଶ୍ରମିକ ମାନଙ୍କ ପାଇଁ ୟୁନିୟନ ଯେତିକି ଅବଦାନ ଦେଇ ଚାଲିଛି ଏକତା ବଜାଇ ରଖିଲେ ଅନେକ କାର୍ଯ୍ୟ ସାଧନ ହେବା କିଛି ବିଚିତ୍ର କଥା ନୁହଁ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୟୁନିୟନର ସଭାପତି ତଥା ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର କହିଛନ୍ତି। ୟୁନିୟନର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଅମୃତ ଦାସ ଙ୍କ ଅଧକ୍ଷତାରେ ଆୟୋଜିତ ସାଧାରଣ ପରିଷଦ ବୈଠକ ରେ ସଂମ୍ମାନିତ ଅତିଥି ଭାବେ ଉପସଭାପତି ତଥା ପାରାଦ୍ୱୀପ ପୌରପାଳିକାର ଅଧକ୍ଷ ବସନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଖଟୁଆ ପ୍ରମୁଖ ଯୋଗ ଦେଇ ୟୁନିୟନ ର କାର୍ଯ୍ୟାଧାରା, ସଫଳତା ଓ ବିଫଳତା ଉପରେ ଆଲୋଚନା କରିବା ଦିଗରେ ଆଗାମୀ ଦିନରେ ଶ୍ରମିକ ମାନଙ୍କ ସାମୁହିକ ବିକାଶ ଦିଗରେ ୟୁନିୟନ ର କାର୍ଯ୍ୟାଧାରା ଉପରେ ଆଲୋଚନା କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅନନ୍ତ କୁମାର ଦାସ, ନୀଳକଣ୍ଠ ଦେ, ପ୍ରତାପ ହଜାରୀ, ଅନୟ କୁମାର ସ୍ୱାଇଁ, ଅନ୍ତର୍ଯ୍ୟାମୀ ମାର୍ଥା, ଦୁର୍ଗା ଚରଣ ମଲ୍ଲିକ, ପ୍ରକାଶ ଦାସ, ଗଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ୨୦୦୯ ମସିହାରେ ଶ୍ରମିକ ମାନଙ୍କ ମଜୁରୀ ଶତକଡା ୪୫ ଭାଗକୁ ବୃଦ୍ଧି କରିବାରେ ୟୁନିୟନ ଯେତିକି ଅବଦାନ ଇଏସଆଇ ଓ ଇପିଏଫ ଅନ୍ତର୍ଭୁକ୍ତ କରି ଶ୍ରମିକ ମାନଙ୍କ ମୁହଁରେ ହସ ଫୁଟାଇଥିଲେ। ସେହିପରି ୨୦୧୨ ରେ ପୁନର୍ବାର ମଜୁରୀ ଉପରେ ୪୦ ପ୍ରତିଶତକୁ ବୃଦ୍ଧି କରାଯିବା ସହ ଓଭରଟାଇମ ପ୍ରାପ୍ୟ ମଜୁରୀ ଦିଗୁଣା ପାଇଁ ନିଆଯାଇଥିଲା ନିଷ୍ପତି। ସେହିପରି ୨୦୧୫ ମସିହାରେ ପୁନର୍ବାର ମଜୁରୀ ୫୬ଭାଗ କୁ ବୃଦ୍ଧି କରାଯାଇ ଥିଲାବେଳେ ୨୦୧୮ ମସିହାରେ ୩୬ଭାଗ କୁ ବୃଦ୍ଧି କରାଯାଇ ଥିଲା। କିନ୍ତୁ ୨୦୨୧ ମସିହାରେ ବ୍ୟାଗିଙ୍ଗ ଶ୍ରମିକ ମାନେ ଅନ୍ୟ ଶ୍ରମିକ ସଙ୍ଗଠନରେ ସାମିଲ ହେଇ ଶତକଡା ୨୮ଭାଗ ପାଇବାରେ ସକ୍ଷମ ହେଇଥିଲା ବେଳେ ପାରାଦ୍ୱୀପ ଫସପେଟ ମଜଦୂର ୟୁନିୟନ ଶ୍ରମିକ ପାଇଁ ୩୨ ଭାଗକୁ ବୃଦ୍ଧି କରି ଦେଖାଇଥିଲେ କରିସ୍ମା। ଏପରିକି ୨୦୨୪ ମସିହାରେ ନିଆଯାଇଥିବା ନିଷ୍ପତି ଏକ ଐତିହାସିକ ନିଷ୍ପତି ଥିଲା। ଅନେକ ପ୍ରତିକୂଳ ପରିସ୍ଥିତି କୁ ୟୁନିୟନ ସାମ୍ନା କରି ସଫଳତାର ଶୀର୍ଷରେ ପହଞ୍ଚି ପାରିବା ପଛରେ ଏକତା ଓ ଦୃଢ ନେତୃତ୍ୱ ପାଇଁ ସମ୍ଭବ ହୋଇ ପାରିଛି ବୋଲି ଅତିଥି ମାନେ ନିଜ ନିଜ ବିବୃତିରେ କହିଥିଲେ। ଏଠାରେ ସୂଚନା ଥାଉକି ପୂର୍ବ ପ୍ରଚଳିତ ଧାରା ଅନୁଯାୟୀ ବ୍ୟାଗିଙ୍ଗ ଶ୍ରମିକ ମାନଙ୍କ ପ୍ରଥମେ ମଜୁରୀ ନିର୍ଦ୍ଧାରଣ ହେବା ପରେ ଅନ୍ୟ ବର୍ଗର ଶ୍ରମିକ ମାନଙ୍କ ମଜୁରୀ ନିର୍ଦ୍ଧାରଣ କରାଯାଇଥାଏ। କିନ୍ତୁ ପାରାଦ୍ୱୀପ ଫସପେଟ ମଜଦୂର ୟୁନିୟନ ସବୁ ଦଳି ଚକଟି ଅନ୍ୟ ବର୍ଗର ଶ୍ରମିକ ମାନଙ୍କ ମଜୁରୀ ପ୍ରଥମେ ନିର୍ଦ୍ଧାରଣ କରାଯାଇଥିଲା ବେଳେ ବ୍ୟାଗିଙ୍ଗ ଶ୍ରମିକ ମାନଙ୍କ ମଜୁରୀ ଆଜି ପର୍ଯ୍ୟନ୍ତ ନିର୍ଦ୍ଧାରଣ ହେଇ ନପାରିବା ବଡ଼ ଦୁଃଖଦ ଘଟଣା। ଏମିତିବି ଦେଖିଲେ ୨୦୨୪ ମସିହା ରେ ମଜୁରୀ ନିର୍ଦ୍ଧାରଣରେ ଅନ୍ୟବର୍ଗର ଶ୍ରମିକ ମାନଙ୍କ ପାଇଁ ପ୍ରଥମ ପାଞ୍ଚବର୍ଷ ରେ ଶତକଡା ୪୦ ଓ ଦ୍ୱିତୀୟ ପାଞ୍ଚବର୍ଷ ପାଇଁ ଶତକଡା ୬୫ଭାଗ ନିର୍ଦ୍ଧାରଣ ମଜୁରୀ ବୃଦ୍ଧିସହ ପ୍ରୋସ୍ୱାହନ ରାଶି ମଧ୍ୟ ପାଖାପାଖି ସେଇ ଅନୁସାରେ ବୃଦ୍ଧି କରାଯାଇଛି। ଖାଲି ଏତିକି ନୁହଁ କ୍ୟାଣ୍ଟିନ ଆଲାଉନସ ବ୍ୟବସ୍ଥା। ହେଉଛି ଏକ ଐତିହାସିକ ସଫଳତା ବୋଲି ପ୍ରଫୁଲ ଖଟୁଆ କହିଥିଲେ।

# ବିଧାୟକଙ୍କ ଦ୍ୱାରା ଅନ୍ଧାରୀ ଗ୍ରାମପଂଚାୟତର ଦୁଇ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଭିତିପ୍ରସ୍ତର ସ୍ଥାପନ

**ଯାଜପୁର, ୯/୧୦ (ନି.ପ୍ର) :** ଆଜି କୋରେଇ ବ୍ଲକ୍ ଅନ୍ତର୍ଗତ ଅନ୍ଧାରୀ ଗ୍ରାମପଂଚାୟତରେ ଦୁଇଗୋଟି ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶୁଭ ଭିତିପ୍ରସ୍ତର ସ୍ଥାପନ କଲେ କୋରେଇର ମାନ୍ୟବର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଶ୍ରୀଯୁକ୍ତ ଆକାଶ ଦାସନାୟକ । ମାନ୍ୟବର ବିଧାୟକଙ୍କୁ କର୍ମୀମାନେ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରାରେ କାମୁଡେଇ ପୀଠ ଠାରୁ ରଗଡି ଛକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ରଗଡି ଛକ ଠାରେ ରଗଡି କିଆପଦା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତିକରଣ ଏବଂ ପ୍ରଶସ୍ତିକରଣ ନିମନ୍ତେ ଶୁଭ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ରାସ୍ତାଟି ବହୁତ ଖରାପ ଅବସ୍ଥାରେ ଥିଲା । ଏହି ରାସ୍ତାଟି ଅନ୍ଧାରୀ ଗ୍ରାମପଂଚାୟତର ଲାଇଫ୍ ଲାଇନ୍ କହିଲେ ଅତ୍ୟୁକ୍ତି ହେବନାହିଁ । ଅନ୍ଧାରୀ ଗ୍ରାମପଂଚାୟତର ଏହି ରାସ୍ତାଟି ବହୁତ ଦିନର ଦାବୀ ଆଜି ପୂରଣ ହେବାକୁ ଯାଉଛି । ଏହି ରାସ୍ତାର ଉନ୍ନତିକରଣ ଏବଂ ପ୍ରଶସ୍ତିକରଣ ନିମନ୍ତେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ୫ କୋଟି ୧୨ ଲକ୍ଷ ଟଙ୍କା ଅର୍ଥ ମଂଜୁର କରିଛନ୍ତି । ସେହିପରି ଆଇଚପୁର ସ୍କୁଲ ଛକ ଠାରୁ ଜରଦା ପର୍ଯ୍ୟନ୍ତ ଏକ ନୂତନ ରାସ୍ତା ନିର୍ମାଣ ନିମନ୍ତେ ଓଡିଶା ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୩ କୋଟି ୩୭ ଲକ୍ଷ ଟଙ୍କା ଅର୍ଥ ମଂଜୁର ହୋଇଅଛି । ଏହି ଦୁଇଗୋଟି ରାସ୍ତା ନିର୍ମାଣ ହେଉଥିବା ଜାରି ଆଜି ଅନ୍ଧାରୀ ଗ୍ରାମପଂଚାୟତବାସୀ ବହୁତ ଖୁସ ଥିବାର ଅନୁମାନ କରାଯାଇଛି । ମାନ୍ୟବର ବିଧାୟକ ଶ୍ରୀ ଦାସନାୟକଙ୍କ ଏହି ପ୍ରଚେଷ୍ଟାକୁ ଅନ୍ଧାରୀ ଗ୍ରାମପଂଚାୟତବାସୀ ଏବଂ କୋରେଇ ବ୍ଲକର ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ । କୋରେଇ ବ୍ଲକରେ ଗମନାଗମନ ବିକାଶରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡା ହୋଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ କହିଥିଲେ - ଆଗାମୀ ଦିନରେ ଆଉ ୧୦ ଗୋଟି ରାସ୍ତାର ଗ୍ରାମ୍ୟ ଉନ୍ନୟନ



ବିଭାଗ ଦ୍ୱାରା ଶୁଭ ଭିତପ୍ରସ୍ତର ସ୍ଥାପନ ହେବ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମହିଳା ସଭାନେତ୍ରୀ ଦୀପ୍ତିମୟୀ କୁଅଁର, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, କୋରେଇ ବ୍ଲକ୍ ବିଧାୟକ ପ୍ରତିନିଧି ଧନେଶ୍ୱର ବାରିକ, ଅନ୍ଧାରୀ ଗ୍ରାମପଂଚାୟତ ବିଜେପି ସଭାପତି ପ୍ରତାପ ରାଉତରାୟ, ଅନ୍ଧାରୀ ଗ୍ରାମପଂଚାୟତ ପୂର୍ବତନ ସମିତି ସଭ୍ୟ କୁଳମଣୀ ଦାସ, ଗୟାଧର ପରିଡା, ସୁକର୍ଣ୍ଣ ରାଉତ, ନିହାର ରଞ୍ଜନ ତ୍ରିପାଠୀ, ରାମଚନ୍ଦ୍ର ମାଝୀ, କୋରାବନ୍ଧୀ ଗ୍ରାମ କମିଟିର ସଭାପତି ଶରତ କୁମାର ଦାସ, ଗ୍ରାମ୍ୟ କମିଟିରର ସଂପାଦକ ବସନ୍ତ କୁମାର କର, ପୁରୁଷୋତମ ମହାରଣା, ଛବିଳ କୁମାର ପଣ୍ଡା, ପ୍ରୀତିରଞ୍ଜନ ସାହୁ, କନ୍ତୋର ଗ୍ରାମପଂଚାୟତ ସରପଂଚ ସାରଙ୍ଗ ପ୍ରଧାନ, କନ୍ତୋର ପୂର୍ବତନ ସରପଂଚ ରୁନୁ ଭୂୟାଁ, କନ୍ତୋର ଗ୍ରାମପଂଚାୟତ ପୂର୍ବତନ ସମିତି ସଭ୍ୟ ଅଶୋକ ବାରିକ, ତଳଗଡ ପୂର୍ବତନ ସମିତି ସଭ୍ୟ ମନ୍ମଥ ବଡଜେନା, ପାଟରଙ୍ଗା ସରପଂଚ ରଞ୍ଜନ କୁମାର ଦାସ, ନୀଳମାଧବ ଚକ୍ର, ଦିଲ୍ଲୀପ ସ୍ୱାଇଁ, ଗୋପାଳ ସାହୁ, ବ୍ରାହ୍ମଣୀଦେବୀ ମଣ୍ଡଳ ସାଧାରଣ ସଂପାଦକ ପ୍ରଶାନ୍ତ ମଲ୍ଲିକ, ବ୍ୟାସନଗର ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ଗୌରପୁର ସରପଂଚ ସତ୍ୟାନନ୍ଦ ମହାପାତ୍ର, ରଣପୁର ସରପଂଚ ପ୍ରତିନିଧି ପ୍ରତାପ ସାହୁ, ପଚ୍ଛିକୋଟ ସରପଂଚ ଗୀତାଞ୍ଜଳୀ ସେଠୀ, ଦେବେନ୍ଦ୍ର ସ୍ୱାଇଁ, ବରୁଣ୍ଡେଇ ସରପଂଚ ବିଷ୍ଣୁ ଚରଣ ରଥ, ଜହ୍ନା ସରପଂଚ ସଂଯୁକ୍ତା ସାହୁ, ସାଦକପୁର ସରପଂଚ ରବିନ୍ଦ୍ର ବେହେରା, ବରୁଣ୍ଡେଇ ସରପଂଚ ଲିପ୍ ?ସା ପରିଡା, ବରୁଣ୍ଡେଇ ସରପଂଚ ପ୍ରତିନିଧି ଉଦୟ ପରିଡା, ଅସନଝର ବିଜେପି ସଭାପତି ପ୍ରହଲ୍ଲାଦ ଜେନା, ବ୍ରାହ୍ମଣୀଦେବୀ ମଣ୍ଡଳ ଯୁବ ସଭାପତି ସୁଜିତ୍ ସ୍ୱାଇଁ, ବରୁଣ୍ଡେଇ ସମିତି ସଭ୍ୟ ରଶ୍ମିରଞ୍ଜନ ପରିଡା, ସୁଶିଲ ମଲ୍ଲିକ, ସରୋଜ ରାଉତ, କାଚରାସାହି ବିଜେପି ସଭାପତି ଜିତେନ୍ଦ୍ର ମୁଦୁଲି, ପୁର୍ଣ୍ଣଚନ୍ଦ୍ର ସାହୁ, ସୁବ୍ରତ ସ୍ୱାଇଁ, ଆଶା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳିତ

# ନବମ ଓ ଦଶମ ଶ୍ରେଣୀର ୩୮ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ

**ଯଶୁଆପୁର, ୯।୧୦ (ନି.ପ୍ର) :** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ଯଶୁଆପୁରସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସାମଗ୍ରୀ ଓ ଟେଷ୍ଟ ପେପର୍ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ସମାଜସେବୀ ସୁରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା,





ପ୍ରମୋଦ ପାଢ଼ୀ, ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ଦୁର୍ଯ୍ୟୋଧନ ପ୍ରଧାନ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ନବମ ଓ ଦଶମ ଶ୍ରେଣୀର ମୋଟ ୩୮ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍, ଖାତା ଓ କଲମ ପ୍ରଦାନ କରାଯାଇଥିଲା। ଏଥିସହ ଦଶମ ଶ୍ରେଣୀର ୧୦ ଜଣ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପ୍ରସ୍ତୁତିରେ ସହାୟତା ପାଇଁ ଟେଷ୍ଟ ପେପର୍ ବଣ୍ଟନ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରତି ଆଗ୍ରହୀ କରିବା ସହ ଗୋପବନ୍ଧୁ ଦାସଙ୍କ ସେବା, ତ୍ୟାଗ ଓ ମାନବିକତାର ଆଦର୍ଶକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

## ପିପୁଲ୍ସ କଲେଜ ଛାତ୍ର ସଂସଦ ନିର୍ବାଚନ, ୧୭ଟି ପଦବୀ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ବୁଗୁଡା, ୯।୧୦ (ନି.ପ୍ର):** ଦୀର୍ଘ ୮ ବର୍ଷର ବ୍ୟବଧାନରେ ହେବାକୁ ଯାଉଥିବା ଛାତ୍ର ସଂସଦ ନିର୍ବାଚନ ପରିପ୍ରେକ୍ଷୀରେ ସ୍ଥାନୀୟ ପିପୁଲ୍ସ କଲେଜରେ ମୋଟ ୨୨ଟି ପଦବୀ ମଧ୍ୟରୁ ୧୭ଟି ପଦବୀ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ୫ଟି ପଦବୀ ପାଇଁ କେହି ହେଲେ ପ୍ରାର୍ଥୀପତ୍ର ଦାଖଲ କରିନଥିବା ନେଇ କଲେଜର ନିର୍ବାଚନ ପରିଚାଳନା କମିଟି ପକ୍ଷରୁ ପ୍ରକାଶ ପାଇଛି। ଛାତ୍ର ସଂସଦ ନିର୍ବାଚନରେ ସଂଗ୍ରାମ ଦାସ -ସଭାପତି, ସେଫାଳି ପାତ୍ର-ଉପସଭାପତି, ଶୁଭମ୍ ଦଳେଇ-ସମ୍ପାଦକ, ସଂଗ୍ରାମ ବେହେରା-ସହସମ୍ପାଦକ, ଓମ୍ ଭୂୟାଁ-ଶ୍ରେଣୀ ପ୍ରତିନିଧି (ଦ୍ୱିତୀୟ ବର୍ଷ କଳା), ଅଜୟ ନାଇକ-କ୍ରୀଡା ସମ୍ପାଦକ, ଦେବାଶିଷ ପ୍ରଧାନ-ଓଏସ୍‌ଏସ୍ ସମ୍ପାଦକ, ମନିଶାରାଣୀ ପୋଲାଇ-ସାଇନ୍ସ ଆସୋସିଏସନ ସେକ୍ରେଟାରୀ, ସୁମିତ୍ କୁମାର ବିଷୋୟୀ-କଲେଜ ମାଗାଜିନ୍ ପ୍ରତିନିଧି, କାହ୍ନୁଚରଣ ଗୌଡ-ବଏଜ୍ କମନ ରୁମ୍ ପ୍ରତିନିଧି, କରିସ୍ମା ନାୟକ-ଗାର୍ଲସ୍ କମନ୍ ରୁମ୍ ପ୍ରତିନିଧି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସେମାନେ ସମସ୍ତେ ଅପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି।

# ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟ ନେଇ 'ଘରକୁ ଘର' ସର୍ବେକ୍ଷଣ ଅଭିଯାନ ନିମନ୍ତେ ତାଲିମ କାର୍ଯ୍ୟକ୍ରମ

**କଟକ, ୯।୧୦ (ନି.ପ୍ର):** ଆଗାମୀ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ (PRI) ଓ ପୌର ସଂସ୍ଥା (ULB)ମାନଙ୍କ ନିର୍ବାଚନ ପାଇଁ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟ ନେଇ 'ଘରକୁ ଘର' (Door to Door)D2D ସର୍ବେକ୍ଷଣ ଅଭିଯାନ ନିମନ୍ତେ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରଙ୍କ ପାଇଁ ଏକ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଲଜିତ ଦାସ, ଉପ-ଜିଲ୍ଲାପାଳ, ଆଠଗଡ ଶ୍ରୀ ଅନିମେଶ ପ୍ରଧାନ, ଉପ-ଜିଲ୍ଲାପାଳ,ବାଙ୍କି ଶ୍ରୀମତୀ ମନସ୍ୱିନୀ ଦାସ, ନିର୍ବାହୀ ଅଧିକାରୀ ଚୌଦ୍ୱାର ପୌରାଞ୍ଚଳ ଶ୍ରୀ ସୌମ୍ୟରଞ୍ଜନ ମିଶ୍ର ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ । ଏହି ସର୍ବେକ୍ଷଣ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାସ୍ତବ ଭୌଗଳିକ ସ୍ଥିତି ଅନୁସାରେ ପଞ୍ଚାୟତ ଏବଂ ସହରାଞ୍ଚଳ ନିର୍ବାଚନ ପାଇଁ ବୁଥ୍ ଭିତ୍ତିକ ତାଲିକା ପ୍ରସ୍ତୁତ କରିବା, ଗୋଟିଏ ଭୋଟ ଦାନ କେନ୍ଦ୍ର ପାଇଁ ଏକ ନିର୍ଦ୍ଧିଷ୍ଟ ଭୌଗଳିକ ଅଞ୍ଚଳ ଚିହ୍ନଟ କରିବା, ପ୍ରତ୍ୟେକ ପରିବାର ଏବଂ ପ୍ରତ୍ୟେକ ଭୋଟରଙ୍କୁ ସଠିକ ଘର ନମ୍ବର ସହ ଯୋଡିବା, ଗୋଟିଏ ପରିବାରର ସମସ୍ତ ଭୋଟରଙ୍କୁ ଭୋଟର ତାଲିକାରେ କ୍ରମାନ୍ୱୟରେ ରଖିବା, ଭୋଟର ତାଲିକାରୁ ସମସ୍ତ ଅନ୍ତର୍ଭୁକ୍ତିକରଣ ତ୍ରୁଟିଗୁଡିକୁ ବାଦ୍ ଦେବା ଏବଂ ସମସ୍ତ ବାଦ୍ ପଡିଥିବା ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା । ବୁଥ୍ ସ୍ତରୀୟ ଅଧିକାରୀ(BLO), ଅଙ୍ଗନୱାଡ଼ି କର୍ମୀ (AWW), ଜଳସାଥି, ସ୍ୱଚ୍ଛସାଥି ଏବଂ ଆଶା କର୍ମୀ ଘରକୁ ଘର ବୁଲି ସର୍ବେକ୍ଷଣ କରିବେ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ,ବୁଥ୍ ସ୍ତରୀୟ ଅଧିକାରୀଙ୍କର (BLOs) ସୁପରଭାଇଜର, ନିର୍ବାଚକ ପଞ୍ଜିକରଣ ଅଧିକାରୀ(EROs ) ଏବଂ ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ (AEROs) ସମ୍ପୂର୍ଣ ପ୍ରକ୍ରିୟାର ତଦାରଖ କରିବେ । ଭୋଟର ସମ୍ପର୍କୀୟ ତଥ୍ୟକୁ ଓଡ଼ିଶା ରାଜ୍ୟ ଡାଟା ସେଣ୍ଟର (OSDC) ରେ ସଂରକ୍ଷଣ କରାଯିବ ଏବଂ GIS ମୋବାଇଲ୍ ଆପ୍ ଦ୍ୱାରା ସର୍ବେକ୍ଷଣ ହେଉଥିବା ମାର୍ଗର ଅକ୍ଷାଂଶ ଓ ଦ୍ରାଘିମା ର ତଥ୍ୟ ସଂଗ୍ରହ କରାଯାଇ ୱାର୍ଡ ୱାରୀ ମାନଚିତ୍ର ତିଆରି କରି ତାହାର ସଂରକ୍ଷଣ ମଧ୍ୟ କରାଯିବ । ଆଜିର ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ,ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ,ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ,ପଞ୍ଚାୟତ ନିର୍ବାହୀ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀଙ୍କର (BLOs) ସୁପରଭାଇଜର ମାନେ ଯୋଗଦେଇଥିବା ବେଳେ ଡେପୁଟୀ କଲେକ୍ଟର ନୁରୀ ପରବିନ୍ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛାତ୍ର ସଂସଦ ନିର୍ବାଚନ ପାଇଁ ବିରାଟ ଶୋଭାଯାତ୍ରା ସହ ଏବିଭିପି ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ

# ଚଳିତ ନିର୍ବାଚନରେ ଏବିଭିପି ଦେଖାଇବ କରିସ୍ମା

**ପାରାଦୀପ,୯/୧୦ (ନି.ପ୍ର):** ଆସନ୍ତା ଅକ୍ଟୋବର ୧୫ ତାରିଖ ଛାତ୍ର ସଂସଦ ନିର୍ବାଚନ ପାଇଁ ୯ ତାରିଖ ଶୁକ୍ରବାର ଦିନ ବିଭିନ୍ନ ମହ୍ୱବିଦ୍ୟାଳୟ ର ପ୍ରାର୍ଥୀପତ୍ର ଦାଖଲ କରିବାର ସମୟ ନିର୍ଦ୍ଧାର୍ଯ୍ୟ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ବିଭିନ୍ନ ପ୍ରାର୍ଥୀ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମର୍ଥିତ ପ୍ରାର୍ଥୀ ମାନେ ଏକ ବିରାଟ ଶୋଭାଯାତ୍ରାରେ ହନୁମାନ ମନ୍ଦିର ପାଖରୁ ବାହାରି ସହର ପରିକ୍ରମା କରି ପାରାଦୀପ ମହାବିଦ୍ୟାଳୟ ରେ ପହଞ୍ଚି ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏଥିରେ ଏବିଭିପି ପକ୍ଷରୁ ସଭାପତି ଭାବେ ରାକେଶ ବେଜ ଙ୍କ ସମେତ ସମସ୍ତ ୨୪ ଗୋଟି ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଯୁବ ବିଜେଡି ଦଳ ସମର୍ଥିତ ସଭାପତି ଭାବେ ଆଦିତ୍ୟ



ପ୍ରସାଦ ମଲ୍ଲିକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ଅନ୍ୟ ସମର୍ଥିତ ସଭାପତି ପ୍ରାର୍ଥୀ ପାଇଁ ଲକ୍ଷ୍ମୀପ୍ରିୟା ବାରିକ, ଶୁଭଲକ୍ଷ୍ମୀ ଦାସ ଓ ତ୍ରିଶୀଳା ରାଉତ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେବେ ଆଜିର ଏବିଭିପି ସମର୍ଥିତ ପ୍ରାର୍ଥୀ ମାନଙ୍କ ଶୋଭାଯାତ୍ରା ରେ ପ୍ରାୟ ୩ ଶହ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ସ୍ଲୋଗାନ ଦେଇ ବାଇକ ରାଲିରେ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଶେଷ ମୁହୂର୍ତ୍ତ ରେ ଅନ୍ୟ ପ୍ରାର୍ଥୀ ମାନେ ଅଳ୍ପ କିଛି ସମର୍ଥକ ଙ୍କ ସହ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତେବେ ଏହି ଶକ୍ତି ପ୍ରଦର୍ଶନ ରୁ ଏବିଭିପି ସମର୍ଥିତ ପ୍ରାର୍ଥୀ ମାନଙ୍କ ପଲ୍ଲା ଭାରି ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ଚଳିତ ନିର୍ବାଚନ ରେ ଏବିଭିପି ଦେଖାଇବ କରିସ୍ମା ବୋଲି ହେଉଥିବା ଲୋକଆଲୋଚନା କୁ ଏଡାଇ ଦିଆଯାଇ ନପାରେ।

# ଜଗତସିଂହପୁର ଅବକାରୀ ବିଭାଗକୁ ସଫଳତା

## ୫୫ ବୋତଲ କୋଡ଼ିନ କଫସିରପ ଓ ବୁଲେଟ ସହ ଯୁବକ ଗିରଫ

ଜଗତସିଂହପୁର,୯।୧୦: ଜଗତସିଂହପୁର ଥାନା ଅନ୍ତର୍ଗତ ଆଳିପିଙ୍ଗଳ ବଜାର ରୁ ଜଣେ କଫ ସିରପ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଯାଞ୍ଚ ପରେ ତାଙ୍କ ପାଖରୁ ୫୫ ବୋତଲ(୫ଲିଟର ୫୦୦ ମିଲି)ର ଏସ୍ କୁଫ କୋଡ଼ିନ ଫସଫେଟ୍ ଟ୍ରିପୋଲିଡିନ ହାଇଡ୍ରୋକ୍ଲୋରାଇଡ ସିରଫ, ଏକ ଆଣ୍ଡ୍ରଏଡ ଫୋନ ଏବଂ ଏକ ରୟାଲ ଏନଫିଲ୍ଡ ମୋଟର ସାଇକେଲ (ନଂ- ଓଡ଼ି-୦୫-କ୍ୟୁ-୭୮୭୨) ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ଜଗତସିଂହପୁର ଥାନା ଓଡପଡା ଗ୍ରାମର ପ୍ରଶାନ୍ତ ପଲେଇଙ୍କ ପୁଅ ବଇରି ଗଞ୍ଜନ ପଲେଇ (୩୯) ଦୀର୍ଘ ଦିନ ଧରି ଆଳିପିଙ୍ଗଳ ଅଞ୍ଚଳରେ ବେଆଇନ କୋଡ଼ିନ କଫ ସିରପ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା। ସବୁଥର ଭଳି ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବାବେଳେ ଅନେକ କସରତ୍ ପରେ ଆଜି କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା। ଏକ ଗୁଇନ୍ଦା ଖବର କୁ ଭିତ୍ତି କରି ବଇରି ଗଞ୍ଜନ ପଲେଇ ଙ୍କ ସମ୍ପର୍କରେ ତଥ୍ୟ ବାହାର କରିଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ।

ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ସେ ଆଜି ନିଜର ବୁଲେଟ ମୋଟର ସାଇକେଲ ରେ କୋଡ଼ିନ କଫ ସିରପ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍-ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏ ଏସ୍ ଆଇ



କ୍ଷୀରୋଦ କୁମାର ସାହୁ, କନଷ୍ଟେବଲ ବିଶ୍ୱନାଥ ମୁଣ୍ଡା, ଶୁଭଶ୍ରୀ ବିଶ୍ୱାଳ, ସୁକାନ୍ତ ମାଝୀ, ବିଶ୍ୱରଞ୍ଜନ ସ୍ୱାଇଁ, ଅନୁରାଗ ସୂର୍ଯ୍ୟବଂଶୀ, ସବିତା ନାୟକ ପ୍ରମୁଖ ଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ। ଆଳିପିଙ୍ଗଳ ବଜାର ଠାରେ ଆଜି ସେ ଗ୍ରାହକଙ୍କୁ ହେରୋଇନ ବିକ୍ରି କରୁଥିବା ବେଳେ ଗ୍ରାହକ ବେଶରେ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀ। ଜବତ କଫ ସିରପ ସହ ମଟରସାଇକେଲ ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୧,୪୦,୭୮୦ ଟଙ୍କା ହେବ। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର କେସ୍ ସଂଖ୍ୟା ୧୮୪୨୦୨୬-୨୭ ରେ ମାମଲା ରୁଜୁ କରାଯାଇ ଜିଲ୍ଲା ଗୈରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍ କୁ ପଠାଯାଇଛି। । ଜଗତସିଂହପୁର ଅଞ୍ଚଳରେ ନାର୍କୋଟିକ୍ସ ବ୍ୟବସାୟ କୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ଓ ସମସ୍ତ ନିଶାବେପାରୀଙ୍କୁ ଜେଲ୍ ରେ ପୁରାଇବାକୁ ଜଗତସିଂହପୁର ଅବକାରୀ ବିଭାଗ ଉଦ୍ୟମ ରତ ଥିବାର ସେ କହିଛନ୍ତି।

# ରୁଙ୍ଗଟା ପକ୍ଷରୁ ନୂତନ ପ୍ରକଳ୍ପର ଲୋକାର୍ପଣ

ଯୋଡା,୯।୧୦: କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ଏସ ଆର ରୁଙ୍ଗଟା ତରଫରୁ ଔଦଗିକ ସାମାଜିକ ଦାଇତ୍ୱବୋଧ ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି। ଯଥା ଓରାଘାଟ, ଗୋପିସାହି ଓ ଜଡ଼ିପଡ଼ା ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପରେ ପାଇପଲାଇନ ଜରିଆରେ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି,ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାକୁ ଆଖିଆଗରେ ରଖି ଜଡ଼ିପଡ଼ା ଗ୍ରାମରେଥିବା ଗାଧୁଆତୁଠର ମରାମତି ସହିତ ଲୁଗା ବଦଳାଇବା ଗୃହର ନିର୍ମାଣ କରାଯାଇଛି। ଏହା ସହିତ ମାଲଦା, ଚୋରମାଲଦା, କାକରପାଣି ଗ୍ରାମରେଥିବା ପାନୀୟଜଳ ପ୍ରକଳ୍ପରେ ପାଇପଲାଇନ ଜରିଆରେ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି, ତତସହିତ ମାଲଦା ଉପରସାହି ଓ ଗେଡେଇ ଗ୍ରାମରେ ବୋରିଂ କରାଯାଇ ପାଇପଲାଇନ ଜରିଆରେ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି ଏବଂ



ମାଲଦା ଗ୍ରାମରେ ଥିବା ସାମାଜିକ ତଥା ସାଂସ୍କୃତିକ ମଣ୍ଡପର ପୂର୍ଣ୍ଣଉଧାର କାର୍ଯ୍ୟ ଏବଂ ଚୋରମାଲଦା ଗ୍ରାମରେ ପୂଜାମଣ୍ଡପ ସହିତ ସେଡ ର ନିର୍ମାଣ କାର୍ଯ୍ୟ ଜାରି ରହିଛି.। ପୂର୍ବରୁ ମଧ୍ୟ ଗ୍ରାମାଞ୍ଚଳରେ ରୁଙ୍ଗଟା ତରଫରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି। ମାଲଦା ଗ୍ରାମରେ ଏକ ସଭାର ଆୟୋଜନ କରାଯାଇ ରୁଙ୍ଗଟା କମ୍ପାନୀ ତରଫରୁ ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ପ୍ରଧାନ ଉକ୍ତ ପ୍ରକଳ୍ପ ଗୁଡ଼ିକୁ ହସ୍ତାନ୍ତର କରିଥିଲେ. ଅନ୍ୟମାନଙ୍କ ମଧ୍ୟରେ ଡ. ଅଞ୍ଜନ କୁମାର ଲେଙ୍କା, ସମୀରଞ୍ଜନ ଦାସ, କାର୍ତ୍ତିକ ମହାନ୍ତ, ଶମ୍ଭୁନାଥ ବେହେରା, ରାମେଶ୍ୱର ପାଇକରାୟ, ସୁରେନ୍ଦ୍ର କୁମାର ଯୋଗୀ, ଏସ ଏସ ସାହୁ, ବିଷ୍ଣୁ ଶର୍ମା ପ୍ରମୁଖ ଅଂଶଗ୍ରହଣ କରିଥିଲେ. କମ୍ପାନୀର ଏହି ଉନ୍ନତି ମୂଳକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିଲା।

# ଧର୍ମଶାଳା କଲେଜରେ ଛାତ୍ର ସଂସଦ ନିର୍ବାଚନ,ନାମାଙ୍କନ ପତ୍ର ଦାଖଲ ଶେଷ

ଚଣ୍ଡିଖୋଲ (ନିପ୍ର): ଧର୍ମଶାଳା, ୯ ।୧୦ (ଧର୍ମଶାଳା): କଲେଜ ଗୁଡିକରେ ହେବାକୁଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ନାମାଙ୍କନ ଦାଖଲ କରିବାକୁ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ଧର୍ମଶାଳା ମହାବିଦ୍ୟାଳୟରେ କେବଳ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମର୍ଥୀତ ପ୍ରର୍ଥୀମାନେ ନାମାଙ୍କନ ଦାଖଲ କରିଥିବାରୁ ସମସ୍ତ ପ୍ରାର୍ଥୀ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଥିବା ଜଣାପଡିଛି । ଅଜି କଲେଜ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଦିନ ୧୦ ରୁ ଦିନ ୧ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ରହିଥିଲା । ତେବେ ଆଜି କେବଳ ଏବିଭିପି ସମର୍ଥୀତ ୧୭ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ଦାଖଲ କରିଥିବା ବେଳେ




ଅନ୍ୟ କୌଣସୀ ଦଳ ସମର୍ଥିତ କିମ୍ବା ସ୍ୱାଧିନ ଭାବେ କୌଣସୀ ପ୍ରାର୍ଥୀ ନାମାଙ୍କନ ଦାଖଲ କରିନଥିଲେ । ଫଳରେ ଆଜି ନାମାଙ୍କନ ଦାଖଲ କରିଥିବା ଏବିଭିପି ସମର୍ଥୀତ ସମସ୍ତ ପ୍ରାର୍ଥୀଙ୍କ ବିଜୟ ହୋଇଛି । ଆଜି ଏବିଭିପି ସମର୍ଥୀତ ସମସ୍ତ ପ୍ରାର୍ଥୀମାନେ ଜାରକା ଜେମାଶୁଣୀ ପୀଠରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ କଲେଜ ପର୍ଯ୍ୟନ୍ତ ଯାଇ ସେଠାରେ ୧୭ ଗୋଟି ପୋଷ୍ଟ ଲାଗି ତିନି ସେଟ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଦିନ ୨ଟାରୁ ୪ ମଧ୍ୟରେ ନାମାଙ୍କନ ପତ୍ର ଯାଂଚ କରାଯାଇଥିବା ବେଳେ ଏବିଭିପି ସମର୍ଥୀତ ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଥିଲା । ଏନେଇ କଲେଜ ପକ୍ଷରୁ ନୋଟିସ ମାଧ୍ୟମରେ ଜଣାଯାଇଛି । ଛାତ୍ର ସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ( ଏବିଭିପି) ସମର୍ଥୀତ ପ୍ରାର୍ଥୀମାନଙ୍କ ଏକ ପାଖିଆ ବିଜୟ ପାଇଁ ସମସ୍ତ ଶ୍ରେୟ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଯାଇଛି । ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି ପ୍ରାର୍ଥୀ ଚୟନ କରାଯାଇଥିଲା ବେଳେ ଆଜି ସେମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟରେ ଚଳିତ ବର୍ଷ ପାଇଁ ଏବିଭିପି ସମର୍ଥୀତ ପ୍ରାର୍ଥୀମାନେ ନିଦ୍ୱନ୍ଦରେ ବିଜୟଲାଭ କରିଥିବା ବେଳେ ଆଜି ଶାନ୍ତି ଶୃଙ୍ଖଳାରେ ନାମାଙ୍କନ ପ୍ରକ୍ରିୟା ସମାପ୍ତ ହୋଇଛି ବୋଲି କଲେଜର ଅଧକ୍ଷ ସୁରେଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି । ସୁନିଶ୍ଚିତ ବିଜୟ ଜଣାପଡିବା ପରେ ଏବିଭିପି ସମର୍ଥୀତ ସମସ୍ତ ପ୍ରର୍ଥୀ ବିଧାୟକ ଶ୍ରୀ ସାହୁଙ୍କୁ ଭେଟି ଆସିର୍ବାଦ ନେଇଥିଲେ । ଧର୍ମଶାଳା ମହାବିଦ୍ୟାଳୟରେ ଚଳିତ ବର୍ଷ ପାଇଁ ସଭାପତି ଭାବେ ଦିବ୍ୟରଞ୍ଜନ ନାୟକ,ଉପସଭାପତି ସ୍ୱାଧିନ ସ୍ୱାଇଁ , ସାଧାରଣ ସମ୍ପାଦକ ସ୍ୱୟଂଶ୍ରୀ ଖଟୁଆ, ସହ ସମ୍ପାଦକ ରାଜଶ୍ରୀ ସାମଲ,ଛାତ୍ର ସଂସଦ କ୍ଲାସ ରିପ୍ରେଜେନଟିଭ୍ ପ୍ରଭାତ କୁମାର ରାଉତ, ନାଟ୍ୟ ସମ୍ପାଦକ ଶୁଭଦର୍ଶିନୀ ବଳ, ନାଟ୍ୟ ସହ ସମ୍ପାଦକ ଓମପ୍ରକାଶ ରାଉତ, ନାଟ୍ୟ ସଂସଦ କ୍ଲାସ୍ ରିପ୍ରେଜେନଟିଭ୍ ଋତୁରାଣୀ କର, କ୍ରୀଡା ସମ୍ପାଦକ ଗୌତମ ବେହେରା, କ୍ରୀଡା ସହ ସମ୍ପାଦକ ପ୍ରଗତିକା ମୁଦୁଲି, କ୍ରୀଡା କ୍ଲାସ୍ ରିପ୍ରେଜେନଟିଭ୍ ଦୀପାଂଶୁ ପଲେଇ, ବିଜ୍ଞାନ ସଂସଦ ସମ୍ପାଦକ ଅର୍ଘ୍ୟରୂପା ପାଣିଗ୍ରାହୀ, ବିଜ୍ଞାନ ସଂସଦ ସହ ସମ୍ପାଦକ ମୃତ୍ୟୁଞ୍ଜୟ ଦାସ, ବିଜ୍ଞାନ ସଂସଦ କ୍ଲାସ ରିପ୍ରେଜେନଟିଭ୍ ମନୀଷା ଜେନା, ପୂଜା ସମ୍ପାଦକ ଶୁଭମ ପ୍ରକାଶ ପା ?ୀ, ପୂଜା ସହ ସମ୍ପାଦକ ସୌମ୍ୟରଞ୍ଜନ ରାଉତ, ପୂଜା କ୍ଲାସ୍ ରିପ୍ରେଜେନଟିଭ୍ ରଞ୍ଜିତ ମହାନ୍ତି ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ଆଶା, ଆକାଂକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତକୁ ପାଥେୟ କରି ସମସ୍ତେ ମହାବିଦ୍ୟାଳୟର ବିକାଶ ତଥା ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ମୋର ଦୃ ? ବିଶ୍ୱାସ । ତୁମମାନଙ୍କର ଏହି ସଫଳତା ନୂତନ ଆଶା ଓ ସମ୍ଭାବନାର ଏକ ନୂଆ ଅଧ୍ୟାୟ ଆରମ୍ଭ କରୁ । ଏଥି ସହିତ ବିଧାୟକ ଶ୍ରୀ ସାହୁ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳ କାର୍ଯ୍ୟକାଳ କାମନା କହିଛନ୍ତି ।

# ଏସ୍ଆଇଆର ନେଇ ରାଜନୈତିକ ଦଳଙ୍କ ସହ ବୈଠକ

ଅନୁଗୋଳ: ଜିଲ୍ଲାରେ ନାମ ପଞ୍ଜୀକରଣରୁ ବାଦ ପଡ଼ିଥିବା ଯୋଗ୍ୟ ଭୋଟର ଏବଂ ପ୍ରଥମ ଥର ଭୋଟଦାନ କରିବାକୁ ଥିବା ଯୁବ ଭୋଟରଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଅନୁଗୋଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ପଞ୍ଜୀକୃତ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ପ୍ରତିନିଧିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିର୍ବାଚନ ପ୍ରକ୍ରିୟାରେ ଅଧିକ ଜନସହଭାଗିତା ସୁନିଶ୍ଚିତ କରିବା, ଯେଉଁ ଯୋଗ୍ୟ ନାଗରିକମାନଙ୍କ ନାମ ଏପର୍ଯ୍ୟନ୍ତ ଭୋଟର ତାଲିକାରେ ସାମିଲ ହୋଇନାହିଁ ସେମାନଙ୍କୁ ଚିହ୍ନଟ କରିବା ଏବଂ ନାମ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅଭିଯାନକୁ ସଫଳ କରିବା ପାଇଁ ରାଜନୈତିକ ଦଳମାନଙ୍କୁ ସେମାନଙ୍କ ବୁଥ୍ ସ୍ତରୀୟ ଏଜେଣ୍ଟ (ଈଖଈ)ଙ୍କ ମାଧ୍ୟମରେ ସକ୍ରିୟ ସହଯୋଗ କରିବା ସହ ବୁଥ୍ ସ୍ତରୀୟ ଅଧିକାରୀ (ଈଖଡ) ଏବଂ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ଅନୁରୋଧ କରାଯାଇଥିଲା। ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲକରିବା ପାଇଁ ଫର୍ମ-୬ (ଋକ୍ସଙ୍କ-୬) ଦାଖଲ କରିବାକୁ ଉତ୍ସାହିତ କରାଯାଇଥିଲା ।

୦୮.୧୦.୨୦୨୬ ତାରିଖ ସୁଦ୍ଧା ଅନୁଗୋଳ ଜିଲ୍ଲାରେ ମୋଟ ୯,୨୧,୦୯୭ ଜଣ ଭୋଟର ରହିଛନ୍ତି। ଏଥିମଧ୍ୟରେ ୪,୭୬,୨୩୫ ଜଣ ପୁରୁଷ, ୪,୪୪,୭୧୪ ଜଣ ମହିଳା ଏବଂ ୧୪୮ ଜଣ ତୃତୀୟ ଲିଙ୍ଗର ଭୋଟର ଅଛନ୍ତି। ଜିଲ୍ଲାରେ ୧୮-୧୯ ବର୍ଷ ବୟସବର୍ଗର ୯,୭୭୯ ଜଣ ଯୁବ ଭୋଟର, ୧୦,୯୯୧ ଜଣ ଭିନ୍ନକ୍ଷମ ଭୋଟର (ଟଙ୍ଗଉଗ୍ମ) ଏବଂ ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ୬,୩୫୨ଜଣ ବରିଷ୍ଠ ନାଗରିକ ଅଛନ୍ତି। ଜିଲ୍ଲାରେ ମୋଟ ୧,୨୯୭ଟି ମତଦାନ କେନ୍ଦ୍ର ରହିଛି।

ଯୋଗ୍ୟ ଭୋଟରଙ୍କ ନାମ ପଞ୍ଜୀକରଣ, ଆବେଦନ ଦାଖଲରେ ସହାୟତା ଏବଂ ନିର୍ବାଚନୀ ପଞ୍ଜୀକରଣ ସମ୍ପର୍କିତ ଆବଶ୍ୟକ ସୂଚନାପ୍ରଦାନ ନିମନ୍ତେ ୦୭.୧୦.୨୦୨୬ ରୁ ୦୯.୧୦.୨୦୨୬ ପର୍ଯ୍ୟନ୍ତ ସମସ୍ତ ମତଦାନ କେନ୍ଦ୍ରରେ ସ୍ୱତନ୍ତ୍ର ବୁଥ୍ ସ୍ତରୀୟ ଅଭିଯାନଆୟୋଜନ କରାଯାଉଛି।ଏହା ସହିତ ମତଦାନ କେନ୍ଦ୍ରଗୁଡ଼ିକରେ ସ୍ୱତନ୍ତ୍ର ସଚେତନତା ଅଭିଯାନ, ନିର୍ବାଚନୀ ସାକ୍ଷରତା କ୍ଲବ୍ (ଋଖଉ), ଜିଲ୍ଲା ନିର୍ବାଚନକାର୍ଯ୍ୟାଳୟ ଓ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ସାମାଜିକ ଗଣମାଧ୍ୟମ, ସହରାଞ୍ଚଳରେ ପରିମଳ ଯାନ ମାଧ୍ୟମରେ ପ୍ରଚାର ଏବଂଉଓଘରଞ୍ଜ ଆପ୍ ଓ ନାଗରିକ ସେବା ପୋର୍ଟାଲ୍ର ବ୍ୟବହାର ସମ୍ପର୍କରେ ଅଧିକ ପ୍ରଚାରପ୍ରସାର କରିବା ଉପରେ ବୈଠକରେଗୁରୁତ୍ୱାରୋପ କରାଯାଇଥିଲା ।

ଜିଲ୍ଲା ନିର୍ବାଚନ ପ୍ରଶାସନ ପକ୍ଷରୁ ସମସ୍ତ ଯୋଗ୍ୟ ନାଗରିକ, ବିଶେଷକରି ଯୁବ ଓ ପ୍ରଥମ ଥର ଭୋଟଦାନ କରିବାକୁ ଥିବାଭୋଟରମାନଙ୍କୁ ନିଜ ନାମ ଭୋଟର ତାଲିକାରେ ସାମିଲ ହୋଇଛି କି ନାହିଁ ଯାଞ୍ଚ କରିବା ସହ ଆବଶ୍ୟକ ହେଲେ ନାମ ପଞ୍ଜୀକରଣପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ରାଜନୈତିକ ଦଳ ଓ ସେମାନଙ୍କ ବୁଥ୍ ରୀୟ ଏଜେଣ୍ଟମାନଙ୍କୁ ସକ୍ରିୟ ସହଯୋଗ କରିବାକୁ ଜିଲ୍ଲା ନିର୍ବାଚନ ପ୍ରଶାସନ ଆହ୍ୱାନ ଜଣାଇଛି।

# ୨ୟ ଇଣ୍ଟରନେସନାଲ୍ ଟ୍ରେଡ ଫେୟାର ଆୟୋଜିତ

ଅନୁଗୋଳ(ମନ୍ଥନ): ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା.ଲି. ଓ ଅନୁଗୋଳ ବାଣିଜ୍ୟ ମେଳାର ପକ୍ଷରୁ ସ୍ଥାନୀୟ ବିଜୁ ମୈଦାନ ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି ୨ୟ ଇଣ୍ଟରନେସନାଲ୍ ଟ୍ରେଡ ଫେୟାର ।ଏ ନେଇ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଅଛି ସାମ୍ବାଦିକ ସମ୍ମିଳନୀ । ଅକ୍ଟୋବର ୦୯ ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବାନେଇ ଆୟୋଜକ ମାନଙ୍କ ତରଫରୁ ସୂଚନା ଦିଆଯାଇଅଛି ।

ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା.ଲି. ସଂସ୍ଥା ୧୫ ବର୍ଷରୁ ଅଧିକ ସମୟ ଧରି ପ୍ରଦର୍ଶନୀ, ବାଣିଜ୍ୟ ମେଳା ଏବଂ କର୍ପୋରେଟ୍ କାର୍ଯ୍ୟକ୍ରମ ଆୟୋଜନ କ୍ଷେତ୍ରରେ ଅଭିଜ୍ଞତା ହାସଲ କରିଥିବା ଏକ ଅଗ୍ରଣୀ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ଓ ଏହା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଭାବଶାଳୀ ସେବା ପ୍ରଦାନ କରାଯାଉଛି।"୨ୟ ଅନୁଗୁଳ ଇଣ୍ଟରନ୍ୟାସନାଲ୍ ଟ୍ରେଡ୍ ? ଫେୟାର ୨୦୨୬ରେ ମେଳାରେ ଅତ୍ୟାଧୁନିକ ଏସି ପାଭିଲିୟନ୍ ବ୍ୟବସ୍ଥା ରହିବ, ଯାହା ପ୍ରଦର୍ଶକ ଓ ଦର୍ଶକମାନଙ୍କ ପାଇଁ ଆରାମଦାୟକ ଏବଂ ତାପମାତ୍ରା-ନିୟନ୍ତ୍ରିତ ପରିବେଶ ସୁନିଶ୍ଚିତ କରିବ । ୨୨ଟି ରାଜ୍ୟ ଏବଂ ୧୦ଟି ଦେଶର ଅଂଶଗ୍ରହଣ ସହ ଏହି ବିଶ୍ୱସ୍ତରୀୟ ମେଳାରେ ଦେଶ-ବିଦେଶର ୧ ଲକ୍ଷରୁ ଅଧିକ ଉତ୍ପାଦ ପ୍ରଦର୍ଶିତ ହେବ ।ମେଳାର ପ୍ରମୁଖ ଆକର୍ଷଣ ହେବ ଭାରତର ବିଭିନ୍ନ ସ୍ଥାନର ଫର୍ଣ୍ଣିଚର୍, ଯେଉଁଥିରେ କାଶ୍ମୀରୀ ଫର୍ଣ୍ଣିଚର୍, କାର୍ଭି ଫର୍ଣ୍ଣିଚର୍ ?, ଆଣ୍ଟିକ୍ ଫର୍ଣ୍ଣ୍ ?ଚର୍ ?, ସୋଫା ସେଟ୍, ଡାଇନିଂ ସେଟ୍ଏବଂ କାର୍ଭିଂ ଝୁଲା ରହିବ ।ଆଫଗାନିସ୍ତାନର ୧୦୦ ପ୍ରକାରର ଶୁଖୁଲା ଫଳ ।ବାଂଲାଦେଶର କାମବାନୀ ଶାଢ଼ି ଓଇରାନର ଇରାନୀ ଖଜୁରୀ, ଗହଣା ଏବଂ ହର୍ବାଲ୍ ତେଲ ଓଦୁବାଇର ପର୍ଫ୍ୟୁମ୍,ଥାଇଲାଣ୍ଡର ଗହଣା, ଜୋତା ଏବଂ ପୋଷାକ କୋରିଆର ମହିଳା ସାମଗ୍ରୀ ଓଭାରତର ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ।ଆଣ୍ଟିକ୍ ଧାତୁ ଏବଂ ଇଉ ଷ୍ଟୋନ୍ ଗହଣା,ଉତ୍ତରପ୍ରଦେଶର ଇରାଜୀ, ପାର୍ସିଆନ୍ ଏବଂ ଭଦୋହି କାର୍ପ ?ଟ୍ ,ଆଣ୍ଟିକ୍ ପିତ୍ତଳ ଏବଂ ତମ୍ବା ସାମଗ୍ରୀ,ଦୁବାଇର ପୋଷାକ,ଆଣ୍ଟିକ୍ ହେକୋରେସନ୍ ୱାଲ୍ ଫ୍ରେମ୍,ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ଚମଡ଼ା ସାମଗ୍ରୀ,ସିଙ୍ଗାପୁରର ବିଭିନ୍ନ ସାମଗ୍ରୀ,ମାଲେସିଆର ଫାଉଣ୍ଟେନ୍

ଖଦି ଏବଂ କୁରେସିଆ ସାମଗ୍ରୀ,ଭାଗଲପୁର, ପଞ୍ଜାବ, ବାରାଣସୀ, ଜୟପୁର, ଓଡ଼ିଶା ଏବଂ ବାଂଲାଦେଶର ପୋଷାକ ଓ ଶାଢ଼ି ,ବିଛୁଟି ଆକ୍ସେସରିଜ୍, ଇଲେକ୍ଟ୍ରୋନିକ୍ସ, ଉପଭୋକ୍ତା ସାମଗ୍ରୀ ଏବଂ ଆହୁରି ଅନେକ ପ୍ରକାରର ସାମଗ୍ରୀ ପ୍ରଦର୍ଶନ ସହିତ ବିକ୍ରୟ ହେବ ।ମେଳାର ଏକ ବିଶେଷ ଆକର୍ଷଣ ହେଉଛି ଫୁଟ୍ ଜୋନ୍, ଯେଉଁଠାରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଏବଂ ସ୍ୱଚ୍ଛତାପୂର୍ଣ୍ଣ ଖାଦ୍ୟ ପରିବେଷଣ କରାଯିବ। ୧୧ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ୩ ଲକ୍ଷରୁ ଅଧିକ ଦର୍ଶକଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି ଓ ଏହା ଗ୍ରାହକ ଏବଂ ବ୍ୟବସାୟୀମାନଙ୍କୁ ଏକ ଛାତ ତଳେ ବିଭିନ୍ନ ଉତ୍ପାଦ ଦେଖିବା, ପରସ୍ପର ସହ ଯୋଗାଯୋଗ କରିବା ଏବଂ ବ୍ୟବସାୟିକ କାରବାର କରିବା ପାଇଁ ଏକ ଉତ୍ ?କୃଷ୍ଟ ସୁଯୋଗ ପ୍ରଦାନ କରିବ ବୋଲି ସୁଜିତ ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତା ପ୍ରକାଶ କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ଆଞ୍ଚଳିକ ସହଯୋଗୀ ଭାବେ ଅନୁଗୋଳ ବାଣିଜ୍ୟ ମେଳାର ଆୟୋଜକ ପ୍ରତାପ ମହାପାତ୍ର ଓ ଜୟନ୍ତ କୁମାର କର ଉପସ୍ଥିତ ରହିଥିଲେ।

# ପାରାଦୀପ ମହାବିଦ୍ୟାଳୟ ଏନଏସଏସ ପକ୍ଷରୁ ନିଶାମୁକ୍ତ ସଚେତନତା ପଦଯାତ୍ରା

ପାରାଦୀପ- ପାରାଦୀପ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ନିଶାମୁକ୍ତ ସଚେତନତା ପଦଯାତ୍ରା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଅଛି । ମହାବିଦ୍ୟାଳୟର ଅଧକ୍ଷା ଡଃ. ସସ୍ମିତା ଶତପଥୀ ଙ୍କ ମାର୍ଗ




ଦର୍ଶନରେ ନିଶାମୁକ୍ତ ଅଭିଯାନ ଆୟୋଜିତ ହୋଇଥିଲା । ଏନ୍ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ଶ୍ରୀମତୀ ସଂଘମିତ୍ରା ପ୍ରଧାନଙ୍କ ଦ୍ୱାରା ଏହା ପରିଚାଳିତ ଏହି ପଦଯାତ୍ରା ପାରାଦୀପ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଆଦର୍ଶ ଥାନା ପର୍ଯ୍ୟନ୍ତ ଯାଇଥିଲା । ସ୍ୱେଚ୍ଛାସେବୀ ମାନେ ନିଶା ନିବାରଣ ବ୍ୟାନର ଓ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ନିଶା ସେବନର ଭୟାବହତା ଓ ଏଥିରୁ କିପରି ଦୂରେଇ ରହିବା ସେ ସମ୍ପର୍କରେ ସ୍ୱେଚ୍ଛାସେବୀ ମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର ଓ ଗଣେଶ୍ୱର ପାତ୍ର ସକ୍ରିୟ ସହଯୋଗ କରିଥିଲେ।

# ତିଖିରି ଠାରେ କୃଷକ ସଭା

ପାରାଦ୍ୱୀପ/ମହାକାଳପଡ଼ା,୯।୧୦: କୁଜଙ୍ଗ କୃଷକ ସମାଜ ପକ୍ଷରୁ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ଗ୍ରାମଠାରେ ମୂଷାଡ଼ିଆ କନ୍ଧା ଚାଷିମାନଙ୍କର ଏକ ବନ୍ଧୁ ମିଳନ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଅଞ୍ଚଳର ବିଭିନ୍ନ ମୌଜାରୁ ଆସିଥିବା କୃଷକମାନେ ଯୋଗଦେଇ, ବିଭିନ୍ନ ସମସ୍ୟା ଉପରେ



ଆଲୋଚନା କରାଯିବା ସହ ବେଆଇନିଭାବେ ପ୍ରତିଷ୍ଠିତ ପାରାଦ୍ୱୀପସ୍ଥ ଇଫକୋ ସାର କାରଖାନାକୁ ଆଇନୀର ରାସ୍ତା ଦେଖାଇବାକୁ ଆଲୋଚନା କରାଯାଇଥିଲା।

କୃଷକ ନେତା ସୁଶାନ୍ତ ଶେଖର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ନିରଞ୍ଜନ ନାୟକ ସଭାପତିତ୍ୱ କରିଥିବା ବେଳେ ମୂଷାଡ଼ିଆର ଜମି ପଟ୍ଟାଧାରୀମାନଙ୍କ ମଧ୍ୟରେ ରଞ୍ଜନ ମହାପାତ୍ର, କୈଳାସ ଦାସ, ରୋହିତ ଦାସ, ପ୍ରଦୀପ ବେହେରା, ଅରୂପାନନ୍ଦ ବେହେରା, ପ୍ରମୋଦ ସାହୁ,ଶୁଭେନ୍ଦୁ ଦାସ ସୁଶୀଳ ଖଟୁଆ, ବିଜୟ ନାୟକ, ସର୍ବ ?ଶ୍ୱର ପ୍ରଧାନ, ନିତ୍ୟାନନ୍ଦ ବେହେରା, ପ୍ରମୋଦ ସ୍ୱାଇଁ, ନିତ୍ୟାନନ୍ଦ ନାୟକ, ଖିରୋଦ ବେହେରା, ଗୋବିନ୍ଦ ତ୍ରିପାଠୀ, ପ୍ରକାଶ ବେହେରା, ଘନଶ୍ୟାମ ଦାସ, ଲିଲୁ ବେହେରା, ରାଧାଶ୍ୟାମ ପରିଡା, ଅଭୟ ନାୟକ, ନେହେରୁ ମହାନ୍ତି, ବିଚିତ୍ର ପ୍ରଧାନ, ପିତାମ୍ବର ସ୍ୱାଇଁ, ଧ୍ରୁବ ବେହେରା, ଅନାମ ବିଶ୍ୱାଳ,ସୁରେଶ ଚନ୍ଦ୍ର, ଭିକାରୀ ପଟ୍ଟନାୟକ, ପ୍ରତାପ ବିଶ୍ୱାଳ, ରମେଶ ବେହେରା, ଅଶୋକ ରାଉତ, ଦୀପକ ରାଉତ,ସରୋଜ ବେହେରା,ଚିତ୍ତ ବିଶ୍ୱାଳ, ସୁଶୀଲ ସାହୁ, ଧ୍ରୁବ ବେହେରା,ସୁଶାନ୍ତ ସାହୁ, ଅତୁଲ୍ୟ ପଟ୍ଟନାୟକ, ଶିଧେଶ୍ୱର ଦାସ, ସୁରେଶ ସାମଲ, ପବିତ୍ର ମହାପାତ୍ର, ଅକ୍ଷୟ ବେହେରା, ଗୌରାଙ୍ଗ ବେହେରା, ଭୀମସେନ ରାଉତ, ଆଶୁତୋଷ ଦାସ, ଗୋପବନ୍ଧୁ ଖଟୁଆ, ଭାରତ ଦାସ, ବାଉରୀବନ୍ଧୁ ଲେଙ୍କା, କୈଳାସ ଲେଙ୍କା, ଶିଶିର ଦାସ, ରମେଶ ଜେନା, ସନ୍ତୋଷ ନାୟକ, ଉର୍ମିଳା ମହାପାତ୍ର, ଧିରେନ ନାୟକ, ଗଙ୍ଗାଧର ଖଟୁଆ, ଗୋବିନ୍ଦ ଦାସ, ମହେନ୍ଦ୍ର ବେହେରା, ବିବେକ ପ୍ରଧାନ, ଅଶୋକ ବସନ୍ତିଆ, ଶଶିକାନ୍ତ ବସନ୍ତିଆ, ସୁଶାନ୍ତ ଦାସ ପ୍ରମୁଖ ଯୋଗଦେଇ ପୈତୃକ ସମ୍ପତ୍ତିର ସୁରକ୍ଷା ପାଇଁ ଏକତା ବଜାଇ ରଖି ଆଇନିଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦୃଢ ନିଷ୍ପତି ନେଇଥିଲେ।

# ହତ୍ୟା ଉଦ୍ୟମ ମାମଲା: ଫେରାର ମହିଳା ଗିରଫ

କୁକୁଡାଖଣ୍ଡି ୯।୧୦:ଏକ ହତ୍ୟା ଉଦ୍ୟମ ମାମଲାରେ ଫେରାର ଥିବା ଜଣେ ମହିଳାଙ୍କୁ ସଦର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ମହିଳା ଜଣକ ହେଲେ ସଦର ଥାନା ଅନ୍ତର୍ଗତ ସାତପାଣ୍ଡିଆ ଗ୍ରାମର ବାସନ୍ତୀ ନାୟକ (୩୭)। ଏହି ଘଟଣାରେ ପୂର୍ବରୁ ତାଙ୍କ ପୁଅ ଶିବା ନାୟକ (୧୯) ଓ ସ୍ୱାମୀ ପ୍ରକାଶ ନାୟକ (୪୫) ଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା ଓ ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୯ ତାରିଖ ସନ୍ଧ୍ୟା ପ୍ରାୟ ସାଢେ ୭ଟା ସମୟରେ ସାତପାଣ୍ଡିଆ ଗ୍ରାମର ନିବେଦିତା ନାୟକ(୪୮) ଙ୍କ ସହ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଉପରୋକ୍ତ ଅଭିଯୁକ୍ତମାନେ ଗଣ୍ଡଗୋଳ କରିଥିଲେ। ସେହି ଗ୍ରାମର ଶିବା ନାୟକ ରାସ୍ତା ଉପରେ ନିବେଦିତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଶିବାଙ୍କ ବାପା ପ୍ରକାଶ ଓ ମା' ବାସନ୍ତୀ ମିଶି ନିବେଦିତାଙ୍କ ସ୍ୱାମୀଙ୍କ ସହ ଝଗଡ଼ା କରିଥିଲେ । ଏହି ସମୟରେ ଲୁହା ବୋଲାରେ ତାଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ତାଙ୍କ ମୁହଁ, ମୁଣ୍ଡ ଓ ପିଠିରେ ଆଘାତ ଲାଗିଥିଲା। ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ରାଜଗାଙ୍ଗପୁର ବନ୍ଦ ଡାକରା ଶାନ୍ତି ଶୃଙ୍ଖଳା ସହ ସମାପନ

ରାଜଗାଙ୍ଗପୁର,୯।୧୦: ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଙ୍କ ନିର୍ଦ୍ଦେଶନାରେ ଇଣ୍ଡିଆ ବ୍ଲକ ସମର୍ଥନ ରେ ଚାରି ଦଫା ଦାବି ଓ ବିଭିନ୍ନ ସମସ୍ୟା କୁ ନେଇ ବାର ଘଣ୍ଟିଆ ବନ୍ଦ ଡାକରା ରାଜଗାଙ୍ଗପୁର ସହର ଓ ଆଖପାଖ ଅଞ୍ଚଳରେ ପୁର୍ଣ ମାତ୍ରାରେ ପ୍ରଭାବିତ ହୋଇଥିବା ପରିଲକ୍ଷିତ ହେଉଛି। ରାଜଗାଙ୍ଗପୁର ମାନ୍ୟବର ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଡଃ ସିଏସ ରାଜନ୍ ଏକ୍କା ଙ୍କ ନେତୃତ୍ୱରେ ସକାଳ ଛ ଘଟିକା ସମୟରେ ଟାଉନ କଂଗ୍ରେସ ସଭାପତି ତଥା ବିଧାୟକ ପ୍ରତିନିଧି ଦେବରଞ୍ଜନ ବିନୋଦ ଙ୍କ ତତ୍ତ୍ୱାବଧାନରେ ଶହ ଶହ ନେତା କର୍ମୀ ନେତ୍ରୀ ସେବା ଦଳ ଯୁବ କଂଗ୍ରେସ ଛାତ୍ର ମହିଳା କଂଗ୍ରେସ ଦୋକାନ ବଜାର ବିଭିନ୍ନ ଶିକ୍ଷାନୁଷ୍ଠାନ କଳକାରଖାନା ବ୍ୟାଙ୍କ ସାପ୍ତାହିକ ହାଟ ମୁଖ୍ୟ ରାସ୍ତା ରେ ଥିବା ସମସ୍ତ ଦୋକାନ ବନ୍ଦ କରିବା ପରେ ମାଟି ଗେଟ୍ ରାଣିବନ୍ଧ ବିଜୁ ରାଜ୍ୟ ରାଜପଥ ଠାରେ ଦଳୀୟ ପତାକା ଅବରୋଧ କରି ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ରାଜଗାଙ୍ଗପୁର ପୋଲିସ ସହର ର ବିଭିନ୍ନ ସ୍ଥାନରେ ପେଟ୍ରୋଲିଂ କଡାକଡି କରିବା ସହ ରାସ୍ତା ଘାଟ ଅବରୋଧ ସ୍ଥାନରେ ସଜାଗ ଥିଲେ। ଏହି ଅବସରରେ ବିଧାୟକ ବ୍ଲକ ପ୍ରତିନିଧି ଅରୁଣ ସାମଲ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଇକବାଲ ମଲ୍ଲିକ ବ୍ଲକ କଂଗ୍ରେସ ସଭାପତି ଲଳିତ ଲାକ୍ରା ବିନୟ ଭୂଷଣ ବାର୍ଲା ମହିଳା ନେତ୍ରୀ ମହୀମା ଟୋପୋ ମହିଳା ସଭାପତି ସୁସ୍ମିତା ତିଡୁ ଆଶମା ଖାତୁନ ସୁମିତ୍ରା ବାର୍ଲା ବରିଷ୍ଠ ନେତା ପାକା ବାବୁ,ଶଶି ଭୂଷଣ ଚୈରଶିଆ, ଏତଶାମ ଅହମ୍ମଦ, ସୁରେଶ ବାରିକ ଏମଡି ଶାଦ,ଆଶିଫ ରାଜା, ଶମ୍ଭୁ ସିଂ,ଅମର ପାତ୍ର, ସୁଧାଂଶୁ ସାହୁ ଜୟ ପ୍ରକାଶ ବାଦି, ଏମଡି ନସିମ, ଏମଡି ରାଜା ଙ୍କ ସହ ବହୁ ସାଧାରଣ ନାଗରିକ ଓଡ଼ିଶା ବନ୍ଦ ଡାକରା ରେ ସାମିଲ ହୋଇଥିଲେ।ବନ୍ଦ ଯୋଗୁଁ କୈଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିବା ସୁଚନା ମିଳିଛି।



# ନବମ ଦିନରେ ମହାନଗର ବିଜେଡିର ପଦଯାତ୍ରା, ସରକାର ଉପରେ ଗର୍ଜନ

ବ୍ରହ୍ମପୁର,୯।୧୦(ଅଭିଜିତ କର): ସ୍ଥାନୀୟ ହିଲପାଟଣାସ୍ଥିତ ନେହେରୁପାର୍କଠାରୁଆରମ୍ଭ ହୋଇ ଗିରି ରୋଡ ସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ମହାନଗର ବିଜୁ ଜନତା ଦଳ ତରଫରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାନଗର ସଭାପତି ଅଜିତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଜିର ନବମ ଦିନର ଏହି ପଦଯାତ୍ରାରେ ବିଜେପି ସରକାରରେ ହରାଇଥିବା ଜନ ବିରୋଧୀ ବିଷୟ ଉପରେ ଲୋକ ମାନଙ୍କୁ ଅବଗତ କରାଯାଇଥିଲା । ପରେ ଗିରି ରୋଡ ସ୍ଥିତ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଉକ୍ତ ପଦଯାତ୍ରା କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଡକ୍ଟର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ତଥା ଜିଲ୍ଲା ମହିଳା ସଭାନେତ୍ରୀ ଶ୍ରୀମତି ସଂଘମିତ୍ରା ଦଳେଇ, ଡେପୁଟି ମେୟର ତଥା ଯୁବ ନେତା ଇ ବିବେକ ରେଡ୍ଡୀ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା, ମହାନଗର ମହିଳା ସଭାନେତ୍ରୀ ସୋନଲି ଗନ୍ତାୟତ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ମହିଳା ନେତ୍ରୀ ମମତା ବିଷୋୟୀ, ସତ୍ୟ ନାରାୟଣ ତ୍ରିପାଠୀ, କର୍ପୋରେଟର ତଥା ମହାନଗର କାର୍ଯ୍ୟକାରୀ ସଭାପତି ସମୀର କୁମାର ମିଶ୍ର, ସୁରେନ୍ଦ୍ର ମହାରଣା, ଅଶ୍ୱିନୀ ପଟ୍ଟନାୟକ, ଶ୍ୱେତରେଖା ତ୍ରିପାଠୀ, ସୂର୍ଯ୍ୟକାନ୍ତ ସୁଣ୍ଢି,



ଚିତ୍ରସେନ ମହାପାତ୍ର, ଜମ୍ମଲା ଶ୍ରୀନିବାସ, ଦୁର୍ଗା କୁମାର ଲାୟକ, ପାର୍ବତୀ ପ୍ରଧାନ, ସ୍ୱର୍ଣ୍ଣଲତା ସାବତ, ପଦ୍ମିନୀ ମିଶ୍ର, ମମତା ସାହୁଙ୍କ ସମେତ ମହାନଗର ବିଜେଡିର ଅନ୍ୟ କର୍ପୋରେଟର ଗଣ ଏବଂ ଯୁବ, ଛାତ୍ର, ମହିଳା ନେତୃବୃନ୍ଦଙ୍କ ସମେତ ବିଜୁ ପରିବାରର ବହୁ ସଦସ୍ୟ ଓ ସଦସ୍ୟା ମାନେ ଯୋଗଦେଇଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ